ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

• Vol.- 46, Issue No. 34
• Tuesday, 5 May 2026
• ମଙ୍ଗଳବାର, ୫ ମଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


**ବିଜେପି ମୁଖ୍ୟାଳୟରେ ମୋଦି**

# ଗଙ୍ଗୋତ୍ରୀରୁ ଗଙ୍ଗାସାଗର ସବୁଠି ପଦ୍ମ

## ★ ରାଜନୈତିକ ଓ ସାମାଜିକ ଯାତ୍ରା ମୋଡ଼ ନେଇଛି
## ★ ଆଜିଠୁ ବଙ୍ଗ ଭୟମୁକ୍ତ ଏବଂ ବିକାଶ ପ୍ରତି ଆତ୍ମବିଶ୍ୱାସୀ



ନୂଆଦିଲ୍ଲୀ,୪ ।୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ସନ୍ଧ୍ୟାରେ ବିଜେପି ମୁଖ୍ୟାଳୟରେ ପହଞ୍ଚିଥିଲେ। ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳ ଏବଂ ପୁଡୁଚେରୀରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣା ପାଇଁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନମନ୍ତ୍ରୀ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରିଛନ୍ତି। ଏବଂ କହିଛନ୍ତି ଯେଉଁମାନେ ମୋତେ ଦେଖିପାରୁନାହାଁନ୍ତି, ମୁଁ ସେମାନଙ୍କୁ ଅନୁରୋଧ କରୁଛି ଯେ ସେମାନେ ଯେଉଁଠାରେ ଥାଆନ୍ତୁ ନା କାହିଁକି, ମୋ କଥା ଶୁଣନ୍ତୁ ଏବଂ କାହାକୁ ଆଗକୁ ବଢ଼ିବାକୁ ଦିଅନ୍ତୁ ନାହିଁ। ଆଜି ଅନେକ ଦୃଷ୍ଟିରୁ ଏକ ବିଶେଷ ଦିନ। ଏହା ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଘୋଷଣା କରିବାର ଦିନ। ଏହା ବିଶ୍ୱାସର ଦିନ। ତୁମେ ଏକ ନୂତନ ଇତିହାସ ସୃଷ୍ଟି କରିଛ, ତୁମେ ପଦ୍ମ ଫୁଟାଇଛ,ଏବଂ ତୁମେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିଛ। ବର୍ଷ ବର୍ଷର ପରିଶ୍ରମ ସଫଳ ହୋଇଛି। ପ୍ରତିଟି ବିଜେପି କର୍ମୀଙ୍କ ଖୁସିରେ ମୁଁ ସାମିଲ। ଆଜିର ଦିନ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଯାହା ଗଣତନ୍ତ୍ର ଉପରେ ଲୋକଙ୍କ ଭରସା ଦର୍ଶାଉଛି। ଆଜି କେବଳ ଗଣତନ୍ତ୍ରର ବିଜୟ ହୋଇନି, ସମ୍ବିଧାନ ବି ଜିତିଛି। ପଶ୍ଚିମବଙ୍ଗରେ ୯୩ ପ୍ରତିଶତ ମତଦାନ ଐତିହାସିକ। ଏଥିରେ ବି ମହିଳାଙ୍କ ଭାଗିଦାରୀ ଅଧିକ ରହିଛି। ଏଥିପାଇଁ ମୁଁ ନିର୍ବାଚନ ଆୟୋଗଙ୍କୁ ଧନ୍ୟବାଦ ଜଣାଉଛି। ଆପଣଙ୍କ ଅବଦାନ ସବୁଦିନ ପାଇଁ ମନେରହିବ। ବିହାର ଫଳାଫଳ ବେଳେ କହିଥିଲି ଗଙ୍ଗା ଏବେ ବଙ୍ଗକୁ ପ୍ରବାହିତ ହେବ। ଗଙ୍ଗୋତ୍ରୀରୁ ଗଙ୍ଗାସାଗର ସବୁଠି ପଦ୍ମ ଫୁଟିଲା। ଗଙ୍ଗା ଉପକୂଳରେ ଥିବା ସବୁ ରାଜ୍ୟରେ ପଦ୍ମ ଫୁଟିଛି। ଆମ ଉପରେ ଉଭୟ ଗଙ୍ଗା ଏବଂ ବ୍ରହ୍ମପୁତ୍ରଙ୍କ ଆଶୀର୍ବାଦ ନିଶ୍ଚୟ ରହିଛି। ଆସାମରେ ବିଜେପିକୁ ତୃତୀୟଥର ସମର୍ଥନ ମିଳିଛି। ଜନାଦେଶ ଏକ ନିର୍ବାଚନିକ ବିଜୟ ମାତ୍ର ନୁହେଁ।ପଶ୍ଚିମବଙ୍ଗରେ ରାଜନୈତିକ ଓ ସାମାଜିକ ଯାତ୍ରା ମୋଡ଼ ନେଇଛି। କାହିଁକି ପଶ୍ଚିମବଙ୍ଗ ଫଳାଫଳ ଏତେ ଗୁରୁତ୍ୱପୂର୍ଣ୍ଣ। ପଶ୍ଚିମବଙ୍ଗ ନିର୍ବାଚନ ବେଳେ ହିଂସା,ମୃତ୍ୟୁର ରିପୋର୍ଟ ଆସୁଥିଲା। କିନ୍ତୁ ଏଥର ଦେଶ ଦେଖିଛି ପଶ୍ଚିମବଙ୍ଗରେ ଶାନ୍ତିପୂର୍ଣ୍ଣ ନିର୍ବାଚନ। ଭୋଟିଂ ବେଳେ କାହାରି ମୃତ୍ୟୁ ଘଟିନାହିଁ। ଆମେ ହିଂସାର ଚକ୍ରକୁ ଅନ୍ତ ଘଟାଇବୁ। କିଏ ଭୋଟ ଦେଲେ କାହା ପାଇଁ,କିଏ ଭୋଟ ଦେଲେ ନାହିଁ- ଏହାର ଅନ୍ତ ଘଟିଛି। ଏଥର ଆମେ ବେଙ୍ଗଲ ପାଇଁ କାମ କରିବା। ଜଣେ ଦଳୀୟ କର୍ମୀ ଭାବରେ, ମୁଁ ପ୍ରତ୍ୟେକ ବିଜେପି କର୍ମୀଙ୍କ ଖୁସିରେ ସହଭାଗୀ। ଆଜି ଅନେକ ଦୃଷ୍ଟିରୁ ଏକ ବିଶେଷ ଦିନ। ଏହା ଦେଶର ଉଜ୍ଜ୍ୱଳ ଭବିଷ୍ୟତର ଘୋଷଣା କରେ। ଏହା ବିଶ୍ୱାସର ଦିନ। ଭାରତର ମହାନ ଗଣତନ୍ତ୍ରରେ ବିଶ୍ୱାସ। କାର୍ଯ୍ୟଦକ୍ଷତାର ରାଜନୀତିରେ ବିଶ୍ୱାସ... 'ଏକ ଭାରତ ଶ୍ରେଷ୍ଠ ଭାରତ' ଆତ୍ମାରେ ବିଶ୍ୱାସ।' ବଙ୍ଗଳାରେ ବିଜେପିର ଏହି ରେକର୍ଡ ବିଜୟ ଅନେକ ପିଢ଼ିର ଅଗଣିତ କର୍ମୀଙ୍କ ପରିଶ୍ରମ ଏବଂ ସଂଘର୍ଷ ବିନା ସମ୍ଭବ ହୋଇନଥାନ୍ତା। ମୁଁ ସେହି ସମସ୍ତଙ୍କୁ ସଲାମ କରୁଛି।

# ପଶ୍ଚିମବଙ୍ଗରେ ଫୁଟିଲା ପଦ୍ମ

- ମ୍ୟାଜିକ ସଂଖ୍ୟା ୧୪୭ • ବିଜେପି ଟପିଲା ୨ଶହ ଆସନ
- ଭବାନୀପୁରରେ ହାରିଲେ ଦିଦି
- ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ୧୫,୧୦୫ ଭୋଟ ବ୍ୟବଧାନରେ ବିଜୟୀ



ନୂଆଦିଲ୍ଲୀ,୪ ।୫: ୨୦୧୧ରେ ପଶ୍ଚିମବଙ୍ଗରେ ତିନି ଦଶନ୍ଧିର ବାମ ସାମ୍ମୁଖ୍ୟ ସରକାର ଟଳିଥିଲା। ଗତ ଏପ୍ରିଲ ୨୩ ଓ ୨୯ ଦୁଇଟି ପର୍ଯ୍ୟାୟ ନିର୍ବାଚନରେ ଭୋଟ ହାର ୯୨.୪୭ ପ୍ରତିଶତ ଛୁଇଁବା ଐତିହାସିକ ଥିଲା। ୨୯୩ ଆସନରେ ହୋଇଥିଲା ମତଦାନ। ବିଜେପି ୨୦୦ ଆସନ ଅତିକ୍ରମ କରିଛି। ତୃଣମୂଳ କଂଗ୍ରେସ(ଟିଏମସି) ୭୯ ଆସନରେ ପହଞ୍ଚିଛି। ପ୍ରଥମ ଥର ପାଇଁ ବିଜେପି ହାସଲ କରିଛି ପଶ୍ଚିମବଙ୍ଗ। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ସୋମବାର ପଶ୍ଚିମବଙ୍ଗ ବିଧାନସଭାରେ ବିଜେପି ବହୁମତ ସଂଖ୍ୟା ଅତିକ୍ରମ କରି ୧୫୬ଟି ଆସନ ଜିତିଛି ଏବଂ ୫୨ଟିରେ ଆଗୁଆ ରହିଛି। ଏହା ସହିତ ଏହାର ମୋଟ ସଂଖ୍ୟା ୨୦୮କୁ ବୃଦ୍ଧି ପାଇଛି। ୨୯୪ ସଦସ୍ୟ ବିଶିଷ୍ଟ ଗୃହରେ ଅଧା ଅଙ୍କ ୧୪୮ ରହିଛି, କିନ୍ତୁ ଫାଟାରେ ମତଦାନ ବାତିଲ ହେବା ପରେ ୨୯୩ଟି ଆସନ ପାଇଁ ଭୋଟ ଗଣତି ହୋଇଛି। ଫଳରେ ବହୁମତ ସଂଖ୍ୟା ୧୪୭କୁ ଖସି ଆସିଛି।ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ଦୁଇଟି ସର୍ବାଧିକ ଦେଖାଯାଇଥିବା ନିର୍ବାଚନମଣ୍ଡଳୀ, ଭବାନୀପୁର ଏବଂ ନନ୍ଦିଗ୍ରାମରେ ଏକ ପ୍ରଭାବଶାଳୀ ସ୍ଥିତି ସ୍ଥାପନ କରିଛନ୍ତି, ଏବଂ ଉଭୟରେ ବିଜୟୀ ହୋଇଛନ୍ତି। ଭବାନୀପୁରରେ ୨୦ତମ ଏବଂ ଅନ୍ତିମ ପର୍ଯ୍ୟାୟ ଗଣନା ପରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ଦେଇଥିବା ତଥ୍ୟ ଅନୁଯାୟୀ, ଶ୍ରୀ ଅଧିକାରୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିପକ୍ଷରେ ୧୫,୧୦୫ ଭୋଟର ଯଥେଷ୍ଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଭବାନୀପୁର ବିଜୟ ନେଇ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, ଏହା ଐତିହାସିକ ଜନାଦେଶ।

ଶେଷ ସୂଚନା ଅନୁଯାୟୀ ବିଜେପି ଏଠାରେ ୨୦୮, ଟିଏମସି ୭୯ ଓ ଅନ୍ୟାନ୍ୟ ଦଳ ୬ଟି ଆସନରେ ବିଜୟୀ ହୋଇଛନ୍ତି।

### ଏଆଇଏନଆରସି ଓ ବିଜେପିକୁ ୧୯ ଆସନ
## ପୁଡୁଚେରୀରେ ମୁଖ୍ୟମନ୍ତ୍ରୀ ରଙ୍ଗାସାମୀ ବିଜୟୀ

ନୂଆଦିଲ୍ଲୀ,୪ ।୫: କେନ୍ଦ୍ରଶାସିତ ପୁଡୁଚେରୀ ବିଧାନସଭା ଆସନ ୩୦ ହୋଇଥିବା ବେଳେ ୧୬ ଆସନ ହେଉଛି ମ୍ୟାଜିକ ସଂଖ୍ୟା। ଇତିମଧ୍ୟରେ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ରଙ୍ଗାସାମୀ ମଙ୍ଗଳମର ଥଟ୍ଟାନଚାୱାଡିରୁ ବିଜୟୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ଏଆଇଏନଆରସି ନେତା ଏନ ରଙ୍ଗାସାମୀ ସୋମବାର ଥଟ୍ଟାନଚାୱାଡି ଏବଂ ମଙ୍ଗଳମରୁ ବିଜୟୀ ହୋଇଛନ୍ତି।ଏହି ଦୁଇଟି ଆସନରୁ ସେ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ଏପ୍ରିଲ ୯ରେ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମୁଖ୍ୟମନ୍ତ୍ରୀ



ଥଟ୍ଟାନଚାୱାଡିରେ ନେୟମ ମକ୍କଲ କାଝାଗମ ପ୍ରତିଦ୍ୱନ୍ଦ୍ୱୀ ଇ ବିନ୍ୟଗମଙ୍କୁ ୪୪୪୧ ଭୋଟରେ ପରାସ୍ତ କରଛନ୍ତି। ବରୋ ଆସନ, ମନାଗାଲମରେ ମଧ ସେ ବିଜୟୀ ହୋଇଛନ୍ତି। ଡିଏମକେର ଏସଏସ ରଙ୍ଗନଙ୍କୁ ୭୦୫୦ ଭୋଟରେ ପରାସ୍ତ କରିଥିଲେ। ସେ ୨୦୨୧ ବିଧାନସଭା ନିର୍ବାଚନରେ ୟାନମ ଏବଂ ଥାଟଟାନଚାୱାଡିରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତଥାପି ସେ ୟାନମରେ ପରାଜିତ ହୋଇଥିଲେ ଏବଂ ଥାଟଟାନଚାୱାଡିରେ ସଫଳ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, '୨୦୨୧ ମସିହାରେ, ଆମେ ପୁଡୁଚେରୀର ଜନସାଧାରଣଙ୍କୁ ସର୍ବୋତ୍ତମ ପୁଡୁଚେରୀର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲୁ। ପୁଡୁଚେରୀର ଜନସାଧାରଣ ସେହି ଦୃଷ୍ଟିକୋଣରେ ସେମାନଙ୍କର ବିଶ୍ୱାସ ପ୍ରକାଶ କରିଥିଲେ ଏବଂ ଆମକୁ ଆଶୀର୍ବାଦ କରିଥିଲେ। ଏଠାରେ ଏନଡିଏ (ଏଆଇଏନଆରସି /ବିଜେପି): ୧୯ ଆସନ ,ଏସପିଏ (ଡିଏମକେ/ଆଇଏନସି): ୭ ଆସନ, ଟିଭିକେ: ୨ ଆସନ ଓ ଅନ୍ୟାନ୍ୟ/ସ୍ୱାଧୀନ: ୨ ଆସନ ପାଇଛନ୍ତି।

# ଆସାମରେ ବିଜେପିର ହ୍ୟାଟ୍ରିକ ବିଜୟ

## ମ୍ୟାଜିକ ସଂଖ୍ୟା ୬୪ :ଏନଡିଏ ମେଣ୍ଟ ୧୦୦ ପାର୍

ନୂଆଦିଲ୍ଲୀ,୪ ।୫: ୧୨୬ ଆସନ ବିଶିଷ୍ଟ ଆସାମ ରାଜ୍ୟ ବିଧାନସଭା ପାଇଁ ସରକାର ଗଠନ ନିମନ୍ତେ ମ୍ୟାଜିକ ସଂଖ୍ୟା ୬୪। ଆସାମରେ ବିଜେପି ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ଏହାର ପ୍ରଭାବଶାଳୀ ନେତୃତ୍ୱ ବଜାୟ ରଖିଛନ୍ତି। ରାଜ୍ୟର ୨୮ଟି ଆସନରେ ବିଜେପି ବିଜୟୀ ହୋଇଛି ଏବଂ ଅନ୍ୟ ୫୪ଟିରେ ଆଗୁଆ ରହିଛି, ଯାହା ମୋଟ ୮୨ଟି ନିର୍ବାଚନମଣ୍ଡଳୀକୁ ମିଶାଇଛି। ଏହି ସମୟରେ, ଏହାର ଏନଡିଏ ସହଯୋଗୀ ବିଡିପିଏଫ ଏବଂ ଏଜିପି ଯଥାକ୍ରମେ ଚାରିଟି ଏବଂ ଦୁଇଟି ଆସନ ଜିତିଛନ୍ତି। ଏହା ବ୍ୟତୀତ, ବିଡିପିଏଫ ଛଅଟି ଆସନରେ ଏବଂ ଏଜିପି ୭ଟିରେ ଆଗରେ ଅଛି। ତେଣୁ,



ଏନଡିଏ ଏପର୍ଯ୍ୟନ୍ତ ୩୬ଟି ଆସନ ଜିତିଛି ଏବଂ ଅନ୍ୟ ୬୫ଟିରେ ଆଗୁଆ ଅଛି - ଏହିପରି ମୋଟ ୧୦୧ ଆସନରେ ଆଗୁଆ।ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ପଶ୍ଚିମବଙ୍ଗରେ ବିଜୟ ସହିତ ସମଗ୍ର ଉତ୍ତର-ପୂର୍ବାଞ୍ଚଳ ଅଧିକ ସୁରକ୍ଷିତ ହୋଇଯାଇଛି।କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆସାମରେ ଏନଡିଏର କ୍ରମାଗତ ତୃତୀୟ ବିଜୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ବିଜେପିର 'ଡବଲ ଇଞ୍ଜିନ ସରକାର' ପ୍ରତି ଲୋକଙ୍କ ଭରସାର ପ୍ରତିଫଳନ ବୋଲି କହିଛନ୍ତି।ସେ କହିଛନ୍ତି ଯେ ଜନାଦେଶ ଦର୍ଶାଉଛି ଯେ ଆସାମ 'ଆଶା ଏବଂ ବିକାଶ' ଆଡକୁ ଗତି କରୁଛି ଏବଂ ବିଜୟ ପାଇଁ ଦଳର ସଭାପତି ନୀତିନ ନବୀନ, ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ଆସାମ ବିଜେପି ମୁଖ୍ୟ ଦିଲୀପ ସାଇକିଆଙ୍କ ସମେତ ବିଜେପି ନେତୃତ୍ୱ ଏବଂ ଦଳୀୟ କର୍ମୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆସାମରେ ହ୍ୟାଟ୍ରିକ ବିଜୟ ହାସଲ କରିଛି ବିଜେପି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଉପରେ ପୁଣି ଆସ୍ଥା ଦେଖାଇଛନ୍ତି ଆସାମବାସୀ। ବିଜେପି ନେତୃତ୍ୱାଧୀନ ଏନଡିଏ କେବଳ ଏଠାରେ ବିଜୟୀ ହୋଇନାହିଁ, ବରଂ ନିଜର ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଛି।ଆସାମର ୧୨୬ ବିଧାନସଭା ଆସନରୁ ବିଜେପି ନେତୃତ୍ୱାଧୀନ ଏନଡିଏକୁ ୧୦୧ ଆସନ ଜିତିବାକୁ ଯାଉଛି। ବର୍ତ୍ତମାନ ସୁଦ୍ଧା ଏହି ମେଣ୍ଟ ୭୧ଟି ଆସନ ଜିତି ସାରିଥିବା ବେଳେ ଆଉ ୩୦ଟି ଆସନରେ ଅଗ୍ରଣୀ ରହିଛି।

# କେରଳ: ୟୁଡିଏଫ ଆଗରେ



ନୂଆଦିଲ୍ଲୀ,୪ ।୫: କେରଳମ୍‌ରେ ମୋଟ ବିଧାନସଭା ଆସନ ୧୪୦ ଓ ଏଠାରେ ସରକାର ଗଠନ ପାଇଁ ଲୋଡା ମ୍ୟାଜିକ ନମ୍ବର ୭୧। ୯ ଏପ୍ରିଲରେ ଗୋଟିଏ ପର୍ଯ୍ୟାୟରେ ହୋଇଥିଲା ମତଦାନ। ଗଣତିରେ କଂଗ୍ରେସ ୬୩ଟି ଆସନ ଜିତିଥିବା ବେଳେ, ମେଣ୍ଟ ୟୁଡିଏଫ୍ ମୋଟ ୮୯ଟି ଆସନ ଜିତିଛି ଯେତେବେଳେ ଏଲଡିଏଫ୍ କେବଳ ୩୫ଟି ଆସନ ଜିତିଛି । କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ କ୍ଲିନ୍ ସୁଇପ୍ କରିବାକୁ ଯାଉଥିବା ବେଳେ ୩ଟି ଆସନରେ ବିଜୟୀ ହୋଇଛନ୍ତି ବିଜେପି ପ୍ରାର୍ଥୀ। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର। ସେ ନେମୋମ ଆସନରୁ ବିଜୟୀ ହୋଇଛନ୍ତି। କଝାକୁଟ୍ଟମ ଆସନରେ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭି ମୂରଲୀଧରନ ବିଜୟୀ ହୋଇଛନ୍ତି। ଗତ ୫୦ ବର୍ଷରେ ଏଥର ପ୍ରଥମ ଥର ପାଇଁ ଦେଶରେ କୌଣସି ରାଜ୍ୟରେ ବାମ ଦଳ ଶାସନରେ ରହିବା ସମ୍ଭବ ହୋଇ ପାରି ନାହିଁ।

# ତାମିଲନାଡୁରେ ଟିଭିକେ ସୁନାମି

## ମ୍ୟାଜିକ ସଂଖ୍ୟା ୧୧୮, ବିଜୟଙ୍କ ଦଳ ୧୦୦ ଟପିଛି

ନୂଆଦିଲ୍ଲୀ,୪ ।୫:୨୩ ଏପ୍ରିଲରେ ଗୋଟିଏ ପର୍ଯ୍ୟାୟରେ ତାମିଲନାଡୁର ସମସ୍ତ ୨୩୪ ବିଧାନସଭା ଆସନ ପାଇଁ ମତଦାନ ସମାପ୍ତ ହୋଇଥିଲା। ରାଜ୍ୟରେ ୮୫ପ୍ରତିଶତରୁ ଅଧିକ ଭୋଟଦାତାଙ୍କ ମତଦାନ ରେକର୍ଡ କରାଯାଇଥିଲା।ଏହି ରାଜ୍ୟରେ ସରକାର ଗଠନ ପାଇଁ ମ୍ୟାଜିକ ସଂଖ୍ୟା ୧୧୮ ରହିଛି। ତାମିଲନାଡୁରେ ନିର୍ବାଚନ ଲଢ଼େଇ ମୁଖ୍ୟତଃ ଶାସକ ଦ୍ରାବିଡ ମୁନେତ୍ର କାଝାଗମ (ଡିଏମକେ) ଏବଂ ବିରୋଧୀ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ର କାଝାଗମ (ଏଆଇଏଡିଏମକେ) ମଧ୍ୟରେ ଗତାନୁଗତିକ ହୋଇଥିଲେ ହେଁ ଅଭିନେତା ବିଜୟଙ୍କ ଦଳ, ତାମିଲଗା ଭେଟ୍ରିକାଝାଗମ (ଟିଭିକେ), ଏକ ନୂତନ ପ୍ରବେଶକାରୀ ଭାବରେ ଚମକ ସୃଷ୍ଟି କରିଛି ।ଦୌଡ଼ରେ ଥିବା ଅନ୍ୟ ଦଳଗୁଡ଼ିକ ମଧ୍ୟରେ



ଭାରତୀୟ ଜନତା ପାର୍ଟି (ବିଜେପି), କଂଗ୍ରେସ, ନାମ ତାମିଲର କାଚ୍ଚି (ଏନଟିକେ), ଭିସିକେ ଏବଂ ପିଏମକେ ଅନ୍ତର୍ଭୁକ୍ତ। ଟିଭିକେ ଦଳ ଶାସକ ଡିଏମକେ ଏବଂ ଏଆଇଏଡିଏମକେ ଉପରେ ଏକ ବଡ଼ ନେତୃତ୍ୱ ନେଇଛି। ଟ୍ରେଣ୍ଡ ଅନୁଯାୟୀ ବିଜୟଙ୍କ ଦଳ ୧୦୭ରୁ ଅଧିକ ଆସନରେ ଆଗୁଆ । ଅପରପକ୍ଷେ ଶାସକ ଦଳର ମେଣ୍ଟ ପ୍ରାୟ ୭୪ ଆସନରେ ଆଗୁଆ ଥିବାବେଳେ ଏଆଇଏଡିଏମକେ ୫୩ ଆସନ ପଛରେ ।୨୦୨୧ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ, ଡିଏମକେ ନେତୃତ୍ୱାଧୀନ ମେଣ୍ଟ ୧୫୯ ଆସନ ଜିତି ଦୃଢ଼ ବିଜୟ ସହିତ କ୍ଷମତାକୁ ଫେରିଥିଲା। ଏହା ଦଶ ବର୍ଷ ବିରୋଧୀ ଦଳରେ ରହିବା ପରେ ପୁନରାବୃତ୍ତି ହୋଇଥିଲା। ଏଆଇଏଡିଏମକେ ମେଣ୍ଟ ୭୫ ଆସନ ପାଇ ଏହାକୁ ମୁଖ୍ୟ ବିରୋଧୀ ଦଳ ଭୂମିକାରେ ରଖିଥିଲା।




# ନଦୀରେ ମୁଦ୍ରା ପକାନ୍ତି କାହିଁକି ?

ଟ୍ରେନ୍‌ରେ ହେଉ ବା ବସ୍‌ରେ ଯିବା ଆସିବା ସମୟରେ ଆମ ଭିତରୁ ଅନେକ କୌଣସି ପବିତ୍ର ନଦୀ ଉପରେ ଯାତ୍ରା କରିବା ବେଳେ କିଛି ବ୍ୟକ୍ତି ମୁଦ୍ରା ନଦୀ ଗର୍ଭକୁ ପକାଇଥାନ୍ତି । କେହି କେହି ଏହାକୁ ଆଧାତ୍ମିକ କ୍ଷେତ୍ରରେ ଦାନ ଭାବରେ ଗ୍ରହଣ କରିଥାନ୍ତି, କେହି କେହି ଏହାକୁ ଅନ୍ଧବିଶ୍ୱାସ ଭାବରେ ବିଚାର କରନ୍ତି । କୁମ୍ଭ ମେଳା ବା ଯେକୌଣସି ଛୋଟବଡ଼ ମେଳା ଅନୁଷ୍ଠିତ ହେଉଥିବା ସ୍ଥଳୀ ବା ନିକଟବର୍ତ୍ତୀ ଦେବାଳୟର ଜଳାଶୟକୁ ମଧ କିଛି ବ୍ୟକ୍ତି ସେହିପରି ମୁଦ୍ରା ପକାଇଥାନ୍ତି । ଆଭିଜାତ୍ୟ ପରିବାରରେ ସ୍ୱର୍ଣ୍ଣମୁଦ୍ରା ବା ରୌପ୍ୟମୁଦ୍ରା ମଧ ଅର୍ପଣ କରିଥାନ୍ତି । ଆମ ହିନ୍ଦୁ ଆଧାତ୍ମିକ ଶାସ୍ତ୍ର ଓ ସନାତନ ସଂସ୍କୃତିର ପରମ୍ପରାକୁ ଦେଖିଲେ ପ୍ରତ୍ୟେକ ଧର୍ମରେ ଦାନକୁ ଏକ ପୁଣ୍ୟ କାର୍ଯ୍ୟ ଭାବେ ଗ୍ରହଣ କରାଯାଇଛି । ଏହାଦ୍ୱାରା ଈଶ୍ୱର କୃପା ଲାଭ ହୋଇଥାଏ । ଏଣୁ ଏହାକୁ ନେଇ ଅନେକ ପରମ୍ପରା ରହିଛି । ଆମ ଦେଶରେ ଏହିପରି ଅନେକ ପରମ୍ପରା ରହିଛି । ସେଥିମଧ୍ୟରୁ ଗୋଟିଏ ହେଉଛି ନଦୀରେ ମୁଦ୍ରା ପକାଇବାର ପରମ୍ପରା । ଏହାକୁ ଏକ ପ୍ରକାର ଦାନ ଭାବେ ମଧ୍ୟ ଗ୍ରହଣ କରାଯାଇଛି । ବହୁ ପବିତ୍ର ନଦୀରେ ଗରିବ ପିଲାମାନେ ମୁଦ୍ରା ସଂଗ୍ରହ କାର୍ଯ୍ୟ ମଧ କରିଥାଆନ୍ତି । ଗତ ପ୍ରୟାଗରାଜର ମହାକୁମ୍ଭ ମେଳାରେ ଅନେକ ଗରିବ ଶ୍ରେଣୀର ସ୍ଥାନୀୟ ପିଲା ତ୍ରିବେଣୀ ସଙ୍ଗମରୁ ପଡ଼ିଥିବା ମୁଦ୍ରା ସଂଗ୍ରହ କରି ଲକ୍ଷାଧିକ ଟଙ୍କା ଉପାର୍ଜନ କରିଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ତେଣୁ କହିବାକୁଗଲେ ନଦୀରେ ମୁଦ୍ରା ପକାଇବା ଭାବନାକୁ ଏକ ପ୍ରକାର ଦାନ ବା ଅର୍ଘ୍ୟ ଭାବେ ବିଚାର କରାଯାଇପାରେ । ଦେଖିବାକୁ ଗଲେ ଏହା ପଛରେ ବୈଜ୍ଞାନିକ କାରଣ ମଧ୍ୟ ରହିଛି । ପ୍ରାଚୀନ କାଳରେ ତମ୍ବା ଓ ରୁପା ମୁଦ୍ରା ବ୍ୟବହାର କରାଯାଉଥିଲା । ଏହି ମୁଦ୍ରା ଜଳରେ ପକାଇଲେ ନଦୀର ଜଳ ଶୁଦ୍ଧ ହୋଇଥାଏ । ମୁଦ୍ରା ଏପରି ଏକ ସାମଗ୍ରୀ ଏହା ଜଳାଶୟରେ ପଡ଼ିଲେ ଜଳାଶୟକୁ ଅପରିଷ୍କାର କରିନଥାଏ । କେହି କେହି ପ୍ରାଚୀନ ସମୟର ଦୁର୍ଲଭ ମୁଦ୍ରା ପ୍ରାପ୍ତ ହୋଇ ସେମାନଙ୍କ ଭାଗ୍ୟ ପରିବର୍ତ୍ତନ ହେବାର ଅନେକ ଘଟଣା ମଧ ଲୋକେ କହନ୍ତି । ସେହିପରି ଜ୍ୟୋତିଷ ଶାସ୍ତ୍ର ଅନୁସାରେ ନଦୀରେ ରୁପା ମୁଦ୍ରା ପକାଇବା ଦ୍ୱାରା ଅନେକ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି । ତେବେ ସବୁର ମୂଳରେ ରହିଛି ବ୍ୟକ୍ତିଙ୍କ ଦୃଢ଼ ବିଶ୍ୱାସ ଓ ନିଜ ଗୁରୁ ବା ଇଷ୍ଟଙ୍କ ଉପରେ ଆତ୍ମସମର୍ପଣ ଭାବ। ନଦୀରେ ମୁଦ୍ରା ପକାଇବା ଯେଉଁପରି ଏକ ଦାତବ୍ୟ ଧାର୍ମିକ କାର୍ଯ୍ୟ ସତ୍ ହୃଦୟରେ ପ୍ରତିଦିନ କିଛି ଦାନ ଧର୍ମ କରିବା ମଧ ଏକ ଶ୍ରେଷ୍ଠ ପୁଣ୍ୟ କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ ।

***-ଅଜୟ କୁମାର ବେହେରା***
***କଟକ***



# ନିଆରା ପ୍ରାୟଶ୍ଚିତ୍ତ

ଛତ୍ରପତି ଶିବାଜୀଙ୍କ ବାଲ୍ୟକାଳର ଗୁରୁଥିଲେ ଦାଦାଜୀ କୋଣ୍ଡଦେବ। (ପରବର୍ତ୍ତୀ ସମୟର ଗୁରୁଥିଲେ ରାମଦାସ)। କୋଣ୍ଡଦେବଙ୍କର ନିଷ୍ଠା, ସାଧୁତା ଓ ସଚ୍ଚୋଟ ପଣିଆରେ ଶିବାଜୀଙ୍କ ମାଆ ବୀରାଙ୍ଗନା ଜୀଜାବାଈ ପ୍ରୀତ ଥିଲେ। ମାଆଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ପୁନାର ଜାଗିରି ଭାର ଅର୍ପଣ କରିଥିଲେ। ଜାଗିରି ଇଲାକାରେ ଏକ ବଡ଼ ବଗିଚା ଥିଲା। କୋଣ୍ଡଦେବ ତା'ର ରକ୍ଷଣାବେକ୍ଷଣ କରୁଥିଲେ। ବଗିଚାର ଗୋଟିଏ ପାର୍ଶ୍ୱରେ ସୁନ୍ଦର ଫୁଲ ବଗିଚା, ଅପର ପାର୍ଶ୍ୱରେ ନାନାଦି ଫଳଗଛ ଥିଲା। ଗ୍ରୀଷ୍ମଋତୁ ଥିଲା, ଅପରାହ୍ଣ ସମୟ। ଆମ୍ବ ବଗିଚାରେ ବୁଲୁଥିବାବେଳେ କୋଣ୍ଡଦେବଙ୍କ ନଜରରେ ପଡ଼ିଥିଲା ପତ୍ରଗହଳରେ ଥିବା ଲାଲ ଟହଟହ ପାଚିଲା ଆମ୍ବ। ଏହାର ଲୋଭ ସମ୍ବରଣ କରି ପାରିନଥିଲେ, ଆମ୍ବ ଛିଡ଼ାଇ ନେଇ ଆସିଥିଲେ। ରାତିରେ ଭୋଜନ ନିମିତ୍ତ ଉପବେଶନ କରିବାକୁ ଯିବା ସମୟରେ ଆମ୍ବଟି ନଜରରେ ପଡ଼ିବାରୁ ଭାବାନ୍ତର ସୃଷ୍ଟି ହୋଇଥିଲା। ମନେ ମନେ ଭାବିଲେ- ମୁଁ ଏହି ବଗିଚାର ରକ୍ଷକ, ମାଲିକ ନୁହେଁ। ବଗିଚା ଉପରେ ଜୀଜାବାଈଙ୍କର ପୂର୍ଣ୍ଣ ଅଧିକାର ରହିଛି। ତାଙ୍କର ବିନା ଅନୁମତିରେ ବଗିଚାରୁ ଫଳ ଆଣିବା ଚୋରି ସହ ସମାନ। ମୋତେ ଏ ନିମନ୍ତେ ଦଣ୍ଡ ମିଳିବା ଉଚିତ। ଚୋରି କଥା ମନକୁ ଆସିବାରୁ ଗ୍ଲାନିରେ ଭରି ଯାଇଥିଲା କୋଣ୍ଡଦେବଙ୍କ ମନ। ଜଣେ ସିପାହିକୁ ଡାକି କହିଲେ- ମୁଁ ଚୋରି କରିଛି। ଏଇ ଅପରାଧରେ ମୋର ହାତ ଦୁଇଟି କାଟିଦିଅ। ସିପାହି କୋଣ୍ଡଦେବଙ୍କ ଠାରୁ ଏହା ଶୁଣି ତଟସ୍ଥ ହୋଇଯାଇଥିଲା। ଜୀଜାବାଈଙ୍କ ନିକଟକୁ ଯାଇ ଏହା କହିଥିଲା। ଜୀଜାବାଈ ମଧ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ତତ୍‌କ୍ଷଣାତ୍ କୋଣ୍ଡଦେବଙ୍କ ନିକଟକୁ ଯାଇ ସବୁ କଥା ଶୁଣିବା ପରେ ତାଙ୍କ ସଚ୍ଚୋଟ ପଣିଆ ଦେଖି ଖୁସିହୋଇ ନିଜ ନିଷ୍ପତ୍ତି ଶୁଣାଇ କହିଥିଲେ- 'ଅପରାଧ ନିମିତ୍ତ ଦଣ୍ଡଦେବା ମୋର ବିଚାର ପରିସରଭୁକ୍ତ। ତୁମେ ଏଥିରୁ କ୍ଷାନ୍ତ ହେବା ଉଚିତ।' କୋଣ୍ଡଦେବ ଜୀଜାବାଈଙ୍କର ନିଷ୍ପତ୍ତି ମାନି ନେଇଥିଲେ ଓ ହାତ କାଟିବା ଭଳି କଠୋର ନିଷ୍ପତ୍ତିରୁ କ୍ଷାନ୍ତ ହୋଇଥିଲେ। ହେଲେ ପ୍ରାୟଶ୍ଚିତ୍ତ ସ୍ୱରୂପ ଆପଣା କୁର୍ତ୍ତାର ହାତ ଦୁଇଟି କାଟି ଦେଇଥିଲେ ଏବଂ ସବୁଦିନ ପାଇଁ ହାତ ନଥିବା କୁର୍ତ୍ତା ପରିଧାନ କରିଥିଲେ। କେହି ତାଙ୍କୁ ପଚାରିଲେ ସେ ଚୋରି କଥା କହି ଦିଅନ୍ତି। ସାମାନ୍ୟ ଆମ୍ବଟିଏ ଚୋରି କରି କୋଣ୍ଡଦେବ ସାରାଜୀବନ କଟାହାତ କୁର୍ତ୍ତା ପରିଧାନ କରିଥିଲେ ପ୍ରାୟଶ୍ଚିତ୍ତ ସ୍ୱରୂପ। ବାସ୍ତବ ସତ୍ୟ ଏହା ଯେ ଧର୍ମଜ୍ଞାନ ମଣିଷର ବିକୃତ, କଳୁଷିତ ଚିତ୍ତକୁ ପରିଷ୍କାର କରି ସ୍ୱଚ୍ଛ ଦର୍ପଣ ସଦୃଶ କରିଦେଇଥାଏ। ଅନୁଚିତ କର୍ମ କରିବାକୁ ସେମାନଙ୍କ ବିବେକ ବାଧା ଦେଇଥାଏ। ସେମାନଙ୍କ ଚରିତ୍ରର ଏହି ମହାନ୍ ଦିଗ ହିଁ ସେମାନଙ୍କୁ ଅନ୍ୟମାନଙ୍କଠାରୁ ନିଆରା, ଭିନ୍ନ ପ୍ରତିପାଦିତ କରିଥାଏ।



# ନୃସିଂହନାଥ ମନ୍ଦିର

ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଏହି ବୈଷ୍ଣବ ମନ୍ଦିରଟି ବରଗଡ଼ ଜିଲ୍ଲାର ପଦ୍ମପୁର ସବଡ଼ିଭିଜନର ଗନ୍ଧମାର୍ଦ୍ଦନ ପର୍ବତରେ ଅବସ୍ଥିତ। ଭଗବାନ ନରସିଂହ, ବିରାଡ଼ି ବା ମାର୍ଜାର ରୂପେ ପୂଜା ପାଉଛନ୍ତି। ଐତିହାସିକ ଓ ପଣ୍ଡିତମାନଙ୍କ ସୂଚନାରୁ ଜଣାପଡ଼େ ଯେ, ପାଟଣାଗଡ଼ର ରାଜା ବୈଦଲ ସିଂହ ଦେବ, ସୁପୁତ୍ର ପ୍ରାପ୍ତି ନିମନ୍ତେ ଏହାକୁ ନିର୍ମାଣ କରାଇଥିଲେ। ଏହାର ଉଚ୍ଚତା ୪୫ ଫୁଟ। ଏହାର ଦୁଇଟି ଭାଗ। ପ୍ରଥମଟିରେ ନୃସିଂହନାଥଙ୍କ ବିଗ୍ରହ ପୂଜା ପାଉଥିବା ବେଳେ ଅନ୍ୟଟିରେ ଜଗମୋହନ ପୂଜା ପାଆନ୍ତି। ମନ୍ଦିରର ଦ୍ୱାର କଳା ମୁଗୁନି ପଥରରେ ନିର୍ମାଣ କରାଯାଇଛି। ଏଥିରେ ଥିବା ନର୍ତ୍ତକୀ, ନୃତ୍ୟକାରୀ, ଗଜଲକ୍ଷ୍ମୀ, ଶିବ, ଗଙ୍ଗା, ଯମୁନା, ବନଦୁର୍ଗା ଓ ଭୈରବୀମାନଙ୍କ ଦେହରେ ସୂକ୍ଷ୍ମ ଶିଳ୍ପ କଳାର ବୈଭବ ଫୁଟି ଉଠିଥିବାର ଦେଖିବାକୁ ମିଳେ। ମନ୍ଦିରର ପୂର୍ବ ଦ୍ୱାରରେ ନବଗ୍ରହ ମୂର୍ତ୍ତି ଏବଂ ଏହି ଦ୍ୱାରର ଅଳ୍ପ ଦୂରରେ ଖଡ୍ଗହସ୍ତ ବୀର ସୈନିକର ମୂର୍ତ୍ତି ରହିଚି। ଏହାବ୍ୟତୀତ ଏହି କ୍ଷେତ୍ରର ବିଭିନ୍ନ ସ୍ଥଳରେ ଲକ୍ଷ୍ମୀ, ବାମନ, କାଳୀ, ବରାହ, ଶିବ, ନନ୍ଦୀ, ଗୋପାଳ, ଭୀମ, ଦୁର୍ଗା, ଗଣେଶ ଓ ପାଣ୍ଡବ ମାନଙ୍କର ପଥର ଖୋଦେଇ ମୂର୍ତ୍ତିମାନ ଦେଖିବାକୁ ମିଳେ।









# ଉପଲବ୍ଧି

ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଆଚାର୍ଯ୍ୟ ଦୀପଙ୍କରଙ୍କ ବହୁତ ଯଶ, ସମ୍ମାନ ଥିଲା। ଅଧ୍ୟୟନ-ଅଧ୍ୟାପନା ହିଁ ତାଙ୍କ ଜୀବନର ସର୍ବସ୍ୱ ଥିଲା। ଦିନେ ରାତିରେ ଦୀପାଲୋକରେ ଅଧ୍ୟୟନ କରୁଥିବା ସମୟରେ କେତେବେଳେ ତାଙ୍କର ଆଖିପତା ଲାଗିଯାଇଥିଲା ଜାଣି ପାରିନଥିଲେ। ନିଦ୍ରିତ ଅବସ୍ଥାରେ ସେ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ- ସମ୍ମୁଖରେ ଅତି ଆକର୍ଷଣୀୟ ମୁଦ୍ରାରେ ତଥାଗତ ଉପବେଶନ କରିଛନ୍ତି। ନେତ୍ର କରୁଣାରେ ପରିପୂର୍ଣ୍ଣ। ଅଧରରେ ଲାଗି ରହିଥିଲା ସ୍ମିତହସ। ତଥାଗତଙ୍କୁ ଦେଖି ଦୀପଙ୍କର ବାରମ୍ବାର ତାଙ୍କର ପାଦତଳେ ପଡ଼ି ନିଜକୁ କୃତାର୍ଥ ମଣିଲେ। ତଥାଗତ ହସିହସି ପଚାରିଥିଲେ 'ଦୀପଙ୍କର! ଏତେ ରାତିରେ ତୁମେ କ'ଣ କରୁଛ?' 'ଭଗବାନ! ମୁଁ ଧର୍ମ, ତତ୍ତ୍ୱମୀମାଂସା, ଦର୍ଶନ- ଏହି ସବୁ ପଢୁଛି।' 'ସେ ସବୁ କ'ଣ ତୁମେ ବୁଝିପାରୁଛ ନା ଖାଲି ପଢୁଛ?' 'ଅବଶ୍ୟ ବୁଝି ପାରୁଛି ଭଗବାନ'- ଦୀପଙ୍କର ଦୃଢ଼ ଆତ୍ମବିଶ୍ୱାସ ସହକାରେ କହିଥିଲେ। କିଛିକ୍ଷଣ ନୀରବ ରହି ତଥାଗତ ପଚାରିଥିଲେ – 'ତୁମେ ଖାଲି ଶବ୍ଦାର୍ଥ ବୁଝୁଛ ନା ସେସବୁ ଉପଲବ୍ଧି କରୁଛ?' ଜ୍ଞାନୀ ଦୀପଙ୍କରଙ୍କ ପାଇଁ ଏଭଳି ଏକ ପ୍ରଶ୍ନ ସମ୍ପୂର୍ଣ୍ଣ ନୂଆ ଥିଲା। ବର୍ଷବର୍ଷ ଧରି ନାଳନ୍ଦା ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ପାଠ ପଢ଼ାଇଛନ୍ତି। ଅନେକ ବିଦ୍ୱାନଙ୍କ ସହ ଶାସ୍ତ୍ରାର୍ଥ ଆଲୋଚନା କରିଛନ୍ତି। ବହୁ ବିଦ୍ୱାନଙ୍କୁ ଶାସ୍ତ୍ରାର୍ଥ ଆଲୋଚନାରେ ପରାଜିତ କରିଛନ୍ତି। ହେଲେ ଏଭଳି ପ୍ରଶ୍ନ ପୂର୍ବରୁ ତାଙ୍କୁ କେହି ପଚାରି ନଥିଲେ। ହଜାର ହଜାର ବିଦ୍ୟାର୍ଥୀଙ୍କ ଜିଜ୍ଞାସା ସମାଧାନ କରିଥିବା ଦୀପଙ୍କର ଏହି ପ୍ରଶ୍ନରେ ନିଜକୁ ଅପ୍ରତିଭ ମନେ କଲେ। ଅସହାୟ ଭାବରେ ଦୀପଙ୍କର ତଥାଗତଙ୍କ ଆଡ଼କୁ ଅନାଇ କହିଥିଲେ- 'ଭଗବାନ! ମୁଁ କେବଳ ଶବ୍ଦାର୍ଥ ହିଁ ବୁଝି ପାରୁଛି। ଉପଲବ୍ଧି କରିବା ଶକ୍ତି ମୋଠାରେ ନାହିଁ।' ଆଚାର୍ଯ୍ୟ ଦୀପଙ୍କରଙ୍କ ଏଭଳି ନିର୍ଭୀକ, ସ୍ୱଚ୍ଛ ଉତ୍ତରରେ ତଥାଗତ ଆଶୀର୍ବାଦପୂର୍ବକ ତାଙ୍କ ମଥା ଉପରେ ହାତ ରଖିଥିଲେ। ହଠାତ୍ ସ୍ୱପ୍ନ ତୁଟିଗଲା। ଦୀପଙ୍କର ନିଦ ଭାଙ୍ଗିଲା। ଜାଣିପାରିଲେ ସେ ପଢୁଥିବାବେଳେ ଶୋଇଯାଇଛନ୍ତି। ସ୍ୱପ୍ନକଥା ଚିନ୍ତା କରି ଶୟନ କକ୍ଷରେ ଅସ୍ଥିର ଭାବରେ ପଦଚାରଣା କରିବାକୁ ଲାଗିଲେ। ଜୀବନରେ ପ୍ରଥମଥର ପାଇଁ ଶବ୍ଦଜ୍ଞାନ ତାଙ୍କୁ ନିରର୍ଥକ ବୋଧ ହେଲା। ମନେମନେ ଭାବିବାକୁ ଲାଗିଲେ ଏତେକାଳ ହେଲା ବିଦ୍ୟାଭ୍ରମରେ ଅବିଦ୍ୟା ହିଁ ଅର୍ଜନ କରିଛି। ଆଖି ଆଗରେ ନାଚି ଉଠିଲା ବୋଧହୁଏ ଏଇଥିପାଇଁ (ଅବିଦ୍ୟାର ଭ୍ରମ ଓ ଅନିତ୍ୟ ସଂସାରରୁ ଦୂରରେ ରହିବାକୁ।) ତଥାଗତ ରାଜ୍ୟ, କ୍ଷମତା ଅନିନ୍ଦ୍ୟସୁନ୍ଦରୀ ପତ୍ନୀ ଗୋପା, ପୁତ୍ର ସନ୍ତାନ, ରାଜୈଶ୍ୱର୍ଯ୍ୟ, ସବୁକିଛି ଉପଲବ୍ଧି କରିବା ପରେ ହିଁ କାମନାର ବିଲୁପ୍ତି ନିମନ୍ତେ ସଂସାର ତ୍ୟାଗ କରିଥିଲେ। ଦୀପଙ୍କର ଦୃଢ଼ ହେଲେ। ବାସ୍, ଢ଼େର୍ ହୋଇଯାଇଛି, ଏବେ ସେହି ଅବିଦ୍ୟାକୁ ବିସର୍ଜନ କରିବା ହିଁ ମୋ ପାଇଁ ଶ୍ରେୟସ୍କର ହେବ।



# ପ୍ରଣବ ବିନା ସମସ୍ତ ମନ୍ତ୍ର ପ୍ରାଣହୀନ

ବିଭିନ୍ନ ମନ୍ତ୍ରର ପ୍ରାରମ୍ଭରେ 'ଓଁ'ର ଉଚ୍ଚାରଣ ହୋଇଥାଏ । 'ଓଁ'କୁ ଏକାକ୍ଷରୀ ମନ୍ତ୍ର ଭାବେ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । 'ଓଁ' ବିନା ସମସ୍ତ ମନ୍ତ୍ର ପ୍ରାଣଶକ୍ତି ବିହୀନ ବୋଲି କୁହାଯାଏ । ତେବେ ଓଁର ନିୟମିତ ଜପ ଆମ ଶରୀର ପାଇଁ ଉପକାରୀ ହୋଇଥାଏ । ନିୟମିତ ସକାଳୁ ଓ ସଂଧ୍ୟାରେ ପଦ୍ମାସନରେ ବସି ଧୀରେ ଧୀରେ ପ୍ରାଣବାୟୁରେ ସମନ୍ୱୟ ଆଣି ଏହି 'ଓଁ' ମହାମନ୍ତ୍ର ଜପ କଲେ ଅନେକ ରୋଗରୁ ମୁକ୍ତି ମିଳିଥାଏ । ଏହାକୁ ଧୀଶକ୍ତି ବୃଦ୍ଧି କରିବା ସହିତ ମନରେ ଏକାଗ୍ରତା ଆଣିଥାଏ। ଓଁ ମହାମନ୍ତ୍ର ୧୦୮ଥମର ଜପ କରିବା ଦ୍ୱାରା ମାନସିକ ଅବସାଦରୁ ମୁକ୍ତି ମିଳିଥାଏ । ଏହାର ଜପଦ୍ୱାରା ମନରେ କୌଣସି ଖରାପ ଚିନ୍ତା ଉଦ୍ରେକ ହୋଇ ନଥାଏ । ଏହାର ପ୍ରଭାବରେ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ । ଏହି ମହାମନ୍ତ୍ର ଆତ୍ମା ଓ ପରମାତ୍ମା ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଥିବା ବିଶ୍ୱାସ କରାଯାଏ । 'ଓଁ' ମନ୍ତ୍ର ଜପକଲେ ରକ୍ତ ସଂଚାଳନ ସ୍ୱାଭାବିକ ହୋଇଥାଏ ।

# ଶରୀରରେ ଲୁଣର ଅଭାବ ଆଣିଥାଏ ବହୁ ସମସ୍ୟା

ପ୍ରାୟତଃ ଲୋକମାନେ ଧାର୍ମିକ ଉପବାସ କିମ୍ବା ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ଲୁଣ ଖାଇବା ଛାଡ଼ିଥାନ୍ତି । କେବେ ଭାବିଛନ୍ତି କି, ଯଦି ଏକ ମାସ ପର୍ଯ୍ୟନ୍ତ ଲୁଣ ନ ଖାଆନ୍ତି ତେବେ ଏହା ଆପଣଙ୍କ ଶରୀରରେ କି ପ୍ରଭାବ ପକାଇବ ? ଲୁଣ ଛାଡ଼ିବା ଦ୍ୱାର ଶରୀରରେ ସୋଡ଼ିୟମ୍ ଅଭାବ ହୋଇପାରେ, ଯାହା ଆଣ୍ଠୁ ଗଣ୍ଠିରେ ଯନ୍ତ୍ରଣା, ଦୁର୍ବଳତା ଓ ଥକ୍କାପଣ ଭଳି ସମସ୍ୟା ସୃଷ୍ଟି କରିପାରେ । କିନ୍ତୁ ସମ୍ପୂର୍ଣ୍ଣ ରୂପେ ଲୁଣ ଛାଡ଼ିବା ଆପଣଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକେଇପାରେ, କାରଣ ସଠିକ ଭାବେ ମସ୍ତିଷ୍କ କାର୍ଯ୍ୟ କରିବା ପାଇଁ ସଠିକ୍ ସୋଡ଼ିୟମ ସ୍ତର ଜରୁରୀ ହୋଇଥାଏ ।

ବିଶେଷଜ୍ଞଙ୍କ ଅନୁଯାୟୀ, ପ୍ରତିଦିନ କିଛି ନିର୍ଦ୍ଦିଷ୍ଟ ପରିମାଣରେ ଲୁଣ ଖାଇବା ଆବଶ୍ୟକ, କିନ୍ତୁ ଏହାର ଅତ୍ୟଧିକ ବ୍ୟବହାର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୪ ଗ୍ରାମ୍‌ରୁ ଅଧିକ ଲୁଣ ଖାଇବା ଉଚିତ ନୁହଁ ।

ତେବେ ଜାଣିବା ଯଦି ଆପଣ ଏକ ମାସ ଧରି ଲୁଣ ଖାଇବା ବନ୍ଦ କରନ୍ତି, ଏହା ଆପଣଙ୍କ ଶରୀରରେ କ'ଣ ପ୍ରଭାବ ପକାଇବ –

**ଓଜନ ହ୍ରାସ ହେବା :** ଯଦି ଆପଣ ଏକ ମାସ ଧରି ଲୁଣ ଖାଇବା ବନ୍ଦ କରନ୍ତି, ତେବେ ଶରୀରରେ ଏହାର ପ୍ରଥମ ପ୍ରଭାବ ଓଜନ ହ୍ରାସ ଭାବେ ଦେଖାଯାଇଥାଏ । ଲୁଣର ଅଭାବରେ ଶରୀରରେ ଜଳର ପରିମାଣ ହ୍ରାସ ପାଇଥାଏ, ଯାହାଦ୍ୱାରା ପେଟ ଓ ଅଣ୍ଟାର ଚର୍ବି କମିଥାଏ । ଯଦି ଓଜନ ଅସାଧାରଣ ଭାବେ ହ୍ରାସ ପାଉଥାଏ, ତେବେ ଏହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇପାରେ ।



**ହଜମ ପ୍ରକ୍ରିୟାରେ ସମସ୍ୟା :** ଲୁଣର ଅଭାବ ଶରୀର ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ, ଯାହା ପେଟରେ ଯନ୍ତ୍ରଣା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ହଜମ ପ୍ରକ୍ରିୟକୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ଶରୀର ଏକ ନିର୍ଦ୍ଦିଷ୍ଟ ପରିମାଣର ଲୁଣ ଆବଶ୍ୟକ କରେ ।

**ମାନସିକ ସ୍ୱାସ୍ଥ୍ୟ ସମସ୍ୟା :** ଲୁଣ ଠାରୁ ନିଜକୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ରଖିବା, ମାନସିକ ସ୍ୱାସ୍ଥ୍ୟ ଉପରେ ମଧ ପ୍ରଭାବ ପକାଇପାରେ । ଲୁଣର ଅଭାବ ଦୁଃଖ,ଚାପ ଓ ଚିନ୍ତା ଭଳି ସମସ୍ୟା ସୃଷ୍ଟି କରିପାରେ । ତେଣୁ ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ପ୍ରତିଦିନ ସୀମିତ ପରିମାଣରେ ଲୁଣ ଖାଇବା ଆବଶ୍ୟକ । ଏବେ ନିଶ୍ଚୟ ବୁଝିଯାଇଥିବେ ଯେ ଏକ ମାସ ପର୍ଯ୍ୟନ୍ତ ଲୁଣକୁ ସମ୍ପୂର୍ଣ୍ଣ ରୂପେ ଛାଡ଼ିବା ସ୍ୱାସ୍ଥ୍ୟ ପାଇଁ କିପରି କ୍ଷତିକାରକ ହୋଇପାରେ । ତେଣୁ, ଏଭଳି ପଦକ୍ଷେପ ନେବା ପୂର୍ବରୁ ଡାକ୍ତର କିମ୍ବା ଡାଏଟିସିଆନ୍‌ଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ ।

# ସାଗର ପୁତ୍ରଙ୍କ ମୁକ୍ତି

ଭଗୀରଥ ଗଙ୍ଗାଦେବୀଙ୍କୁ ବନ୍ଦନାକରି ପ୍ରଣାମ କରି କହିଲେ, ମାତା ଏହି ମହାମୁନି କପିଳଙ୍କ ଆଶ୍ରମ କିପରି ଲଙ୍ଘନ କରି ଯିବା ? ଗଙ୍ଗାଦେବୀ କହିଲେ ବତ୍ସ ! ତୁ ଆଗରେ ଅଛୁ । ତୁ ଯେଉଁ ପଥ ଦେଇଯିବୁ ମୁଁ ତୋର ଅନୁଗମନ କରିବି । ଭଗୀରଥ କହିଲେ ମାତା ! ଦେଖ ସମ୍ମୁଖରେ କିପରି ଅଗ୍ନିରେ ମୋର ପ୍ରପିତାମହମାନେ କଳବଳ ହେଉଛନ୍ତି । ହେ ମାତା ! ଉପାୟ ବତାଇ ଦିଅ । ଗଙ୍ଗା ପୁନର୍ବାର କହିଲେ ତୁ ଆଗରେ ଚାଲ୍, ମୁଁ ପଛରେ ଯିବି । ଭଗୀରଥ କହିଲେ ହେ ମାତା ! ଅଯୋଧ୍ୟାରେ ମୋର ମାତାଦ୍ୱୟଙ୍କୁ ବଚନ ଦେଇ ଆସିଛି । ମୁଁ ପିତୃଙ୍କୁ ଉଦ୍ଧାର କରି ତୁମ୍ଭର ଚରଣ ବନ୍ଦନା କରିବି । ଏବେ ଅଗ୍ନିରେ ଝାସ ଦେଲେ ମୁଁ କିପରି ବର୍ତ୍ତିବି ? ମାତାଙ୍କୁ ଦେଇଥିବା ବଚନ ବୃଥା ହେବ । ଗଙ୍ଗା କହିଲେ ତୁ ପ୍ରଥମେ ଅଗ୍ନିମଧ୍ୟକୁ ଯା' ଦେଖିବୁ ପରେ କ'ଣ ହେବ । ଭଗୀରଥ କପିଳ ମୁନିଙ୍କ ଆଶ୍ରମ ଚାରିପାଖରେ ତିନିଥର ପରିକ୍ରମା କଲେ । ଗଙ୍ଗାଦେବୀ ସେହିପରି ଆଶ୍ରମ ଚାରିପଟେ ଘୂରିଲେ । ଭଗୀରଥ ଗଙ୍ଗାଦେବୀଙ୍କୁ ପ୍ରଣାମ କରି ରଥ ସହ ଶଙ୍ଖନାଦ କରି ସେହି ପ୍ରଜ୍ୱଳିତ ଅଗ୍ନିମଧ୍ୟରେ ପ୍ରବେଶ କଲେ । ଗଙ୍ଗାଦେବୀ ଭଗୀରଥଙ୍କୁ ଅଗ୍ନିରେ ପ୍ରବେଶ କରିବା ଦେଖି ଆହା ପୁତ୍ର ବୋଲି କହି ଶତଧାର ହୋଇ ଅଗ୍ନିମଧ୍ୟକୁ ବହିଗଲେ । ସଗର ପୁତ୍ରମାନେ ଯୁଗ ଯୁଗ ଧରି କପିଳମୁନିଙ୍କ କ୍ରୋଧାଗ୍ନିରେ ଅହରହ ଦଗ୍ଧ ହେଉଥିଲେ । ଏବେ ଗଙ୍ଗାଜଳ ସ୍ପର୍ଶ କରି ଶାନ୍ତିପାଇଁ ମୁକ୍ତିଲାଭ କରି ସ୍ୱର୍ଗପ୍ରାପ୍ତି ହେଲେ। ଗଙ୍ଗାଦେବୀ ଭଗୀରଥଙ୍କୁ ଉଦ୍ଧାର କରି ନିଜ ରାଜ୍ୟ ଅଯୋଧ୍ୟାକୁ ପ୍ରତ୍ୟାଗମନ କରିବାକୁ ଅନୁମତି ପ୍ରଦାନ କଲେ । ସେହିଠାରୁ ଯାଇ ଗଙ୍ଗାଦେବୀ ସାଗର ସହିତ ମିଳିତ ହେଲେ । ସାଗର ମହାମାୟୀଙ୍କ ନିଜ ସଂଗରେ ମିଶିବାଦେଖି ଅତୀବ ଆନନ୍ଦିତ ହେଲେ ।



## ଶେଷବର୍ଷ ଶିକ୍ଷାର୍ଥୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଚାରିଛକ,(ନିପ୍ର): ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ "ଆଶିଷ ଫର୍ କେମିଷ୍ଟ୍ରି" ପକ୍ଷରୁ ଆୟୋଜିତ ନିମାପଡ଼ା ଟାଉନ ହଲ୍ ପରିସରରେ ଯୁକ୍ତ ତିନି ରସାୟନ ବିଜ୍ଞାନ ଶେଷ ବର୍ଷର ଶିକ୍ଷାର୍ଥୀମାନଙ୍କ ପାଇଁ ଏକ ଭବ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ତଥା ରସାୟନ ବିଜ୍ଞାନ ଅଧ୍ୟାପକ ଆଶିଷ କୁମାର ଜେନା ଅଧକ୍ଷତା କରିଥିଲେ । ସଂଘର୍ଷ ହିଁ ସଫଳତାର ଚାବିକାଠି ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା 'ଶିଶୁ ସମାଜ'ର ପ୍ରତିଷ୍ଠାତା ଲିଙ୍ଗରାଜ



ମହାନ୍ତି ଯୋଗଦେଇ କହିଥିଲେ ଯେ, ବିନା ପରିଶ୍ରମ ଓ ସଂଘର୍ଷରେ କେବେ ବି ସଫଳତା ମିଳେନାହିଁ । ଶିକ୍ଷାର୍ଥୀମାନେ ନିଜ ଜୀବନରେ ମାଆ, ମାଟି ଓ ମାତୃଭାଷାକୁ ସର୍ବୋଚ୍ଚ ସମ୍ମାନ ଦେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ, ପ୍ରଥମେ ବାପାମାଆ, ପରେ ଅନ୍ୟମାନେ' - ଏହି ମନ୍ତ୍ରକୁ ଜୀବନର ପାଥେୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଜୀବନର ଦିଗଦର୍ଶନ ଓ ପରିବେଶ ସୁରକ୍ଷା ମୁଖ୍ୟବକ୍ତା ଭାବେ ରାଜ୍ୟସ୍ତରୀୟ କ୍ରୀଡା ପରିଚାଳକ ନିର୍ମଳ କୁମାର ମିଶ୍ର ପାଠାଧ୍ୟୟନ ସହ ଶାରୀରିକ ପରିଶ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

## ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର

ନୟାଗଡ,(ନିପ୍ର): କ୍ରୀଡା ଏବଂ ଯୁବ ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ଆୟୋଜିତ ଗ୍ରୀଷ୍ମକାଳୀନ ଶିବିର ନୟାଗଡ଼ର ବିଭିନ୍ନ ବ୍ଲକ ସ୍ତରରେ ଆରମ୍ଭ ହୋଇସାରିଛି । ଏଥିରେ ଫୁଟବଲ ଏବଂ ବ୍ୟାଡ଼ମିଣ୍ଟନ କ୍ରୀଡାକୁ ପ୍ରମୁଖ କ୍ରୀଡା ରୂପେ ବି ବେଚନା କରାଯାଇଛି । ଗ୍ରୀଷ୍ମକାଳୀନ ଶିବିର ୨୯ ତାରିଖରୁ ଅଫଲାଇନ ମାଧ୍ୟମରେ ପଞ୍ଜିକରଣ ଆରମ୍ଭ ହୋଇସାରିଛି । ବ୍ୟାଡ଼ମିଣ୍ଟନ ଶିବିର ନୟାଗଡ଼ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିଅମ ସମତେ ଦଶପଲ୍ଲା, ଖଣ୍ଡପଡା, ଓଡଗାଁ, ରଣପୁରର ବିଜୁପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ପ୍ରଶିକ୍ଷଣ ଦିଆଯାଉଛି । ଫୁଟବଲ ଗ୍ରୀଷ୍ମକାଳୀନ ଶିବିର ନୟାଗଡ଼ ଷ୍ଟାଡିଅମରେ ପ୍ରଶିକ୍ଷଣ ଦିଆଯାଉଛି । ଗ୍ରୀଷ୍ମକାଳୀନ ଶିବିରର ବୟସ ସୀମା ୮ବର୍ଷରୁ -୧୬ବର୍ଷ ମଧ୍ୟରେ ଥିବାବେଳେ ମଙ୍ଗଳବାରରୁ ରବିବାର କ୍ରୀଡ଼ାବିତ୍‌ମାନଙ୍କୁ ତାଲିମ ଦିଆଯାଉଛି ।ସମୟ ସକାଳ ୬ ରୁ ୮ ଏବଂ ସନ୍ଧ୍ୟା ୪ରୁ ୬ ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ତାଲିମପ୍ରାପ୍ତ ବ୍ୟକ୍ତି ପ୍ରଶିକ୍ଷଣ ଦେଉଛନ୍ତି ।ଏହି ଗ୍ରୀଷ୍ମକାଳୀନ ଶିବିର ୧ ତାରିଖ ମେ ମାସରୁ ଆରମ୍ଭ ହୋଇ ୧୫ ଜୁନ ପର୍ଯ୍ୟନ୍ତ ରହିବ । ଗ୍ରୀଷ୍ମକାଳୀନ ଶିବିରରେ ନୟାଗଡ଼ର କ୍ରୀଡ଼ାବିତ୍ ତଥା ନୟାଗଡ଼ ବ୍ଲକ ଅଞ୍ଚଳର କ୍ରୀଡ଼ାବିତ୍‌ମାନେ ଯୋଗାଯୋଗ ପାଇଁ ନୟାଗଡ କ୍ରୀଡା ଛାତ୍ରାବାସ ୯୩୩୭୨୭୬୭୦୫(ଟ୍ରେନର )ଏବଂ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିଅମ ଫୋନ ନମ୍ବର ୯୮୫୩୧୦୧୪୦୨(ଟ୍ରେନର )କୁ ଯୋଗାଯୋଗ କରି ଅଂଶ ଗ୍ରହଣ କରିପାରିବେ । ଏହାକୁ ଜିଲ୍ଲା କ୍ରୀଡା ଅଧିକାରୀ ସୁଜାତା କୁମାରୀ ସାହୁ ପରିଚାଳନା କରିବା ସହ ଏହି ଗ୍ରୀଷ୍ମକାଳୀନ ଶିବିରକୁ ନୟାଗଡ଼ ଜିଲ୍ଲା ପ୍ରଶାସନ ଆୟୋଜନ କରୁଛନ୍ତି ।

## ମଧୁମେହ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,(ହି.ସ.): ବ୍ରହ୍ମପୁର ହରିହରନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ମଧୁମେହ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି । ଆରୋଗ୍ୟ ଭାରତୀ ଅଧକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ଆଳସ୍ୟ, ଅଧିକ ଧାତୁକ୍ଷୟ, ମଧୁର, ଦହି ଜାତୀୟ ଖାଦ୍ୟ, ଦିବା ନିଦ୍ରା ଏହି ରୋଗର କାରଣ । ମଧୁମେହରୁ ମୁକ୍ତ ପାଇଁ ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରି ଉଷ୍ଣଜଳରେ ଲେମ୍ବୁ ଲୁଣ ସର୍ବତ ପାନ, ପ୍ରାତଃ ଭ୍ରମଣ, ଯୋଗ, ଆସନ, ପ୍ରାଣାୟାମ କରିବେ । ଖାଦ୍ୟରେ ଗଜାମୁଗ, ସୋଲା ଚଣା, ବିଟ, ଗାଜର, ମୂଳା, ପିଆଜ, କାକୁଡି ସାଲାଡ଼ ପଚିଶ ପ୍ରତିଶତ ଖାଇବେ, ତେଲ, ଆମିଷ, କ୍ଷୀର ଜାତୀୟ ସମସ୍ତ ଖାଦ୍ୟ ଓ ଚିନ୍ତା ମୁକ୍ତ ଜୀବନ ବିତାଇଲେ ଶୀଘ୍ର ମଧୁମେହ, ରକ୍ତଚାପ, କୋଲେଷ୍ଟେରଲ୍ ଭଲ ହେଉଥିବା ସୂଚନା ଦେଇଥିଲେ ।ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ୍ତ, ସ୍ତ୍ରୀ ରୋଗ ଆଦିର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଦେଇଥିଲେ । ରୋଗୀଙ୍କୁ ଔଷଧ ବିତରଣ କରାଯାଇଥିଲା ।

## ଆପ୍‌ର ସାଂଗଠନିକ ଓ ନିର୍ବାଚନ ପ୍ରସ୍ତୁତି

କେନ୍ଦୁଝର,(ନିପ୍ର): ସଦର ବ୍ଲକ ପଦ୍ମପୁର ଠାରେ ଆମ୍ ଆଦମୀ ପାର୍ଟିର ସଂଗଠନିକ ବୈଠକ ଓ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ନିର୍ବାଚନକୁ ନଜରରେ ରଖି ପାର୍ଟିର ସଂଗଠନ ସୁଦୃଢ କରିବା ସହ ଗ୍ରାମସ୍ତରରେ କାର୍ଯ୍ୟକ୍ରମକୁ ତେଜ କରିବା ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମୀମାନଙ୍କୁ ଦଳୀୟ ଆଦର୍ଶ ଓ ସେବାଭାବନା ସହ କାମ କରିବାକୁ ଆହ୍ୱାନ କରିଥିଲେ । ସେହିପରି ସୁଧୀର କୁମାର ମହାନ୍ତ, ଦୀପୁ ମହାନ୍ତ, ସନ୍ତୋଷ ବାରିକ ପ୍ରମୁଖ ଉପସ୍ଥିତ ରହି ସଂଗଠନ ବିସ୍ତାର, ବୁଥସ୍ତରର ପ୍ରସ୍ତୁତି ଓ ନିର୍ବାଚନୀ କୌଶଳ ଉପରେ ମତବ୍ୟକ୍ତ କରିଥିଲେ । ଶେଷରେ ସମସ୍ତ କର୍ମୀ ଏକତାବଦ୍ଧ ହୋଇ ଆସନ୍ତା ନିର୍ବାଚନରେ ଦଳକୁ ସଫଳ କରିବା ପାଇଁ ସଂକଳ୍ପ ନେଇଥିଲେ ।

### ||||||||||||||||||| ବାଦୁଡ଼ିଙ୍କ ଗାଁ ତୁଟାମୁଣ୍ଡା |||||||||||||||||||

# ରକ୍ଷଣାବେକ୍ଷଣ ପାଇଁ ଗ୍ରାମବାସୀଙ୍କ ଗୁରୁତ୍ୱ

ରେଢ଼ାଖୋଲ,(ନିପ୍ର): ବିରଳ ପ୍ରାଣୀ ବିରଳ ଦୃଶ୍ୟ ଆଜିକାଲି ଦେଖାଯାଉଛନ୍ତି । ଆଉ ସେଇ ବିରଳ ପ୍ରାଣୀ ହେଲେ ବାଦୁଡି । ଯାହା ସବୁ ସ୍ଥାନରେ ସହଜରେ ଦେଖାଦିଅନ୍ତି ନାହିଁ । ଏଠାରେ କିନ୍ତୁ ଗଛରେ ମାଳ ମାଳ ଝୁଲି ରହିଛନ୍ତି ସହ ସହ ସଂଖ୍ୟାର ବାଦୁଡ଼ି । ଡେଙ୍ଗା ଡେଙ୍ଗା ଗଛ ଡାଳରେ ଫଳ ପରି ଓହଳି ରହୁଛନ୍ତି । ଏମିତି ଦିନ ସାରା ଝୁଲି ଝୁଲି ପର ହଳାଉ ଥିବେ ଆଉ ରାତିହେଲେ ବାହାରିଯିବେ ଖାଦ୍ୟ ଅନ୍ୱେଷଣରେ । ଏଠି ପିଢ଼ି ପିଢ଼ି ଧରି ରହିଆସୁଛନ୍ତି ସହ ସହ ବାଦୁଡ଼ି । ବର୍ତ୍ତମାନ ଏମାନଙ୍କ ସଂଖ୍ୟା ଧୀରେ ଧୀରେ ଲୋପ ପାଇବାକୁ ବସିଛି । ଏପରି କ୍ଷେତ୍ରରେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ବଡ଼ମାଲ ରେଞ୍ଜ ଅନ୍ତର୍ଗତ ତୁଟାମୁଣ୍ଡା ଗ୍ରାମର କିଛି ଗଛରେ ଦେଖିବାକୁ ମିଳିଛି ସହ ସହ ସଂଖ୍ୟାର ବାଦୁଡ଼ି । ଏମାନଙ୍କ କିଚିରି ମିଚିରି ଶବ୍ଦରେ କମ୍ପୁଛି ସାରା ପରିବେଶ । ଭୋର ୪ଟା ହୋଇଗଲେ ବାଦୁଡ଼ିଙ୍କ ଶବ୍ଦରେ ସ୍ଥାନୀୟ ଲୋକଙ୍କ ନିଦ ଭାଙ୍ଗିଯାଏ । ଆଉ ଏହି ବାଦୁଡ଼ିଙ୍କ ପାଇଁ ସ୍ଥାନୀୟ ବାସିନ୍ଦା ଖୁସିପ୍ରକାଶ କରିଛନ୍ତି । ଯାହା ଦେଖିଲେ ଆପଣଙ୍କ ମନ ମଧ୍ୟ ଖୁସିରେ ଭରିଯିବ । ଗାଁ ଲୋକଙ୍କର ବିଶ୍ୱାସ ତାଙ୍କ ଗାଁ ପାଇଁ ବାଦୁଡ଼ିମାନେ ଖୁବ ଶୁଭ । ଏମାନେ ଏଠି ରହିବା ଦିନଠାରୁ ଗାଁରେ କୋଣସି ଅଶୁଭ ଘଟଣା ଘଟିନାହିଁ । ଗାଁ ଉପରେ ମଧ୍ୟ କାହାର ଦୃଷ୍ଟି ପଡ଼ିନାହିଁ । ଏହି ବିଶ୍ୱାସକୁ ଆଧାର କରି ଗାଁ ଲୋକମାନେ ଏ ବାଦୁଡ଼ିମାନଙ୍କୁ ସୁରକ୍ଷା ଦେଇ ଚାଲିଛନ୍ତି ପିଢ଼ି ପରେ ପିଢ଼ି । ବାଦୁଡ଼ି ଉପରକୁ କେହି ଟେକା ପଥର ଫୋପାଡ଼ନ୍ତି



ନାହିଁ । ବରଂ ବାହାର ଲୋକ ଏମିତି କଲେ କିମ୍ବା ଶିକାର କରିବାକୁ ଆସିଲେ ସେମାନଙ୍କୁ ପାଟି କରନ୍ତି । ବାଦୁଡ଼ି ରହୁଥିବାରୁ ଅନେକ ବର୍ଷ ହେଲା ଏହି ଗଛ ଗୁଡିକୁ କଟା ମଧ୍ୟ ଯାଏ ନାହିଁ । ଫଳରେ ଏହି ବାଦୁଡିମାନେ ଦିନ ରାତି ସବୁ ସମୟରେ ଏଠାରେ ଜୀବନ ଜାପାନ କରୁଛନ୍ତି । ଏମାନେ ପ୍ରକୃତିର ସୋନ୍ଦର୍ଯ୍ୟ ବଢାଉ ଥିବାବେଳେ ଏମାନେ ଗାଁ ପାଇଁ ଶୁଭଦାୟକ ତଥା ଶୁଭ ସଂକେତ ବୋଲି ଗ୍ରାମବାସୀ କହିଛନ୍ତି । ଏମାନଙ୍କ ଯୋଗୁ କୌଣସି ମହାମାରୀ,ରୋଗ ବ୍ୟାଧି,ତଥା କରୋନା ମଧ୍ୟ ଏଗାଁ ଲୋକଙ୍କୁ ହୋଇନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ତେଣୁ ଏମାନଙ୍କ ସୁରକ୍ଷା ଓ ବଂଶବୃଦ୍ଧି ପାଇଁ ସରକାର ଚିନ୍ତା ପ୍ରକଟ କରିବା ପାଇଁ ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ କହିଥିବା ବେଳେ ଏହାର ଚତୁଃପାର୍ଶ୍ୱରେ କିଛି ଜଙ୍ଗଲଜାତ ଫଳମୂଳ ଗଛ ଲଗାଇବା ତଥା ଏମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ହେଲେ ଏମାନେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଆହୁରି ୨ଗୁଣ କରନ୍ତୁ ବୋଲି ଲୋକେ ପ୍ରକାଶ କରିଛନ୍ତି । ଏହା କେବଳ ପୁରୁଣା ମନ୍ଦିର କିମ୍ବା ପୁରୁଣା ଗୁମ୍ଫାରେ ହିଁ ଦେଖିବାକୁ ମିଳିଥାଏ । ହେଲେ ଏଠାରେ ଖୋଲା ଗଛ ଡାଳରେ ଶହଶହ ବାଦୁଡିଙ୍କୁ ଦେଖିବାକୁ ମିଳୁଛି । ପ୍ରତ୍ୟେକ ଦିନ ବାହାରୁ ପର୍ଯ୍ୟଟନମାନେ ମଧ୍ୟ ଏଠାକୁ ବୁଲିବାକୁ ଆସିଥାନ୍ତି । ଏନେଇ ଅଞ୍ଚଳର ପରକ୍ଷୀତ ମାଝୀ, ସୁଧାଂଶୁ ଛନ୍ଦ, ଦୁଃଶାସନ ଗଡ଼ନାୟକ, ସଦାନନ୍ଦ ଛନ୍ଦ, କୃଷ୍ଣଚନ୍ଦ୍ର ପ୍ରଧାନ, ଶଶାଙ୍କ ଛନ୍ଦ, ସୁଧୀର ଛନ୍ଦ, ସମେତ ସମସ୍ତ ଗାଁ ଲୋକ ଏହାର ସୁରକ୍ଷା ତଥା ସହଯୋଗ ପାଇଁ ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ଆଗକୁ କେମିତି ଏମାନେ ସୁରକ୍ଷିତ ରହିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି ଗ୍ରାମବାସୀମାନେ ।

## ବିନା ସୂଚନା ଫଳକରେ ନିମ୍ନମାନର ମନ୍ଦିର ପିଣ୍ଡି ନିର୍ମାଣ : ନିଦ୍ରାରେ ପ୍ରଶାସନ !

ଚମ୍ପୁଆ,(ହି.ସ.): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭୂଇଁପୁର ଗ୍ରାମପଞ୍ଚାୟତର ଭୂଇଁପୁର ଗ୍ରାମରେ ଚାଲିଥିବା ଏକ ନିର୍ମାଣ କାର୍ଯ୍ୟକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । ଗ୍ରାମରେ ନିର୍ମାଣ ହେଉଥିବା ହନୁମାନ ମନ୍ଦିର ପିଣ୍ଡି କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ସରକାରୀ ନିୟମ ଅନୁଯାୟୀ ଯେକୌଣସି ପ୍ରକଳ୍ପ ସ୍ଥଳରେ ସାଧାରଣ ଲୋକଙ୍କ ଅବଗତି ପାଇଁ ଏକ ସୂଚନା ଫଳକ ରହିବା ବାଧ୍ୟତାମୂଳକ, କିନ୍ତୁ ଏଠାରେ ସେଭଳି କୌଣସି ଫଳକ ଦେଖିବାକୁ ମିଳିନାହିଁ । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ପ୍ରକଳ୍ପ କାର୍ଯ୍ୟ ପାଇଁ କମ୍ପେନସେଟୋରୀ ଆଫୋରେଷ୍ଟେସନ ମ୍ୟାନେଜମେଣ୍ଟ ଆଣ୍ଡ ପ୍ଲାନିଂ ଅଥୋରିଟିରୁ ଅନୁଦାନ ପ୍ରଦାନ କରାଯାଇଛି । ମାତ୍ର ସୂଚନା ଫଳକ ନ ଥିବାରୁ ଏହାର ପ୍ରକୃତ ବ୍ୟୟ ଅଟକଳ କେତେ ଏବଂ କେଉଁ ବିଭାଗ ଦ୍ୱାରା ଏହି କାମ କରାଯାଉଛି, ସେ ନେଇ ଜନସାଧାରଣ ଅନ୍ଧାରରେ ରହିଛନ୍ତି । ଜନ ସାଧାରଣଙ୍କ ନିକଟରୁ ତଥ୍ୟ ଲୁଚାଇ ନିମ୍ନମାନର କଂକ୍ରିଟ କାମ ଚାଲୁଥିବା ବେଳେ ଏହାର ଗୁଣବତ୍ତା ଯାଞ୍ଚ କରିବା ପାଇଁ ବ୍ଲକ ପ୍ରଶାସନର କୌଣସି ଅଧିକାରୀ ଉପସ୍ଥିତ ରହୁ ନ ଥିବା ଜଣାପଡିଛି । ବ୍ଲକ ପ୍ରଶାସନ ଜାଣିଶୁଣି ଏହି ନିମ୍ନମାନର କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଛି କିମ୍ବା କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । ଅଧିକାରୀଙ୍କ ଏଭଳି ନୀରବତା ଏହି କାର୍ଯ୍ୟରେ ହେଉଥିବା ଦୁର୍ନୀତିକୁ ପଦାରେ ପକାଇଛି । ଫଳରେ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାକୁ ନେଇ ଆଲୋଚନା ଜୋର ଧରିଛି । ଏ ସମ୍ପର୍କରେ ଚମ୍ପୁଆ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଭୂଇଁପୁର ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେମାନଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ନିର୍ମାଣ ଶ୍ରମିକଙ୍କୁ ସହାୟତାର ହାତ ବଢ଼ାଇଲେ ବଜରଙ୍ଗୀ ଶ୍ରମିକ ସଂଘ

କେନ୍ଦୁଝର,(ନିପ୍ର): ବାଂଶପାଳ ବ୍ଲକ ସ୍ଥିତ ସାହାରପୁର ଗ୍ରାମେର ନିର୍ମାଣ ଶ୍ରମିକଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଯେଉଁ ଥିରେ ପ୍ରଯାତ ୨୫୦ ନିର୍ମାଣ ଶ୍ରମିକ ଉପସ୍ତିତ ଥିଲେ । ଉକ୍ତ ସଭାରେ ଦୁଇଶହ ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ ପରିଚୟ ପତ୍ର



ପ୍ରଦାନ କରାଯିବା ସହ ଦୁଇ ଜଣ ଶ୍ରମିକଙ୍କୁ ୧୫୦୦ ଲେଖାଏଁ ରାଶି ଚିକିତ୍ସା ନିମେନ୍ତ ପ୍ରଦାନ କରାଯାଇଛି । ଉକ୍ତ ସଭାରେ ବଜାରଙ୍ଗୀ ନିର୍ମାଣ ଶ୍ରମିକ ସଂଘର ସଭାପତି ଯତୀନ୍ଦ୍ର କୁମାର ବେହେରା ଉପସ୍ତିତ ରହି ଶ୍ରମିକମାନଙ୍କ ଅଧିକାର ବିଷୟେର ପଙ୍ଖାନୁପୁଙ୍ଖ ଭାବେର ଶ୍ରମିକଙ୍କୁ ଅବଗତ କରାଇବା ସହ କିଭଳି ଶ୍ରମିକ ସମାଜ ଅବେହଳା ତଥା ଶୋଷଣର ଶିକାର ନ ହେବେ, ସଥିପ୍ରତି ସମେସ୍ତ ଯତ୍ନବାନ ହେବାର ଆବଶ୍ୟକତା ଥିବା କଥା କହିଥିଲେ । ହୋ ସମାଜର ଜଣାଶୁଣା ସମାଜେସବା ବିଜୟ କୁମାର ମୁଣ୍ଡା ଶ୍ରମିକମାନେ କିଭଳି ସରକାରୀ ସହାୟତା ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସମେସ୍ତ ଧ୍ୟାନ ଦେବା ସହ ଯଦି ଶ୍ରମିକ କେଉଁଠି ଅବହେଳାର ଶୀକାର ହୁଏ, ତେବେ ତୁରନ୍ତ ସଂଘକୁ ଜଣାଇବା ପାଇଁ ଅନୁରୋଧ କରିଥିଲେ । ସଭାର ଆବାହକ ଅର୍ଜୁନ କୁମାର ଦେହୁରୀ ସଭାକାର୍ଯ୍ୟ ପରିଚାଳନା କରିବା ସହ ଆଗାମୀ ଦିନେର ସମସ୍ତେ ଯେଭଳି ଲେବର କାର୍ଡରେ ସହାୟତା ପାଇପାରିବେ ତା ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ।

## ପଞ୍ଚସଖା ସେତୁ କାର୍ଯ୍ୟକ୍ରମ: ବୁଦ୍ଧିଜୀବୀ, ଶିକ୍ଷାବିତ୍, ପୁରାତନ ଛାତ୍ରଙ୍କ ସମାବେଶ

ନିମାପଡ଼ା,(ନି.ପ୍ର.): ନିମାପଡ଼ା ସରକାରୀ ପିଏମଶ୍ରୀ ବାଳକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଶ୍ୟାମସୁନ୍ଦରପୁର ମଠ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଅନେକ ମୌଳିକ ସୁବିଧାରୁ ବଂଚିତ ହୋଇଥିଲେ ହେଁ ବିଦ୍ୟାଳୟର ଉନ୍ନତି ନିମନ୍ତେ ସରକାରଙ୍କ ଦୃଷ୍ଟି ପଡ଼ିବା ନିମନ୍ତେ ପୁରାତନ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷାବିତ୍‌ମାନେ ଦାବି କରିଥିଲେ । ସରକାରୀ ଆଦେଶ ପାଳନ କରିବା ଲକ୍ଷ୍ୟରେ ବିଦ୍ୟାଳୟ ପକ୍ଷରୁ ପଂଚଶିକ୍ଷା ସେତୁ କାର୍ଯ୍ୟକ୍ରମରେ ପୁରାତନ ଶିକ୍ଷକ ନାରାୟଣ ମିଶ୍ର, ପୂର୍ବତନ ବ୍ଲକ୍ ଶିକ୍ଷାଧିକାରୀ ସଂଯୁକ୍ତା ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମିମା ବେଗମ, କାଉନସିର ଧନୁର୍ଦ୍ଧର ଦାସ, ଶିକ୍ଷକ ଜ୍ୟୋତି ରଂଜନ ରଥ, ଅକ୍ଷୟ ମହାନ୍ତି, ଦୁର୍ଗା ପ୍ରସାଦ ବାରିକ, ରଂଜିତ କେଶରୀ ନାୟକ ପ୍ରମୁଖ ଯୋଗ ଦେଇ ସାମଗ୍ରିକ ଉନ୍ନତି ନିମନ୍ତେ ବିଭିନ୍ନ ପ୍ରସ୍ତାବ ମାନ ଦେଇଥିଲେ । ସେହିଭଳି ପ୍ରାଚୀ ବାଳିକା ବିଦ୍ୟାପୀଠ ପରିସର ପକ୍ଷରୁ ଆୟୋଜିତ ପଂଚସଖା ଶିକ୍ଷାସେତୁ କାର୍ଯ୍ୟକ୍ରମ ତୁଳସୀପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାନ୍ତିଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଥିଲା । ସରପଂଚ ମୁଣ୍ଡୀ ଭୋଇ, ପୁରାତନ ଛାତ୍ର ସଂଘ ସଭାପତି ପିଙ୍କି ସେଠୀ, ପରିଚାଳନା କମିଟି ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ତ୍ରିପାଠୀ, ଅରକ୍ଷିତ ଭୋଇଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଜନସାଧାରଣ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଜନ ପ୍ରତିନିଧି ବୃନ୍ଦ ଯୋଗଦେଇ ବିଦ୍ୟାଳୟ ନିମନ୍ତେ ଶୌଚାଳୟ, ଫର୍ଣ୍ଣିଚର, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷୟିତ୍ରୀ ତିଳୋତମା ସାହୁ, କବିତା ସାହୁ, ଏଲିନା ଖୁଂଟିଆ, ରାଜଶ୍ରୀ ସେଠୀ, ସାମିଆ ପ୍ରଧାନ, ତନୁଶ୍ରୀ ଗୁମାନସିଂହ, ଗୋଲାପ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଭୁବନରେ ବାଦୀପାଲା ମହୋତ୍ସବ

ଭୁବନ,(ହି.ସ.): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଗାୟତ୍ରୀ ପାଲା ମଣ୍ଡପ ଠାରେ ଗତ ୧ ତାରିଖ ଶୁକ୍ରବାର ଠାରୁ ୩୮ ତମ ବାଦୀପାଲା ମହୋତ୍ସବ ଅନୁଷ୍ଠିତ ହେଉଛି । ସଭାପତି ହୃଷୀକେଶ ସାହୁ, ସମ୍ପାଦକ ନରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାଦୀପାଲାରେ ଗାୟକ ଜ୍ଞାନ ବାରିଧି ଭାସ୍କର ଚନ୍ଦ୍ର ସାହୁ ଏବଂ ଗାୟକ ବାଣୀ ବିନୋଦ ପ୍ରସନ୍ନ କୁମାର ପଟ୍ଟନାୟକ ପାଲା ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି । ସନ୍ଧ୍ୟା ପରଠାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାଦୀପାଲା ଦେଖିବାକୁ ପ୍ରବଳ ଜନ ସମାଗମ ହେଉଛି ।

ଲଳିତ କୁମାର ମିଶ୍ର, ବ୍ରହ୍ମାନନ୍ଦ ସାହୁ, ଯୁବରାଜ ସାଥୁଆ ମହାପାତ୍ର, ସୁରେଶ କୁମାର ସାହୁ, ରତିକାନ୍ତ ସାହୁ, ଅଜୟ କୁମାର ସେଠୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରୁଛନ୍ତି । ଆସନ୍ତା ୫ ତାରିଖ ମଙ୍ଗଳବାର ବାଦୀପାଲାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି ।

# ବାଲ୍ୟବିବାହ ରୋକିଲେ ଚାଇଲଡ୍ ହେଲ୍ପ ଲାଇନ୍

ପାରଳାଖେମୁଣ୍ଡି,(ନିପ୍ର): ଚାଇଲଡ୍ ହେଲ୍ପ ଲାଇନର ଟୋଲ ଫ୍ରି ନମ୍ବର ୧୦୯୮କୁ କଲ ଆସିଲା ଯେ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପରିଡା ଗ୍ରାମପଞ୍ଚାୟତର ଗୋଟିଏ ବାଲ୍ୟ ବିବାହ ହେବାକୁ ଯାଉଛି । ଏହି ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାକରିବା ସଙ୍ଗେ ସଙ୍ଗେ ଏକ ଦଳ ଗଠନ କରାଗଲା ଗୁମ୍ମା ବ୍ଲକର ଆସିଡିଏସର ସିଡିପିଓ,, ଡିସିପିୟୁର ସଦସ୍ୟ ଚାଇଲଡ଼ ହେଲ୍ପ ଲାଇନର କେଶ ୱାର୍କର୍, ସଖୀ କେନ୍ଦ୍ରର ସଦସ୍ୟା, ଆଭା ଏନଜି ଓ ସଦସ୍ୟା, ସେରଙ୍ଗ ଥାନା ଅଧିନରେ ଥିବା ଗାଇବା ଫାଣ୍ଡିର ପୋଲିସଙ୍କ ସହ ମିଶି ଏକ ଦଳ ଗଠନ କରି ଉକ୍ତ ବିବାହ ହେଉଥିବା ସ୍ଥାନରେ ପହଞ୍ଚିଲେ । ଗଜପତି ଜିଲ୍ଲାରେ ପ୍ରଥମ ଥର ପାଇଁ ଦେଖିବାକୁ ପାଇଲୁ ଯେ ବିବାହ କାର୍ଯ୍ୟ ସମ୍ପନ୍ନ କରିବାକୁ ଆସିଥିବା ପୁରୋହିତ ଝିଅର ବିବାହର ପ୍ରକୃତ ବୟସ ହୋଇନି ବୋଲି ଜାଣି ବିବାହ ନ କରି ବିବାହ ମଣ୍ଡପରୁ ଟିମ ଆସିବା ପୂର୍ବରୁ ପଳାୟନ କରିଥିଲେ । ବାଲ୍ୟ ବିବାହକୁ ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଥିଲା । ବାଲ୍ୟ ବିବାହର ନିରୋଧ ଆଇନ ଓ ତାର ଦଣ୍ଡବିଧାନ ବିଷୟରେ ଜଣାଇଥିଲେ । ଝିଅଟିର ବୟସ ୧୭ ବର୍ଷ ୯ମାସ ହୋଇଥିବାରୁ ଝିଅଟିକୁ ବିବାହ ସ୍ଥାନରୁ ଉଦ୍ଧାର କରି ଶିଶୁ କଲ୍ୟାଣ ସମିତି ଗଜପତିରେ ଉପସ୍ଥାପନ କରାଯାଇଥିଲା । ଶିଶୁ କଲ୍ୟାଣ ସମିତି ଗଜପତି ଶିଶୁ ଓ ତାଙ୍କ ପରିବାର ସଦସ୍ୟ ଠାରୁ ସମସ୍ତ ବିଷୟ ପଚାରି ବୁଝି ଥିଲେ । ପରେ ଶିଶୁ ଓ ତାଙ୍କ ପିତାମାତାଙ୍କୁ ବାଲ୍ୟ ବିବାହ ଏକ ଅପରାଧ ବିଷୟରେ ବୁଝାଇଥିଲେ । ଅର୍ଥାତ ଝିଅର ବୟସ ୧୮ ଓ ପୁଅର ବୟସ ୨୧ ବର୍ଷ ବିବାହ ପାଇଁ ଉପଯୁକ୍ତ ବୟସ ଅଟେ ବୋଲି ଜଣାଇଥିଲେ । ପରିବାର ସଦସ୍ୟ ଏ ବିଷୟରେ ବୁଝିବା ପରେ ପରିବାର ସଦସ୍ୟ ଶିଶୁର ୧୮ବର୍ଷ ପୂର୍ବରୁ ବିବାହ ଦେବେ ନାହି ବୋଲି ଲିଖିତ ଭାବରେ ଜଣାଇବା ପରେ ଶିଶୁଙ୍କୁ ତାଙ୍କର ମାତାଙ୍କୁ ହସ୍ତାନ୍ତର କରିଥିଲେ ।



## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନବୀକୃତ ସମ୍ମିଳନୀ କକ୍ଷ ଉଦ୍‌ଘାଟିତ

ଭୁବନେଶ୍ୱର,(ହି.ସ.): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ନବୀକୃତ ସମ୍ମିଳନୀ କକ୍ଷର ନୂତନ ଭାବେ ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ସକାଳୁ ଶୁଭ ବେଳାରେ ପାରମ୍ପରିକ ପୂଜା ଅନୁଷ୍ଠିତ ହେବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ସ୍ୱରୂପ ଶ୍ରୀକ୍ଷେତ୍ରରୁ ମହାପ୍ରଭୁଙ୍କ



କରପଲ୍ଲବ ଫୁଲ ଆସିଥିଲା । ସମ୍ମିଳନୀ କକ୍ଷକୁ ଉଦ୍‌ଘାଟନ କରି ମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ଏହା ରାଜସ୍ୱ ବିଭାଗର ନବକଳେବରର ପ୍ରତୀକ ବୋଲି ମତପ୍ରକାଶ କରିଥିଲେ । ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏହି ନବୀକୃତ ସମ୍ମିଳନୀ କକ୍ଷ ରାଜସ୍ୱ ବିଭାଗର ନୂତନ ସଂସ୍କାରମୂଳକ ପଦକ୍ଷେପମାନଙ୍କୁ ପ୍ରତିଫଳିତ କରୁଥିବା ବେଳେ ବିଭାଗର ସାମର୍ଥ୍ୟ ଏବଂ କାର୍ଯ୍ୟକାରିତା ବୃଦ୍ଧି କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମତବ୍ୟକ୍ତ କରିଥିଲେ । ନବୀକୃତ ସମ୍ମିଳନୀ କକ୍ଷରେ ପ୍ରଥମ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ସଫଳତା, ପାରଦର୍ଶୀ କାର୍ଯ୍ୟକ୍ରମ ଏବଂ ଆଗାମୀ ଦିନମାନଙ୍କରେ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ଏକ ଉପସ୍ଥାପନା ପ୍ରଦର୍ଶିତ ହୋଇଥିଲା । ମନ୍ତ୍ରୀଙ୍କ ପରାମର୍ଶ ସହ ବିଭାଗର ବିଭିନ୍ନ ପ୍ରସଙ୍ଗରେ ସୁବିସ୍ତୃତ ଆଲୋଚନା ହୋଇଥିଲା । ଏହି ଅବସରରେ ନବୀକରଣ କାର୍ଯ୍ୟକୁ ସମ୍ପନ୍ନ କରିଥିବା ନିର୍ମାଣ ବିଭାଗର ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ରହିଥିଲେ ।

## ଫ୍ରଣ୍ଟିୟର ଟେକ୍ନୋଲୋଜିରେ ସେଣ୍ଟର ଅଫ୍ ଏକ୍ସଲେନ୍ସ ଉଦ୍‌ଘାଟିତ

ଗୁଣୁପୁର,(ନିପ୍ର): ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଆଇଡି ଏସ ପ୍ରାଇଭେଟ୍ ଲିମିଟେଡର ଫ୍ରଣ୍ଟିୟର ଟେକ୍ନୋଲୋଜିରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଉଦ୍ଘାଟିତ ହୋଇଯାଇଛି ।କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନୟରିଙ୍ଗ୍ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇ ଡି ଏସ ପ୍ରାଇଭେଟ୍ ଲିମିଟେଡର ଉପ ସଭାପତି ସୁନୀଲ ସୁବ୍ରମଣ୍ୟମ ଯୋଗଦେଇ ବର୍ତ୍ତମାନର ଦ୍ରୁତ ପରିବର୍ତ୍ତନଶୀଳ ପ୍ରଯୁକ୍ତିକ ପରିବେଶରେ ଅନୁକୂଳନ କ୍ଷମତାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ । ସେ କହିଥିଲେ ଯେ ପେଶାଦାରମାନେ ନିରନ୍ତର ଭାବେ ନୂତନ ପ୍ରଯୁକ୍ତି ସହ ଅପଡେଟ୍ ରହିବା ଆବଶ୍ୟକ । ନିଜେ ମଧ୍ୟ ସାର୍ଟିଫିକେସନ୍ କରି ନିଜକୁ ପ୍ରସ୍ତୁତ ରଖିଛନ୍ତି । ବିଶ୍ୱବିଦ୍ୟାଳୟର ଉପସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗ ଦେଇ ଅଧ୍ୟାପକମାନଙ୍କ ପାଇଁ ଏହି ସେଣ୍ଟର ଅଫ୍ ଏକ୍ସେଲେନ୍ସ ବିଶେଷ ଭାବେ ଉପକାରୀ ହେବ, ଯାହା ତାଙ୍କର ଶିକ୍ଷାଦାନ କ୍ଷମତା ଓ ଗବେଷଣାର କ୍ଷମତାକୁ ଉନ୍ନତ କରିବ । ଉପ କୁଳପତି ଡ ଏ ଭି ଏନ୍ ଏଲ ଶର୍ମା ଯୋଗ ଦେଇ ଭବିଷ୍ୟତରେ ନୂତନ ଜ୍ଞାନର ଅନ୍ୱେଷଣ ଓ ନିଷ୍ପତ୍ତି ନେବା, ଗବେଷଣା ଓ ପ୍ରଯୁକ୍ତିଗତ ଉନ୍ନତିରେ ତଥ୍ୟର ଭୂମିକା ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରୁଥିଲେ ।ଏହି ଅବସରରେ ଆଇ ଡି ଏସ ପ୍ରାଇଭେଟ୍ ଲିମିଟେଡର ଉପ ସଭାପତି ସୁନୀଲ ସୁବ୍ରମଣ୍ୟମ ଏବଂ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଡ ଏନ୍ ଭି ଜେ ରାଓଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା । କ

## ନିବେଦିତା ବେହେରା ବ୍ଲକ୍ ଟପ୍ପର

ବୁଗୁଡ଼ା,(ନିପ୍ର): ପ୍ରକାଶିତ ମାଟ୍ରିକ୍ ପରୀକ୍ଷା ଫଳକୁ ନେଇ ବୁଗୁଡ଼ା ବ୍ଲକର ଛାତ୍ରଛାତ୍ରୀ ଉତ୍ସାହିତ ଥିବା ଜଣାପଡ଼ିଛି । ଏଥର ବୁଗୁଡ଼ା ବ୍ଲକ ଅନ୍ତର୍ଗତ ୨୭ଟି ହାଇସ୍କୁଲ ମଧ୍ୟରୁ ୬ଟି ହାଇସ୍କୁଲର ୮ ଜଣ ଛାତ୍ରଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବୁଗୁଡା ବ୍ଲକର ସୋରୋଡ ଗ୍ରାମସ୍ଥ ଶ୍ରୀ ବାଲୁଙ୍କେଶ୍ୱର ହାଇସ୍କୁଲର ମେଧାବୀ ଛାତ୍ରୀ ନିବେଦିତା ବେହେରା ସର୍ବାଧିକ ୫୬୩ ମାର୍କ ପ୍ରାପ୍ତ କରି ବୁଗୁଡ଼ା ବ୍ଲକ ଟପ୍ପର ରୂପେ ବିବେଚିତ ହୋଇଛନ୍ତି । ସେହିପରି ବାଲିପଦର ହାଇସ୍କୁଲର ଛାତ୍ର ତରୁଣ ପାତ୍ର ୫୫୧, ବୁଗୁଡ଼ା ପିପୁଲ୍ସ ହାଇସ୍କୁଲର ଛାତ୍ର ସଙ୍ଗମ ସେଠୀ ୫୪୭ , ବି.କରଡ଼ାବାଡ଼ି ହାଇସ୍କୁଲର ଛାତ୍ର ସାଇ ପ୍ରସାଦ ଗୌଡ ୫୪୬, ସୋରୋଡ ହାଇସ୍କୁଲର କୋମଲ ବେହେରା ୫୪୫ ଓ ବିରଞ୍ଚିପୁର ହାଇସ୍କୁଲର ଛାତ୍ର ମାନସ ରଞ୍ଜନ ହୋତା ୫୪୫, ଖରିଡା ହାଇସ୍କୁଲର ଛାତ୍ରୀ ଚିନ୍ମୟୀ ହୋତା ୫୪୪ ଓ ବାଲିପଦର ହାଇସ୍କୁଲର ଛାତ୍ରୀ ଇପ୍ସିତା ଦାସ ୫୪୦ ମାର୍କ ହାସଲ ପୂର୍ବକ ଏ-୧ରେ ଉତ୍ତୀର୍ଣ ହୋଇ ସ୍ୱ ସ୍ୱ ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି । ତେବେ ଛାତ୍ରୀ ନିବେଦିତା ବେହେରା ସର୍ବାଧିକ ୯୩.୮୩ ପ୍ରତିଶତ ନମ୍ବର ରଖି ବୁଗୁଡ଼ା ବ୍ଲକ ଟପ୍ପର ହୋଇଥିବାରୁ ସେ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛନ୍ତି ।

## ମିଳିତ ଜନ ଶୁଣାଣିରେ ୧୧୫ ଅଭିଯୋଗ

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରଠାରେ ଯୁକ୍ତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୧୧୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୮୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୪ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡକ୍ରସ ଅଧୀନସ୍ଥ ୫ଟି ଅଭିଯୋଗ ରହିଥିଲା । ଶୁଣାଣି ସମୟରେ ୨୬ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା । ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୫ ଜଣ ଅଭିଯୋଗକାରୀଙ୍କୁ ମୋଟ ୨୨,୫୦୦/-



ଟଙ୍କା ମଞ୍ଜୁର କରାଯାଇଛି ।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ ଓ ରବି ନାରାୟଣ ସାହୁ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଶତ ପ୍ରତିଶତ ଫଳାଫଳ, ଅଭିଭାବକଙ୍କ ମହଲରେ ଖୁସିର ଲହରୀ

ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ଚଳିତ ମାଟ୍ରିକ ପରୀକ୍ଷାରେ ଏ ୱାନ ଓ ଏ ଟୁରେ ପାଶ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନୀତ କରାଯାଇଥିଲା । ଚଳିତବର୍ଷ ଦଶମ ଶ୍ରେଣୀରେ ମୋଟ ୮୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଏ ୱାନରେ ଶୁଭଶ୍ରୀ ସାହୁ(୫୪୮)ଏ ଟୁରେ ସୌମ୍ୟଶେଖର ସାହୁ (୫୨୯),ଆଙ୍କାକ୍ଷା ସିହ୍ନା (୫୨୬)ମୋନିସା ପ୍ରିୟଦର୍ଶିନୀ ସାହୁ(୫୨୪)ସୋନମ ସୁଚରିତା ସାହୁ (୪୮୯), ବି ୱାନରେ ୧୨ଜଣ,ବି ଟୁରେ ୧୩ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ସମସ୍ତ ପରୀକ୍ଷାର୍ଥି ପାସ ହୋଇଥିବା ବେଳେ ଶତ ପ୍ରତିଶତ ଫଳାଫଳ ହୋଇଛି । ବିଦ୍ୟାଳୟ ପରିସରରେ ଏ ୱାନ ଓ ଏ ଟୁରେ ପାସ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା ।

ତିଥି :(ତୃତୀୟା): (ଜ୍ୟେଷ୍ଠା ବିଛା)
ଅମୃତ ବେଳା: ଦିବା ଘ ୭।୪୫ ଗତେ ଘ ୧୦।୦୯ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେଉଁ ସୁଖ ଆରମ୍ଭରେ ବିଷତୁଲ୍ୟ ଓ ପରିଣାମରେ ଅମୃତତୁଲ୍ୟ, ତାହାକୁ ସାତ୍ତ୍ୱିକ ସୁଖ କୁହାଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଜୀବନ ରକ୍ଷା ଆଗ

ପାଣିରେ ବୁଡ଼ି ଯାଇ ପ୍ରାଣ ହରାଇବା ଘଟଣା ଆମ ରାଜ୍ୟରେ ନିତ୍ୟ ନୈମିତ୍ତିକ ହେଲାଣି। ମେ ୩ରେ ବାଲେଶ୍ୱର ଖନ୍ତାପଡ଼ା ଅନ୍ତର୍ଗତ ଭୂଇଁପଡ଼ା ଗ୍ରାମ ପୋଖରୀରେ ଗାଧୋଉଥିବାବେଳେ ଗଭୀର ପାଣିକୁ ଗୋଡ଼ ଖସି ୧୦ ବର୍ଷୀୟ ଦୁଇଭଉଣୀ ପ୍ରାଣ ହରାଇଲେ। ମେ ପହିଲାରେ ନୟାଗଡର ଏକ ଡ୍ୟାମ୍‌କୁ ମାଛ ମାରି ଯାଇଥିବାବେଳେ ଜଣେ ବୁଡ଼ି ଯାଇ ପ୍ରାଣ ହରାଇଥିବାବେଳେ ଆଉ ଜଣେ ନିଖୋଜ ହୋଇଗଲେ। ଗତ ତିନି ମାସରେ ପୁରୀ ସମୁଦ୍ରରେ ବୁଡ଼ ଯାଇ ଅତି କମ୍‌ରେ ୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି। ଗତ ମାର୍ଚ୍ଚରେ କୋରାପୁଟ ଓ ମୟୂରଭଂଜ ଜିଲ୍ଲାର ଭିନ୍ନ ଭିନ୍ନ ସ୍ଥାନରେ ବୁଡ଼ି ଯାଇ ୫ ନାବାଳକ ପ୍ରାଣ ହରାଇଲେ। ଏ ସବୁ ଖବର ଦର୍ଶାଏ ଯେ ପ୍ରଥମତଃ ପହଁରା ଶିଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ପାଣିକୁ ଯିବା ମାତ୍ରେ ବରାବର ଜୀବନର ଭୟ ପହଁରା ଜାଣିନଥିଲେ ରହିବା ସ୍ୱାଭାବିକ। ପୁରୀ ସମୁଦ୍ରରେ ଅଳ୍ପ ପାଣିରେ ସ୍ନାନ କଲେ ବିପଦ କମ୍ ଥାଏ, କିନ୍ତୁ ଗଭୀରକୁ ଗଲେ ଯେତେ ପହଁରା ଶିଖିଥିଲେ ବି ସମୁଦ୍ର ପାଣି ପହଁରା ଆୟତ୍ତ କରିନଥିଲେ, ଜୀବନ ଯିବା ଆଶଙ୍କା ରହିଥାଏ। ସୁତରାଂ ଜଳକୁ ଯିବା ମାତ୍ରେ ଜୀବନ ସୁରକ୍ଷାକୁ ସବୁଠୁ ପ୍ରାଧାନ୍ୟ ଦେବା ନିତାନ୍ତ ଆବଶ୍ୟକ। ନିକଟରେ ମଧ୍ୟପ୍ରଦେଶ ଜବଲପୁର ବର୍ଗି ଜଳଭଣ୍ଡାର ଭିତରକୁ ଏକ ଡଙ୍ଗାରେ ୪୧ ଜଣ ପର୍ଯ୍ୟଟକ ବୁଲିବାକୁ ଯାଇଥିଲେ। ପାଗ କଥା କେତେବେଳେ କ'ଣ କହିହେବନାହିଁ। ଘଟଣା ଦିନ ହଠାତ୍ ଝଡ଼ବର୍ଷା ଆସିଲା ଓ ପ୍ରବଳ ଢେଉ ମାଡ଼ରେ ଡଙ୍ଗାଟି ଓଲଟିପଡ଼ିଲା। ଦୁର୍ଘଟଣାରେ ଏଯାବତ୍ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ଲାଇଫ୍ ଜ୍ୟାକେଟ ପିନ୍ଧିଥିଲେ ବି ଏକ ଶିଶୁ ସହ ଜଣେ ମହିଳାଙ୍କ ମୃତ୍ୟୁର ଫଟୋ ଖୁବ୍ ସମ୍ବେଦନା ସୃଷ୍ଟି କରିଥିଲା। ଅଥଳଥଳ ପାଣିକୁ ସାମ୍ନା କରିବାବେଳେ ଧୈର୍ଯ୍ୟ ଓ ସାହାସ ଲୋଡ଼ା ପଡ଼ିଥାଏ। ମାତ୍ର ହଡ଼ବଡ଼େଇ ଗଲେ ମାନସିକ ସ୍ଥିରତା ରହେନାହିଁ। ଆଶଙ୍କା କାରଣରୁ ମୃତ୍ୟୁ ଭୟ ବଢିଥାଏ। ଘଟଣା ଦିନ ଲାଇଫ୍ ଜ୍ୟାକେଟ ପୂର୍ବରୁ ଦିଆଯାଇ ସତର୍କତା ଅବଲମ୍ବନ କରିବାକୁ ଯଦି କୁହାଯାଇଥାନ୍ତା ତେବେ ହୁଏତ ଏତେ ବଡ଼ ଅଘଟଣ ଘଟିନଥାନ୍ତା।

ଆମ ରାଜ୍ୟରେ ଜଳ ବୁଡ଼ି କାରଣରୁ ପ୍ରାଣ ହରାଇବା ହେଉ କି ପର୍ଯ୍ୟଟନ ଲାଗି ଯାଇଥିବା ଡଙ୍ଗାର ଯାତ୍ରୀମାନେ ହୁଅନ୍ତୁ ଜୀବନ ସୁରକ୍ଷା ବାବଦେ ସର୍ବାଦୌ ଚିନ୍ତା କରିବା ଆବଶ୍ୟକ। ଜବଲପୁର ଅଘଟଣ ପରେ ଆମ ରାଜ୍ୟର ବିଭାଗୀୟ କର୍ତ୍ତୃପକ୍ଷ ସତର୍କ ହୋଇଛନ୍ତି। ଚେତାଇଛନ୍ତି ନୌକାରେ ଯାତ୍ରା କରୁଥିବା ପ୍ରତ୍ୟେକ ଯାତ୍ରୀ ଲାଇଫ୍ ଜ୍ୟାକେଟ ବା ଜୀବନ ରକ୍ଷାକାରୀ ଜ୍ୟାକେଟ୍ ପିନ୍ଧିବେ। ଯାତ୍ରୀବାହୀ ନୌକାରେ କ୍ଷମତା ଠାରୁ ଅଧିକ ଯାତ୍ରୀଙ୍କୁ ପରିବହନ କରାଯାଇପାରିବ ନାହିଁ। ଏହି ଦୁଇଟି ଦିଗ ଯେ ଗୁରୁତ୍ୱପୂର୍ଣ୍ଣ ଏହା ନିଃସନ୍ଦେହ। ମାତ୍ର କଥା ହେଉଛି ଏହାକୁ ସୁନିଶ୍ଚିତ କରାଇବା ପାଇଁ ବିଭାଗୀୟ ଅଧିକାରୀ କେତେଦୂର ନିୟମିତ ଯାଞ୍ଚ କରିବା ପାଇଁ ଘଟଣା ସ୍ଥଳରେ ଉପସ୍ଥିତ ରହିବେ ତାହା କ୍ଷେତ୍ର ସ୍ଥଳରେ ହିଁ ଜଣାପଡ଼ିବ। କାରଣ ବହୁ ସମୟରେ ଚିଲିକା ହ୍ରଦରେ ଥିବା ଦ୍ୱୀପାଞ୍ଚଳକୁ ଚଳାଚଳ କରିବା ପାଇଁ ଭସାପୋଲ ବା ଡଙ୍ଗା ବିଭିନ୍ନ ନୌକା ଘାଟରେ ବ୍ୟବହୃତ ହେଉଛି । ଏପରି ଡଙ୍ଗାର ଦୃଶ୍ୟ ଦେଖିଲେ ଯେ କେହି ଚମକି ପଡିବେ। ବାଇକ୍ ଓ ଅନ୍ୟାନ୍ୟ ଯାନ ଠାରୁ ଆରମ୍ଭ କରି ସାଧାରଣ ଯାତ୍ରୀ ଖୁନ୍ଦାଖୁନ୍ଦି ହୋଇ ବସିରହିଥାନ୍ତି। ସେ ସ୍ଥାନରେ ଲାଇଫ୍ ଜ୍ୟାକେଟ ବହୁ ସମୟରେ ସ୍ୱପ୍ନ ପ୍ରାୟ। ବେଳେ ବେଳେ ଏପରି ଡଙ୍ଗା ପ୍ରତିକୂଳ ପାଣିପାଗରେ ଫସି ରହେ। ଅନ୍ୟ ଏକ ଦିଗ ହେଉଛି ଆମ ରାଜ୍ୟର ଗାଁ ଗହଳରେ ପୋଖରୀଗୁଡ଼ିକରେ ପହଁରା ଶିକ୍ଷା ଅଭିଭାବକମାନେ ନିଜ ପିଲାଙ୍କ ଦେଉଥିବାର ଦୃଶ୍ୟ କମିଗଲାଣି। ଏ ବାବଦେ ରାଜ୍ୟ ସରକାର ଓଡ୍ରାଫ ଟିମ୍ ଜରିଆରେ ଯଦି ଚିନ୍ତାପୂର୍ବକ ଗାଁଗହଳ ପୋଖରୀଗୁଡ଼ିକରେ ପହଁରା ଶିକ୍ଷା ଦେବାରେ ଉଦ୍ୟମ କରନ୍ତେ, ତେବେ ତାହାର ସୁଫଳ ଆଗକୁ ମିଳିପାରନ୍ତା।

# ଶେଷ ଧାଡ଼ିର ମଣିଷ ଓ ଶୂନ୍ୟତା

## ଅଖିଳ ତରାଇ

ଏହି ଘଟଣା ଆମ ସାମାଜିକ ସ୍ଥିତିର ଏକ ଅନ୍ଧକାରମୟ ରୂପକୁ ପ୍ରକାଶ କରୁଛି। ଗୋଟିଏ ପଟେ ଆମେ ବୈଜ୍ଞାନିକ ପ୍ରଗତି ଓ ମହାକାଶ ବିଜୟର ଡିଣ୍ଡିମ ପିଟୁଛେ ଅନ୍ୟପଟେ ବ୍ୟାଙ୍କିଙ୍ଗ୍ କାରବାର ଭଳି ଏକ ସାଧାରଣ ସେବା ପାଇଁ ଜଣେ ବ୍ୟକ୍ତିକୁ ଶବ ଖୋଳିବାକୁ ପଡୁଛି। ଏଥିପାଇଁ କେବଳ ବ୍ୟାଙ୍କ କର୍ମଚାରୀ ନୁହନ୍ତି ବରଂ ସ୍ଥାନୀୟ ପ୍ରଶାସନ ଓ ସମାଜ ମଧ୍ୟ ସମାନ ଭାବେ ଦାୟୀ। ଯଦି ଜଣେ ଗରିବ ବ୍ୟକ୍ତି ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିଲେ ତେବେ ତାଙ୍କୁ ସହାୟତା କରିବା ପାଇଁ କେହି ଜଣେ ସ୍ଥାନୀୟ ଜନପ୍ରତିନିଧି ବା ସଚେତନ ନାଗରିକ କାହିଁକି ଆଗେଇ ଆସିଲେ ନାହିଁ? ଆମେ କେବଳ ସେଲ୍‌ଫି ଓ ସୋସିଆଲ ମିଡିଆର କୃତ୍ରିମ ଦୁନିଆରେ ବ୍ୟସ୍ତ ରହୁଥିବା ବେଳେ ପାଖରେ ଥିବା ମଣିଷର କଷ୍ଟକୁ ବୁଝିବାରେ ଏବଂ ତାକୁ ଉପଯୁକ୍ତ ମାର୍ଗଦର୍ଶନ ଦେବାରେ ସମ୍ପୂର୍ଣ୍ଣ ବିଫଳ ହେଉଛୁ। ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ 'ନୋମିନେସନ୍' ବା ଉତ୍ତରାଧିକାରୀ ନିୟମ ଥିବା ସତ୍ତ୍ୱେ ଜିତୁଙ୍କୁ ଏଭଳି ଦଶା କାହିଁକି ଭୋଗିବାକୁ ପଡ଼ିଲା, ତାହାର ଏକ ନିରପେକ୍ଷ ତଦନ୍ତ ହେବା ଜରୁରୀ। ଯଦି ଖାତାରେ ନୋମିନୀ ନ ଥିଲେ, ତେବେ ଉପଯୁକ୍ତ ମୃତ୍ୟୁ ପ୍ରମାଣପତ୍ର ବା ଉତ୍ତରାଧିକାରୀ ପ୍ରମାଣପତ୍ର ମାଧ୍ୟମରେ କିପରି ଟଙ୍କା ଦିଆଯାଇ ପାରିବ, ସେ ଦିଗରେ ସହାୟତା କରିବା ପରିବର୍ତ୍ତେ ଦରିଦ୍ର ଲୋକଙ୍କୁ ହଇରାଣ କରିବା ଏକ ଅଘୋଷିତ ଅପରାଧ। ଆଜିର ଯୁଗରେ ଗ୍ରାମୀଣ ବ୍ୟାଙ୍କଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆର୍ଥିକ ଅନ୍ତର୍ଭୁକ୍ତିକରଣ । କିନ୍ତୁ ଯଦି ସେହି ବ୍ୟାଙ୍କଗୁଡ଼ିକ ହିଁ ସାଧାରଣ ଲୋକଙ୍କ ପାଇଁ ଏତେ ଦୁର୍ଗମ ହୋଇପଡ଼ନ୍ତି ତେବେ ଏହି ଯୋଜନାର ସାର୍ଥକତା କେଉଁଠି? ଜଣେ ଅସହାୟ ବ୍ୟକ୍ତି ପାଇଁ ବ୍ୟାଙ୍କର ଚୌକିଦାରଠାରୁ ଆରମ୍ଭ କରି ମ୍ୟାନେଜର ପର୍ଯ୍ୟନ୍ତ ସମସ୍ତେ ପ୍ରାୟତଃ ଏକ ସାମନ୍ତବାଦୀ ମନୋଭାବ ପୋଷଣ କରିଥାନ୍ତି। ଯଦି ଏହି ସ୍ଥାନରେ ଜଣେ ପ୍ରତିପତ୍ତିଶାଳୀ ବ୍ୟକ୍ତି ବା ରାଜନୈତିକ ନେତା ହୋଇଥାନ୍ତେ, ତେବେ ବୋଧହୁଏ ବ୍ୟାଙ୍କ କର୍ମଚାରୀ ସସମ୍ମାନେ ତାଙ୍କ ଘରକୁ ଯାଇ କାର୍ଯ୍ୟ ସମ୍ପାଦନ କରି ଆସିଥାନ୍ତେ। କିନ୍ତୁ ଜଣେ ଅସହାୟ ଆଦିବାସୀ ବ୍ୟକ୍ତିଙ୍କ ପାଇଁ ନିୟମର ବାଡ଼ ବହୁତ ଉଚ୍ଚ ଏବଂ ରୁକ୍ଷ। ଏହି ଲଜ୍ଜାଜନକ ଘଟଣା ଓଡ଼ିଶାର ପ୍ରଶାସନିକ ସ୍ତରରେ ଥିବା ତ୍ରୁଟିକୁ ମଧ୍ୟ ପଦାରେ ପକାଇଛି। ଗ୍ରାମାଞ୍ଚଳରେ ଲୋକମାନଙ୍କୁ ସରକାରୀ ଓ ବ୍ୟାଙ୍କ ସେବା ବିଷୟରେ ସଚେତନ କରିବା ପାଇଁ ଅନେକ ବ୍ୟବସ୍ଥା ଅଛି କିନ୍ତୁ ସେସବୁ କେବଳ କାଗଜ କଲମରେ ସୀମିତ ରହିଯାଇଛି। ଯଦି ଜିତୁଙ୍କୁ ପଞ୍ଚାୟତ ସ୍ତରରେ ବା ବ୍ୟାଙ୍କ ମାଧ୍ୟମରେ ଉପଯୁକ୍ତ ପରାମର୍ଶ ମିଳିଥାନ୍ତା, ତେବେ ଆଜି ସଭ୍ୟ ସମାଜକୁ ଏହି କଳଙ୍କିତ ଦୃଶ୍ୟ ଦେଖିବାକୁ ପଡ଼ିନଥାନ୍ତା।



ଏହି ଘଟଣାରୁ ଶିକ୍ଷା ନେଇ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଅନ୍ତତଃ 'ମାନବିକ ସମ୍ବେଦନଶୀଳତା' ବିଷୟରେ ପ୍ରଶିକ୍ଷଣ ଦିଆଯିବା ଏକାନ୍ତ ଜରୁରୀ। ସରଳ ଲୋକଙ୍କୁ ଜଟିଳ ନିୟମର ଜାଲରେ ଛନ୍ଦି ହଇରାଣ କରିବା ବନ୍ଦ ହେବା ଉଚିତ। ନିୟମ ଓ କାନୁନ ମଣିଷ ପାଇଁ ତିଆରି ହୋଇଛି, ମଣିଷ ନିୟମ ପାଇଁ ନୁହେଁ। ଯଦି କୌଣସି ପରିସ୍ଥିତିରେ ନିୟମ ମାନବିକତାକୁ ବଳି ଦେଉଛି, ତେବେ ସେହି ନିୟମରେ ପରିବର୍ତ୍ତନ ବା ସଂସ୍କାର ଆଣିବା ଆବଶ୍ୟକ। ନଚେତ୍ ଆଗାମୀ ଦିନରେ ଏଭଳି ଅନେକ 'ଜିତୁ ମୁଣ୍ଡା' ଆମ ବ୍ୟବସ୍ଥାର ଶବ ସଂସ୍କାର କରିବାକୁ ଆଗେଇ ଆସିବେ, ଯାହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଏହି ଘଟଣା ଆମକୁ ଚେତାଇ ଦେଉଛି ଯେ, ବିକାଶର ରଥ କେବଳ ସହରର ଆଧୁନିକ ଅଟ୍ଟାଳିକା ବା ଡିଜିଟାଲ୍ ଆପ୍ ମଧ୍ୟରେ ସୀମିତ ରହିଲେ ହେବ ନାହିଁ। ପ୍ରକୃତ ବିକାଶ ସେତେବେଳେ ହେବ, ଯେତେବେଳେ ଜଣେ ଶେଷ ଧାଡ଼ିର ମଣିଷ ନିଜର ଅଧିକାର ପାଇଁ ଅପମାନିତ ହେବ ନାହିଁ କିମ୍ବା ଶବ ଖୋଳିବାକୁ ବାଧ୍ୟ ହେବ ନାହିଁ। ମାନବିକତା ଶୂନ୍ୟ ବ୍ୟବସ୍ଥା କେବଳ ଏକ ମୃତ ସମାଜର ପରିଚୟ ଦିଏ। ରାଜ୍ୟ ସରକାର ଏବଂ ବ୍ୟାଙ୍କିଙ୍ଗ୍ କର୍ତ୍ତୃପକ୍ଷ ଏହି ଘଟଣାର ଗମ୍ଭୀରତାକୁ ବୁଝି ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଆଶା, ଏହି ଘଟଣା ସମସ୍ତଙ୍କ ପାଇଁ ଏକ ଶେଷ ଚେତାବନୀ ହେଉ ଏବଂ ଭବିଷ୍ୟତରେ କୌଣସି ଭାଇକୁ ନିଜ ଭଉଣୀର ମର୍ଯ୍ୟାଦାକୁ ଏପରି ଭାବେ ରାଜରାସ୍ତାରେ ବୋହିବାକୁ ନ ପଡୁ।(ଶେଷ ଭାଗ)

ଗଞ୍ଜାମ, ମୋ: ୭୭୮୭୦୦୧୦୦୧

# ନିଷ୍ପ୍ରଭ ହେଉଛି ସାମୁଦ୍ରିକ ପ୍ରାଣୀଙ୍କ ଧ୍ୱନି

## ନାରାୟଣ ଚନ୍ଦ୍ର ବିଶ୍ୱାଳ

**"ଧ୍ୱନି ପ୍ରଦୂଷଣ ଯୋଗୁଁ ସାମୁଦ୍ରିକ ଜୀବ ମାନଙ୍କ ମସ୍ତିଷ୍କ ବି ଭାରାକ୍ରାନ୍ତ ହେଉଛି। ସେମାନେ ସାମୂହିକ ଅଥବା ସବୁଦିନ ପାଇଁ ସେମାନଙ୍କର ସ୍ମରଣ ଶକ୍ତି ହରାଉଛନ୍ତି। ଏହାସହ ସେମାନଙ୍କର ଦେଶାନ୍ତର ଯାତ୍ରା ଓ ଖାଦ୍ୟ ପାଇବାରେ ବଡ଼ ବ୍ୟାଘାତ ସୃଷ୍ଟି ହେଉଛି। ମେସିନ ଧ୍ୱନି ଯୋଗୁଁ ଭୟଭୀତ ହୋଇ ଜଳରୁ ବାହାରକୁ ଡିଆଁ ମାରିବା ଫଳରେ କେତେକ ଅସୁସ୍ଥତା ଭୋଗୁଛନ୍ତି, କିଛି ବେଳା ଭୂମିରେ ଫସି ଯାଉଛନ୍ତି ତ ଆଉ କେତେକଙ୍କ ଜୀବନ ଚାଲିଯାଉଛି। ପ୍ରମୁଖ ଜାହାଜ ଯାତାୟାତ ମାର୍ଗ ହୋଇଥିବାରୁ ଭାରତ ମହାସାଗରରେ ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ତେଣୁ ଭାରତରେ ଥିବା ୭୫୦୦ କିଲୋମିଟର ସୁପ୍ରଶସ୍ତ ଉପକୂଳ ଅଚିରେ ସାଗର ଧ୍ୱନି ପ୍ରଦୂଷଣ କବଳିତ ହେବାର ଆଶଙ୍କା ଭିତରେ ରହୁଛି। ସାଗର ଧ୍ୱନି ପ୍ରଦୂଷଣ ଚିନ୍ତାଜନକ ହେଲେ ବି ନିରାକରଣର ବାଟ ରହିଛି। ଦ୍ରୁତ ଓ ବିଶାଳକାୟ ଜାହାଜ ଗୁଡ଼ିକ ବେଗ ହ୍ରାସ କଲେ ଧ୍ୱନି ପ୍ରଦୂଷଣ ଅନେକାଂଶରେ ହ୍ରାସ ପାଇବ।**

ବର୍ତ୍ତମାନ ସମଗ୍ର ବିଶ୍ୱରେ ହର୍ମୁଜ ପ୍ରଣାଳୀରେ ସାମୁଦ୍ରିକ ଉତ୍ତେଜନା ଓ ସମଗ୍ର ସମୁଦ୍ରାଞ୍ଚଳ ଯେଉଁପରି ବିପଦଜ୍ଜନକ ହୋଇପଡ଼ିଛି ତାହା ପରିବେଶ ବିଜ୍ଞାନୀମାନଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। ଦିନ ଥିଲା ତିମିମାନଙ୍କ ସଂଗୀତ ଓ ବିଶାଳକାୟ ଡଲଫିନ୍‌ର ଏକ ପ୍ରକାର ଶୁଶୁରି ଧ୍ୱନିରେ ପୂରି ଉଠୁଥିଲା ସମୁଦ୍ରର ବିସ୍ତୃତ ଅଞ୍ଚଳ। ଦିଗନ୍ତ ବିସ୍ତାରୀ ପର୍ଯ୍ୟନ୍ତ ଏହା ଏକ ସୁମଧୁର ସଂଗୀତ ପରି ଅନେକଙ୍କୁ ଶୁଭିଥାଏ। ବର୍ତ୍ତମାନ ଆମମାନଙ୍କ ତିଆରି ମେସିନରୁ ଅବିରାମ କର୍କଶ ଧ୍ୱନି ନିର୍ଗତ ହୋଇ ସେମାନଙ୍କ ସ୍ୱର ଲହରିକୁ ଏକ ପ୍ରକାର ଅଥଳ ଜଳରେ ହଜାଇ ଦେଇଛି। ସାମୁଦ୍ରିକ ପରିସଂସ୍ଥାନ ପ୍ରତି ଭୟାବହ ବିପଦ ହୋଇ ବୃଦ୍ଧି ପାଉଛି ସାଗର ଧ୍ୱନି ପ୍ରଦୂଷଣ।

ବିଶେଷଜ୍ଞମାନଙ୍କ ଗବେଷଣାର ତଥ୍ୟ ଯାହା ଉଲ୍ଲେଖ କରିଛି ସାଗର ଧ୍ୱନି ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ବାଣିଜ୍ୟିକ ଜାହାଜ। ଏବେ ପୃଥିବୀର ବିଭିନ୍ନ ସମୁଦ୍ର ଅଞ୍ଚଳରେ ୨୫୦୦୦ରୁ ଊର୍ଦ୍ଧ୍ୱ ଅଧିକ ସଂଖ୍ୟକ ଜାହାଜ ଆତଯାତ କରୁଛି। ସେମାନଙ୍କ ଇଞ୍ଜିନ ପଙ୍ଖାରୁ ନିରନ୍ତର କର୍କଶ ଧ୍ୱନି ଅଥଳ ଜଳରାଶିକୁ ଗତି କରୁଛି। କେବଳ ବାଣିଜ୍ୟିକ ଜାହାଜ ନୁହେଁ ବିଶାଳକାୟ ସାମରିକ ଜାହାଜ ବା ଯୁଦ୍ଧପୋତ ଏପରିକି ବିଳାସକାରୀଙ୍କ ପାଇଁ ଯେଉଁ କ୍ରୁଜ୍ ସବୁ ସମୁଦ୍ରରେ ଆତଯାତ ହେଉଛି ସେ ସବୁ ସାମୁଦ୍ରିକ ପରିସଂସ୍ଥାର ବିପଦକୁ ଆହୁରି ସଂଗୀନ କରୁଛି। ଭୟାନକ ଚିତ୍ରଟି ହେଉଛି ସଦ୍ୟ ହର୍ମୁଜ ପ୍ରଣାଳୀକୁ ନିଜ ଦଖଲରେ ରଖିବା ପାଇଁ ଇରାନ ଦ୍ୱାରା ହଜାର ହଜାର ସାମୁଦ୍ରିକ ମାଇନ୍ସ ବିଛା ଯାଇଛି ଯାହାର ସଂସ୍ପର୍ଶରେ ଆସିବା ମାତ୍ରେ ଯୁଦ୍ଧପୋତ ଗୁଡ଼ିକ ଅଚିରେ ଧ୍ୱଂସ ହୋଇଯିବ।

ଆମେ ଭଲ ଭାବେ ଜାଣିଛେ ଆମ ବିଶ୍ୱର ଅଧାରୁ ଅର୍ଦ୍ଧେକ ଭାଗ ଜଳକୁ ନେଇ ଗଠିତ। ସାଗର ଭିତରେ ତୈଳ ଓ ପ୍ରାକୃତିକ ବାଷ୍ପ ସଂସାଧାନ ପାଇଁ ବିଶ୍ୱର ବଡ଼ ଶକ୍ତି କୁହାଯାଉଥିବା ଆମେରିକା, ଋଷ, ଚାଇନା ସେମାନଙ୍କର ବିଶାଳକାୟ ସାଇଜମିକ୍ ଏୟାର ଗନ୍ କ୍ଷଣକୁ କ୍ଷଣ ଶକ୍ତିଶାଳୀ ବିସ୍ଫୋରଣ ଘଟାଉଛନ୍ତି। ସେହିପରି ସେନାବାହିନୀ ନିମିତ୍ତ ଆବଶ୍ୟକ ପଡୁଥିବା ନେଭଲ ସୋନାର, ବନ୍ଦର ଓ ପବନ କଳ ନିମନ୍ତେ ସ୍ତମ୍ଭ ଉଠାଇବା ଲାଗି ସମୁଦ୍ରରେ କରାଯାଇଥିବା ଖୋଦନ ଓ ମାଛ ଧରା ଜାହାଜରୁ ନିର୍ଗତ ଧ୍ୱନି ମଧ୍ୟ ସାଗର ଧ୍ୱନି ପରିବେଶକୁ ପ୍ରଦୂଷିତ କରୁଛି। ଦିନକୁ ଦିନ ଲକ୍ଷ ଲକ୍ଷ ମାଛଧରା ଛୋଟ ବଡ଼ ଜାହାଜ ଓ ଡଙ୍ଗା ଯେଉଁପରି ଭାବରେ ରାସାୟନିକ ପ୍ରସ୍ତୁତି ସହ ସମୁଦ୍ରରେ ଆତଯାତ ହେଉଛନ୍ତି ଏହା ସାଗରର ଧ୍ୱନି ପ୍ରଦୂଷଣ ନୁହଁ, ଅଥଳ ଜଳରାଶିକୁ ମଧ ବିଷାକ୍ତ କରିଦେଉଛନ୍ତି।

ସମଗ୍ର ବିଶ୍ୱରେ ବାଣିଜ୍ୟ କ୍ଷେତ୍ର ପାଇଁ ସାମୁଦ୍ରିକ ପଥ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ବ୍ୟବସାୟ ପାଇଁ ଅଳ୍ପ ଖର୍ଚ୍ଚ ହୋଇଥାଏ। ତେବେ ଏହି ବାଣିଜ୍ୟ ବୃଦ୍ଧି ହେତୁ ସମୁଦ୍ରରେ ଦିନକୁ ଦିନ ଆହୁରି ବଡ଼ ବଡ଼ ଓ ଦ୍ରୁତଗାମୀ ଜାହାଜ ସବୁ ଚଳାଚଳ କରୁଛନ୍ତି। ତେଣୁ କରି



୧୯୬୦ ଦଶକକୁ ଦେଖିଲେ ବର୍ତ୍ତମାନ ସମୟରେ କେତେକ ଅଞ୍ଚଳରେ ସାମୁଦ୍ରିକ ଧ୍ୱନି ପ୍ରଦୂଷଣ ପ୍ରତି ଦଶନ୍ଧିରେ ଦୁଇ ଗୁଣିତ ନୁହେଁ ବରଂ ବହୁଗୁଣିତ ହୋଇଆସୁଛି। ଆମ ପାଖରେ ଥିବା ଭାରତ ମହାସାଗର କଥା ଆସନ୍ତୁ ପ୍ରଥମେ ବିଚାରିବା। ଏହି ମହାସାଗରରେ ଭେଳା ଭେଳା ଜାହାଜ ଗମନାଗମନ ଯୋଗୁଁ ସାଗରର ଧ୍ୱନି ପ୍ରଦୂଷଣ ସମସ୍ୟା ଉତ୍କଟ ହେଉଛି। ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ହେତୁ ଭାରତର ପଶ୍ଚିମ ଉପକୂଳରେ ମଧ୍ୟ ଧ୍ୱନି ପ୍ରଦୂଷଣ ମଧ୍ୟ ଖୁବ ବୃଦ୍ଧି ପାଉଛି। ଆମେ ସମସ୍ତେ ଭୁଲି ଯାଉଛେ ଯେ, ଏହି ଅଥଳ ଜଳ ଭିତରର ଅନ୍ଧକାର ଦୁନିଆରେ ସାମୁଦ୍ରିକ ଜୀବମାନେ ଧ୍ୱନି ଉପରେ ନିର୍ଭର କରି ଚଳନ୍ତି। ଶହ ଶହ କିଲୋମିଟର ଦୂରରେ ଥିବା ଅନ୍ୟ ତିମି ମାନଙ୍କ ସହିତ ଭାବ ଯୋଡ଼ିବା ଲାଗି ତିମିମାନେ ନିମ୍ନ ସ୍ୱରରେ ଗୀତ ଗାଇ ଥାଆନ୍ତି। ଡଲଫିନମାନେ ଇକୋଲୋକେସନ ବା ନିଜେ ଛାଡୁଥିବା ଧ୍ୱନିର ପ୍ରତିଧ୍ୱନି ଉପରେ ନିର୍ଭର କରି ଶିକାର ସନ୍ଧାନ କରନ୍ତି। ବର୍ତ୍ତମାନ ଯେଉଁପରି ବିଶାଳକାୟ ମେସିନ ସବୁ ଆତଯାତ ହେଉଛି ଓ ସେମାନଙ୍କର ଧ୍ୱନିଯୋଗୁଁ ସାମୁଦ୍ରିକ ପ୍ରାଣୀମାନଙ୍କର ଆବହମାନ ସମୟରୁ ରହି ଆସିଥିବା ଧ୍ୱନି ସତେଯେପରି ନିଷ୍ପ୍ରଭ ହୋଇଯାଉଛି। କେବଳ ସେମାନଙ୍କ ଦୁଃଖ ଏତିକିରେ ସରିନାହିଁ। ସାଥି ପାଇବା ହେଉ ବା ଖାଦ୍ୟ ସନ୍ଧାନ ଏପରିକି ବିପଦ ଏଡ଼ାଇବା ଏହି ନିରୀହ ସାମୁଦ୍ରିକ ଜୀବଙ୍କ ପକ୍ଷେ କଷ୍ଟକର ହୋଇଯାଉଛି।

ସମସ୍ୟାଟି ଏତିକିରେ ସରୁନାହିଁ, ଶବ୍ଦ ପ୍ରଦୂଷଣ ଯୋଗୁଁ ସାମୁଦ୍ରିକ ଜୀବ ମାନଙ୍କ ମସ୍ତିଷ୍କ ବି ଭାରାକ୍ରାନ୍ତ ହେଉଛି। ସେମାନେ ସାମୂହିକ ଅଥବା ସବୁଦିନ ପାଇଁ ସେମାନଙ୍କର ସ୍ମରଣ ଶକ୍ତି ହରାଉଛନ୍ତି। ଏହାସହ ସେମାନଙ୍କର ଦେଶାନ୍ତର ଯାତ୍ରା ଓ ଖାଦ୍ୟ ପାଇବାରେ ବଡ଼ ବ୍ୟାଘାତ ସୃଷ୍ଟି ହେଉଛି। ମେସିନ ଧ୍ୱନି ଯୋଗୁଁ ଭୟଭୀତ ହୋଇ ଜଳରୁ ବାହାରକୁ ଡିଆଁ ମାରିବା ଫଳରେ କେତେକ ଅସୁସ୍ଥତା ଭୋଗୁଛନ୍ତି, କିଛି ବେଳା ଭୂମିରେ ଫସି ଯାଉଛନ୍ତି ତ ଆଉ କେତେକଙ୍କ ଜୀବନ ଚାଲିଯାଉଛି। ପ୍ରମୁଖ ଜାହାଜ ଯାତାୟତ ମାର୍ଗ ହୋଇଥିବାରୁ ଭାରତ ମହାସାଗରରେ ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ତେଣୁ ଭାରତରେ ଥିବା ୭୫୦୦ କିଲୋମିଟର ସୁପ୍ରଶସ୍ତ ଉପକୂଳ ଅଚିରେ ସାଗର ଧ୍ୱନି ପ୍ରଦୂଷଣ କବଳିତ ହେବାର ଆଶଙ୍କା ଭିତରେ ରହୁଛି। ସାଗର ଶବ୍ଦ ପ୍ରଦୂଷଣ ଚିନ୍ତାଜନକ ହେଲେ ବି ନିରାକରଣର ବାଟ ରହିଛି। ଦ୍ରୁତ ଓ ବିଶାଳକାୟ ଜାହାଜ ଗୁଡ଼ିକ ବେଗ ହ୍ରାସ କଲେ ଧ୍ୱନି ପ୍ରଦୂଷଣ ଅନେକାଂଶରେ ହ୍ରାସ ପାଇବ।

ଆଜିକାଲି ବୈଜ୍ଞାନିକ ପଦ୍ଧତିରେ ନୂତନ ଶୈଳୀରେ ନିର୍ମିତ ପଙ୍ଖା ଓ ଜାହାଜରେ ଦିଆଯାଉଥିବା ଆସ୍ତରଣ ଯୋଗୁଁ ବି ଧ୍ୱନି ପ୍ରଦୂଷଣ ହ୍ରାସ ପାଇପାରିବ। ତୈଳ ଓ ପ୍ରାକୃତିକ ବାଷ୍ପ ସନ୍ଧାନ ଏକ ରାଷ୍ଟ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଏହାକୁ କିଏ ମନା କରୁନାହିଁ କିନ୍ତୁ ଏହା ଗନ୍ ପରିବର୍ତ୍ତେ କମ୍ପନ ଭିତ୍ତିକ ପଦ୍ଧତି ଅବଲମ୍ବନ କଲେ କମ ଧ୍ୱନି ହେବ।

ସେହିପରି ସ୍ପର୍ଶକାତର ଅଞ୍ଚଳଗୁଡ଼ିକ ଚିହ୍ନଟ କରି ନିଃଶବ୍ଦ ସାମୁଦ୍ରିକ ଜୋନ କରାଗଲେ ସାଗର ଧ୍ୱନି ପ୍ରଦୂଷଣ କିଛି ମାତ୍ରାରେ ହ୍ରାସ ପାଇବ। ଆମେ ମାନେ ନିଜର ଶ୍ରବଣ ଶକ୍ତି ହ୍ରାସ ପାଇଲେ କିପରି କଷ୍ଟ ଅନୁଭବ କରିଥାଉ ତାହା ଜଣେ ଅନୁଭବୀଙ୍କୁ ଜଣା।

ତେଣୁ ଆମ ସମଗ୍ର ଜୀବ ମଣ୍ଡଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ଏହି ମୂକ ନିରୀହ ଜଳଚରଙ୍କ ଧ୍ୱନି ପ୍ରଦୂଷଣ କଥା ଆସନ୍ତୁ ଅନ୍ତତଃ ଟିକିଏ ତ ଚିନ୍ତା କରିବା !

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନି', କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ମୋ : ୯୪୩୮୨୭୬୭୬୦

# ଅପରେସନ୍ କାକ୍ଟସ୍

## ବିଷ୍ଣୁ ପ୍ରସାଦ ଦାସ

**"ରାଷ୍ଟ୍ରପତିଙ୍କ ଜୀବନ ପ୍ରତି ବିପଦ ଥିଲା । ତେଣୁ ଜାତୀୟ ସୁରକ୍ଷା ବିଭାଗର ଜଣେ ପଦସ୍ଥ ଅଧିକାରୀ ରାଷ୍ଟ୍ରପତିଙ୍କ ସହିତ ତାଙ୍କ ପରିବାର ବର୍ଗଙ୍କୁ ସୁରକ୍ଷା ଦେଇ ଗୁପ୍ତରେ ରକ୍ଷା ମନ୍ତ୍ରୀଙ୍କ ବାସଭବନକୁ ନେଇ ଆସିଥିଲେ। ଆତଙ୍କବାଦୀମାନେ ରାଷ୍ଟ୍ରପତି ଭବନ ଦଖଲ କରିନେବା ସହିତ ଶିକ୍ଷାମନ୍ତ୍ରୀ ଅହମ୍ମଦ ମୁଜଟାଓ୍ୱାଙ୍କୁ ବନ୍ଦୀ କରିନେଇ ଥିଲେ । ପରିସ୍ଥିତି ଅଣାୟତ୍ତ ହେବା ପରେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ମୁତାବକ ବୈଦେଶିକ ସଚିବ ଇବ୍ରାହିମ୍ ହୁସେନ୍ ଜାକି ବ୍ରିଟେନ୍, ଯୁକ୍ତରାଷ୍ଟ୍ର ଆମେରିକା, ପାକିସ୍ତାନ୍, ଶ୍ରୀଲଙ୍କା, ସିଙ୍ଗାପୁର୍ ଏବଂ ଭାରତ ଇତ୍ୟାଦି ଦେଶକୁ ସହାୟତା ପାଇଁ ଅନୁରୋଧ କରିଥିଲେ । ପାକିସ୍ତାନ୍, ଶ୍ରୀଲଙ୍କା ସିଙ୍ଗାପୁର୍ ମାଳଦ୍ୱୀପର ଅନୁରୋଧକୁ ପ୍ରତ୍ୟାଖାନ କରି ଦେଇଥିଲେ ।**

ଇତିହାସ ପୃଷ୍ଠା ଓଲଟାଇଲେ ଆମକୁ ଅନେକ ଚମକାଇ ଦେବା ପରି ବିଷୟ ଦେଖିବାକୁ ମିଳେ । ବର୍ତ୍ତମାନ ଜେନ ଜି ଯୁଗରେ ଯୁବକ ଯୁବତୀମାନେ ପ୍ରାୟ ପଛକୁ ଫେରି ଚାହିଁବାର ଆଗ୍ରହ ପ୍ରକାଶ କରନ୍ତି ନାହିଁ । ତେଣୁ ଇତିହାସ ତାଙ୍କ ପାଇଁ ଏକ ଅଲୋଡ଼ା ବିଷୟ ହୋଇଯାଇଛି । ତେବେ ଇତିହାସ ଆମକୁ ଅତୀତର ଭଲମନ୍ଦ ଘଟଣାବଳୀ ଜଣାଇ ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିଥାଏ । ଅପରେସନ୍ କାକ୍ଟସ୍ ମଧ୍ୟ ଇତିହାସ ପୃଷ୍ଠାରୁ ଆନୀତ ଏକ ସତ୍ୟ ରାଜନୈତିକ ଷଡ଼ଯନ୍ତ୍ରର କାହାଣୀ ଯାହା ୧୯୮୮ ମସିହାରେ ମାଳଦ୍ୱୀପ ଠାରେ ଘଟିଥିଲା ।

ନଭେମ୍ବର ୩ ତାରିଖ ୧୯୮୮ ମସିହାର କଥା , ଭାରତ ମହାସାଗରରେ ଅବସ୍ଥିତ ଥିବା ଏସିଆର ସବୁଠାରୁ ଛୋଟ ଦ୍ୱୀପ ଦେଶ ମାଳ ଦ୍ୱୀପ ବିଷୟରେ ଆଲୋଚନା କରିବା । ସାରା ପୃଥିବୀର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ମାଳଦ୍ୱୀପ ଏକ ରାଜନୈତିକ ଷଡ଼ଯନ୍ତ୍ରର ଶିକାର ହୋଇଥିଲା । ମାଳଦ୍ୱୀପର ରାଜଧାନୀ ମାଲେ ସହରରେ ସେହିଦିନ ରାତ୍ରିରେ ଉନ୍ନତ ଆଧୁନିକ ହାତ ହତିଆର ସଜ୍ଜିତ ବିଦ୍ରୋହୀମାନେ ଉତ୍ପାତ ଆରମ୍ଭ କରି ଦେଇଥିଲେ । ରାଜଧାନୀରେ ଶାନ୍ତି ଭଙ୍ଗ ହୋଇଯାଇଥିଲା । ଏହି ଖବର ମାଳଦ୍ୱୀପ ସରକାରଙ୍କ ଦ୍ୱାରା ସାରା ପୃଥିବୀକୁ ଜଣାଇ ସାହାଯ୍ୟ ପାଇଁ ଅନୁରୋଧ କରାଯାଇଥିଲା ।

ନୂଆ ଦିଲ୍ଲୀରେ ଥିବା ଭାରତରେ ବୈଦେଶିକ ବିଭାଗର ସଂଯୁକ୍ତ ସଚିବ କୁଲଦୀପ୍ ସହଦେବଙ୍କ ନଜରକୁ ସମ୍ବାଦଟି ଆସିଥିଲା । ସମ୍ବାଦଟି ପଢି ସାରି କୁଲଦୀପ୍ ତୁରନ୍ତ ଉପରିସ୍ଥ ଅଫିସରଙ୍କୁ ଜଣାଇଥିଲେ । ସେତେବେଳେ ରାଜୀବ ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ଥିଲେ। ତତ୍‌କ୍ଷଣାତ ଉଚ୍ଚସ୍ତରୀୟ ମିଟିଂ ଡକାଯାଇ ନିର୍ଣ୍ଣୟ ନିଆଯାଇଥିଲା କି ଭାରତୀୟ ସେନା ତୁରନ୍ତ ମାଳଦ୍ୱୀପ ଯାଇ ସେଠାକାର ସରକାରଙ୍କୁ ସହାୟତା କରିବେ । ଏହି ସାମରିକ ଅଭିଯାନର ନାମ ଥିଲା 'ଅପରେସନ କାକ୍ଟସ୍' । ଖୁବ୍ କମ ସମୟ ମଧ୍ୟରେ ଭାରତୀୟ ସେନା ମାଲେ ଠାରେ ପହଞ୍ଚି ଯାଇଥିଲେ । ତେବେ ଏହି ବିଦ୍ରୋହ ପଛର କାହାଣୀ ହେଉଛି - ପ୍ରାୟ ବାର ଶହ ଛୋଟ ବଡ଼ ଦ୍ୱୀପକୁ ନେଇ ମାଳଦ୍ୱୀପ ଦେଶ ଗଠିତ ଏହାର ରାଜଧାନୀ ମାଲେ । ଏହାର ଜନସଂଖ୍ୟା ପ୍ରାୟ ଛଅ ଲକ୍ଷ ମଧ୍ୟରେ ସୀମିତ। ଏହାର ରାଜନୈତିକ ସ୍ଥିରତା ଭାରତ ପାଇଁ ଖୁବ୍ ଜରୁରୀ ବୋଲି ମନେ ହୁଏ । ଅଧିକାଂଶ ସାମୁଦ୍ରିକ ଜାହାଜ ପଥ ଏହି ଦେଶ ନିକଟ ଦେଇଯାଇଛି । ଭାରତ ମହାସାଗର ଉପରେ ଅନ୍ୟ ଦେଶମାନଙ୍କ ଆଧିପତ୍ୟକୁ ଭାରତ ସହ୍ୟ କରିପାରେ ନାହିଁ । ଭାରତ ମହାସାଗରରେ ନିଜର ପଡୋଶୀ ଦେଶ ଶ୍ରୀଲଙ୍କା, ମାଳ ଦ୍ୱୀପ ସହିତ ଉତ୍ତମ ସମ୍ପର୍କ ଦେଶର ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବା ସହିତ ଅନ୍ୟାନ୍ୟ ସୁବିଧା ମଧ୍ୟ ମିଳେ ।

୧୯୬୫ ମସିହାରେ ମାଳ ଦ୍ୱୀପ ଇଂରେଜମାନଙ୍କ ଠାରୁ ସ୍ୱାଧୀନ ହେଲା । ଏହାର ପ୍ରାୟ ତିନି ବର୍ଷ ପରେ ଏକ ଜନମତ ସଂଗ୍ରହ କରାଯାଇ ମାଳ ଦ୍ୱୀପରେ ଲୋକ ତନ୍ତ୍ର ଶାସନ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ପ୍ରଥମ ରାଷ୍ଟ୍ରପତି ଭାବେ ଇବ୍ରାହିମ୍ ନାସିର୍ ଦାୟିତ୍ୱ ନେଇଥିଲେ । କିନ୍ତୁ ନିଜର ପାରଦର୍ଶିତା ସେ ଦେଖାଇ ପାରି ନଥିଲେ ଫଳରେ ଜନ ଅସନ୍ତୋଷ ବଢ଼ିଲା, ଜନତା ତାଙ୍କୁ ବିରୋଧ କଲେ । ନାସିର୍ ୧୯୭୮ ମସିହାରେ ଦେଶର ରାଜକୋଷରୁ ଅନେକ ଅର୍ଥ ନେଇ ସିଙ୍ଗାପୁର ପଳାୟନ କରିଥିଲେ । ଏହାପରେ ୧୯୭୮ ମସିହାରେ ନିର୍ବାଚନ ହୋଇଥିଲା , ଅବଦୁଲ ଗାୟୁମ୍ ୧୯୭୮ ମସିହାରୁ ୨୦୦୮ ପର୍ଯ୍ୟନ୍ତ ଦୀର୍ଘ ୩୦ ବର୍ଷ ଧରି ରାଷ୍ଟ୍ରପତି ଦାୟିତ୍ୱ ନିର୍ବାହ କରିଥିଲେ । ୧୯୮୦, ୧୯୮୩ ଏବଂ ୧୯୮୮ ମସିହାରେ ତାଙ୍କ ସରକାରକୁ ଗାଦିଚ୍ୟୁତ କରିବାକୁ ଯୋଜନା କରାଯାଇଥିଲା। ୧୯୮୮ ମସିହାର ବିରୋଧ ଚରମ ସୀମାରେ ପହଞ୍ଚି ଯାଇଥିଲା । ବିଦ୍ରୋହୀମାନେ ଆତଙ୍କ ଖେଳାଇ ଦେଇଥିଲେ, ସରକାର୍ ଏସବୁ ଦେଖି ବିଚଳିତ ହୋଇଯାଇଥିଲେ । ସରକାର୍ ଦେଶକୁ ଆତଙ୍କବାଦୀମାନଙ୍କ ଠାରୁ ବଞ୍ଚାଇବା ପାଇଁ ପଡ଼ୋଶୀ ତଥା ବନ୍ଧୁ ରଷ୍ଟ୍ରଙ୍କୁ ଅନୁରୋଧ କରିଥିଲେ । ମାଳଦ୍ୱୀପ ସରକାରଙ୍କ ଅନୁରୋଧ କ୍ରମେ ବିଦ୍ରୋହ ଦମନ କରିବାକୁ ଯାଇଥିବା ଭାରତୀୟ ସୈନିକମାନଙ୍କ ମିଶନ୍ ଅପରେସନ କାକ୍ଟସ୍ ନାମରେ ବିଶ୍ୱରେ ପରିଚିତି ଲାଭ କରିଥିଲା ।

ଏହାର ଇତିହାସ:ନଭେମ୍ବର ୩ ତାରିଖ ୧୯୮୮ ମସିହା ଦିନ ରାଷ୍ଟ୍ରପତି ଗାୟୁମ୍ ଏକ ସରକାରୀ କାର୍ଯ୍ୟକ୍ରମରେ ଭାରତ ଆସି ରାଜୀବ ଗାନ୍ଧୀଙ୍କ ସହିତ ମିଟିଂ କରିବାର ଥିଲା। ରାଷ୍ଟ୍ରପତିଙ୍କ ବ୍ୟୋମଜାନ ଅଧା ବାଟରେ ହୋଇଥିଲା , ଏହି ସମୟରେ ଭାରତରୁ ଖବର ଗଲା ଯେ, ରାଜୀବ ଗାନ୍ଧୀ ନିର୍ବାଚନୀ କାର୍ଯ୍ୟରେ ବାହାରକୁ ଯାଉଛନ୍ତି । ତେଣୁ ମିଟିଂ ଅନ୍ୟ ଦିନକୁ ଘୁଞ୍ଚାଇ ଦିଆଗଲା । ରାଷ୍ଟ୍ରପତି ଅଧା ବାଟରୁ ମାଳଦ୍ୱୀପ ଫେରି ଆସିଥିଲେ । ବିଦ୍ରୋହୀ ମାନେ ଭାବିଥିଲେ ରାଷ୍ଟ୍ରପତି ବିଦେଶ ଗସ୍ତରେ ଯାଇଛନ୍ତି । ତାଙ୍କୁ ଗାଦିଚ୍ୟୁତ କରିବା ପାଇଁ ଏହା ସୁବର୍ଣ୍ଣ ସୁଯୋଗ । କିନ୍ତୁ ସେମାନେ ଜାଣି ନଥିଲେ ଯେ ରାଷ୍ଟ୍ରପତି ଦେଶକୁ ଫେରି ଆସିଛନ୍ତି । ସାରା ରାତି ବିଦ୍ରୋହୀମାନେ ଦେଶର ବିଭିନ୍ନ ସ୍ଥାନକୁ ଛାରଖାର କରିଦେଲେ । ଏହି ବିଦ୍ରୋହୀ ମାନଙ୍କ ନେତା ମାଳଦ୍ୱୀପର ବିଖ୍ୟାତ ବ୍ୟବସାୟୀ ଅବଦୁଲ୍ଲା ଲୁଟିଫି ଏବଂ ଉମା ମହେଶ୍ୱରନ୍ ପିପୁଲସ୍ ଲିବରେସନ୍ ଅର୍ଗାନାଇଜେସନ୍ ତାମିଲ୍ ଇଲମ୍ (ପି ଏଲ ଓ ଟି ଇ ) ଶ୍ରୀଲଙ୍କା ସଂସ୍ଥାର ମୁଖ୍ୟ ବିଦ୍ରୋହୀ ଥିଲେ । ସେମାନେ ରାଷ୍ଟ୍ରପତିଙ୍କ ଅନୁପସ୍ଥିତିରେ ଶାସନ କ୍ଷମତା ନିଜ ହାତକୁ ଆଣିବା ନିମନ୍ତେ ସବୁ ପ୍ରକାର ଯୋଜନାକୁ ସେହି ଦିନ ରାତିରେ ଆରମ୍ଭ କରି ଦେଇଥିଲେ । ଆତଙ୍କ ରଚାଉ ଥିବା ଅପରାଧୀମାନେ ସମୁଦ୍ର ପଥ ଦେଇ ପର୍ଯ୍ୟଟକ ରୂପରେ ମାଳଦ୍ୱୀପରେ ପ୍ରବେଶ କରିଥିଲେ । ସେମାନେ ସେହି ରାତିରେ ସରକାରୀ ଅଫିସ୍, ବନ୍ଦର , ବିମାନ ବନ୍ଦର , ଟେଲିଭିଜନ୍ , ରେଡ଼ିଓ ଷ୍ଟେସନ୍ ଠାରୁ ଆରମ୍ଭ କରି ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ନିଜ ଦଖଲକୁ ନେଇ ଆସିଥିଲେ ।

ରାଷ୍ଟ୍ରପତିଙ୍କ ଜୀବନ ପ୍ରତି ବିପଦ ଥିଲା । ତେଣୁ ଜାତୀୟ ସୁରକ୍ଷା ବିଭାଗର ଜଣେ ପଦସ୍ଥ ଅଧିକାରୀ ରାଷ୍ଟ୍ରପତିଙ୍କ ସହିତ ତାଙ୍କ ପରିବାର ବର୍ଗଙ୍କୁ ସୁରକ୍ଷା ଦେଇ ଗୁପ୍ତରେ ରକ୍ଷା ମନ୍ତ୍ରୀଙ୍କ ବାସଭବନକୁ ନେଇ ଆସିଥିଲେ। ଆତଙ୍କବାଦୀମାନେ ରାଷ୍ଟ୍ରପତି ଭବନ ଦଖଲ କରିନେବା ସହିତ ଶିକ୍ଷାମନ୍ତ୍ରୀ ଅହମ୍ମଦ ମୁଜଟାଓ୍ୱାଙ୍କୁ ବନ୍ଦୀ କରିନେଇ ଥିଲେ । ପରିସ୍ଥିତି ଅଣାୟତ୍ତ ହେବା ପରେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ମୁତାବକ ବୈଦେଶିକ ସଚିବ ଇବ୍ରାହିମ୍ ହୁସେନ୍ ଜାକି ବ୍ରିଟେନ୍, ଯୁକ୍ତରାଷ୍ଟ୍ର ଆମେରିକା, ପାକିସ୍ତାନ୍, ଶ୍ରୀଲଙ୍କା, ସିଙ୍ଗାପୁର୍ ଏବଂ ଭାରତ ଇତ୍ୟାଦି ଦେଶକୁ ସହାୟତା ପାଇଁ ଅନୁରୋଧ କରିଥିଲେ । ପାକିସ୍ତାନ୍, ଶ୍ରୀଲଙ୍କା ସିଙ୍ଗାପୁର୍ ମାଳଦ୍ୱୀପର ଅନୁରୋଧକୁ ପ୍ରତ୍ୟାଖାନ କରି ଦେଇଥିଲେ । ଆମେରିକା କହିଥିଲା ଯେ ତା'ର ସବୁଠାରୁ ନିକଟତମ ସାମରିକ ଘାଟୀ ଡିଏଗୋ ଗ୍ରାସିଆ ଯାହା ମାଳ ଦ୍ୱୀପ ଠାରୁ ହଜାରେ କିଲୋମିଟର ଦୂରରେ ରହିଛି । ତେଣୁ ତୁରନ୍ତ ସହାୟତା ପ୍ରଦାନ ସମ୍ଭବ ନୁହେଁ । ବ୍ରିଟେନ୍ ଭାରତରୁ ସହାୟତା ମାଗିବା ପାଇଁ ଉପଦେଶ ଦେଇଥିଲା । ଶେଷରେ ଭାରତ ବନ୍ଧୁ ରାଷ୍ଟ୍ର ମାଳଦ୍ୱୀପକୁ ସମସ୍ତ ପ୍ରକାର ସହାୟତା ଦେବାକୁ ରାଜି ହୋଇ ଗଲା । ଅପରେସନ୍ କାକ୍ଟସ୍ ତା'ର ସାମରିକ କାର୍ଯ୍ୟକଳାପ ପାଇଁ ଯୋଜନା ପ୍ରସ୍ତୁତ କରି ଦେଇ ଥିଲା । ଏହି ଅପରେସନ୍ କାର୍ଯ୍ୟକାରୀ ହେବା ପୂର୍ବରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ମିଟିଂରେ ଉପସ୍ଥିତ ଥିବା ଏଆର୍ ମାର୍ଶାଲ ଏନ:ସି:ସୁରି ବିମାନ ବାହିନୀର ଆବଶ୍ୟକତା ଅଛି ବୋଲି କହିଥିଲେ । ସେନା ବାହିନୀର ପାରାସୁଟ୍ ବାହିନୀ ଏହି କାର୍ଯ୍ୟରେ ନିୟୋଜିତ ହେବେ ବିମାନ ବାହିନୀ ଏହାକୁ କାର୍ଯ୍ୟକାରୀ କରିବେ । କିନ୍ତୁ ଗୋଟିଏ ଅସୁବିଧା ଥିଲା ସେମାନେ ମାଳଦ୍ୱୀପର ଭୌଗୋଳିକ ନକ୍ସା ଉପରେ ସେତେଟା ଜ୍ଞାତ ନଥିଲେ । ସେହି ସମୟରେ ମାଳ ଦ୍ୱୀପରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଏ କେ ବାନାର୍ଜୀ ଭାରତରେ ଉପସ୍ଥିତ ଥିଲେ । ସେ ମାଳଦ୍ୱୀପର ଭୌଗୋଳିକ ସ୍ଥିତି ଉପରେ ସେନା ବାହିନୀକୁ ସବୁ ପ୍ରକାର ବିବରଣୀ ଦେଇଥିଲେ ।

ମାଲେ ବିମାନ ବନ୍ଦର ଆତଙ୍କବାଦୀଙ୍କ ଦଖଲରେ ଥିଲା। ତେଣୁ ଭାରତୀୟ ବାୟୁସେନାର ବିମାନ ସେଠାରେ ଅବତରଣ କରିବା ସମ୍ଭବ ନଥିଲା । ମାଲେ ଠାରୁ କିଛି ଦୂରରେ ହୁଲ୍ ହୁଲେ ନାମକ ଅନ୍ୟ ଏକ ଦ୍ୱିପରେ ଅବତରଣ ସମ୍ଭବ ବୋଲି ଜାଣିବା ପରେ ବିମାନ ବାହିନୀ ରଣକୌଶଳ ପ୍ରସ୍ତୁତ କଲେ । ହୁଲ୍ ହୁଲେ ପହଞ୍ଚିବା ପରେ ସୈନିକମାନେ ଜଳ ପଥରେ ଆଗେଇ ଯିବେ ଏବଂ ମାଲେରେ ପହଞ୍ଚି ବିଦ୍ରୋହୀମାନଙ୍କୁ ନିପାତ କରିବେ ।

(ପ୍ରଥମଭାଗ)

ମୋ: ୯୯୩୭୧୭୪୦୯୭

# ହଜିଯାଉଛି ପ୍ରସିଦ୍ଧ କଣ୍ଟିଲୋର କଂସା ବାସନ ଶିଳ୍ପ

ଭାପୁର,୪।୫ (ନିପ୍ର): ରାଜ୍ୟରେ କଂସା ବାସନ ଶିଳ୍ପ ପାଇଁ ପ୍ରସିଦ୍ଧ ଲାଭ କରିଥିବା ସ୍ଥାନ ନୟାଗଡ଼ ଜିଲ୍ଲାର କଣ୍ଟିଲୋ ଏବଂ ଭୁବନେଶ୍ୱରର ବାଲକାଟୀ ପିଲାବେଳେ



ଇତିହାସରୁ ପଢ଼ିଥିଲେ। କିନ୍ତୁ, ବର୍ତ୍ତମାନ କଣ୍ଟିଲୋର କଂସା ବାସନ ଶିଳ୍ପ ସରକାରୀ ପ୍ରୋତ୍ସାହନ ଅଭାବରୁ ବୁଡ଼ିବାକୁ ବସିଛି। କଣ୍ଟିଲୋ ପ୍ରଭୁ ନୀଳମାଧବଙ୍କ ପାଇଁ ପ୍ରସିଦ୍ଧି ଲାଭ କରିଥିବାବେଳେ ଅନ୍ୟଦିଗରେ କଂସାର ନିର୍ମିତ ବାସନ, ମୂର୍ତ୍ତି, ଘରକରଣା ଓ ସାଜସଜ୍ଜା ଉପକରଣ ପାଇଁ ପ୍ରସିଦ୍ଧ ଲାଭ କରିଥିଲା। ସେତେବେଳେ 'ନୀଳମାଧବଙ୍କ ଦର୍ଶନ, କଣ୍ଟିଲୋ କା ବର୍ତ୍ତନ' ଉକ୍ତି ଟି ବେଶ ପ୍ରଚଳିତ ରହିଥିଲା।ଗରାଖଙ୍କ ଚାହିଦା ଅଭାବ, ନୂତନ ଜ୍ଞାନ କୌଶଳର ପ୍ରୟୋଗ ଅଭାବ, କଞ୍ଚାମାଲର ଅଭାବ ଏବଂ ସରକାରୀ ସହାୟତା ଅଭାବରୁ କଣ୍ଟିଲୋର କୁଟୀର ଶିଳ୍ପ ରୂପେ ପରିଚିତ ଲାଭ କରିଥିବା କଂସାବାସନ ଶିଳ୍ପ ଧୀରେଧୀରେ ବନ୍ଦ ହେବାକୁ ବସିଛି। କଂସା ବାସନ ସ୍ଥାନରେ ଷ୍ଟିଲ, ଆଲୁମିନିୟମ, ପ୍ଲାଷ୍ଟିକ, କାଚ, ଚାଇନା ମାଟିର ସାମଗ୍ରୀ ପରିବାରରେ ବହୁଳ ପ୍ରଚଳିତ ହେଉଛି।

ଅତୀତରେ, ୧୦୦ରୁ ଉର୍ଦ୍ଧ୍ୱ ପରିବାର ଏହି ଶିଳ୍ପ ରେ ସଂଶ୍ଳିଷ୍ଟ ରହିଥିବା ବେଳେ ବର୍ତ୍ତମାନ ହାତଗଣତି ୨୦ଟି ପରିବାର ମଧ୍ୟରେ ସୀମିତ ରହିଛି। ରାଜ୍ୟ ସରକାର ଏହି ଶିଳ୍ପକୁ ବଞ୍ଚେଇ ରଖିବା ପାଇଁ ଇଚ୍ଛାଶକ୍ତି ନ ଥିବାରୁ ଏହି ବେଉସା ବୁଡ଼ିବାକୁ ବସିଛି। ଯେଉଁ ପରିବାର ବର୍ଷବର୍ଷ ଧରି ଏହି ଶିଳ୍ପକୁ କୁଟୀର ଶିଳ୍ପ ଏବଂ କୂଳ ବେଉସା ଭାବରେ ବିବେଚନା କରି ନିଜ ପରିବାରର ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି କରୁଥିଲେ ସେମାନଙ୍କ ପରପିଢ଼ି ଏହି ଶିଳ୍ପରୁ ମୁହଁ ଫେରାଇ ଅନ୍ୟ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଉଲ୍ଲେଖଯୋଗ୍ୟ, ଇଂରେଜି ଶାସନ କାଳରୁ କଣ୍ଟିଲୋରେ କଂସାରୀ ମାନେ ବସତିସ୍ଥାପନ



କରି ଏହି ଶିଳ୍ପକୁ ପ୍ରସାର କରିଥିଲେ ବୋଲି ଇତିହାସ କହେ।

୮୦ରୁ ୯୦ ଦଶକରେ ଏହି ଶିଳ୍ପର କାରବାର ଶିଖର ଛୁଇଁଥିଲା ଯାହା କଂସାଶିଳ୍ପର ସୁବର୍ଣ୍ଣମୟ ଯୁଗ ରହିଥିଲା କିନ୍ତୁ,ତା ପରଠାରୁ ଏହି ଶିଳ୍ପ ରୁଗ୍ଣ ଅବସ୍ଥା କୁ ଚାଲି ଆସିଛି । ଇଂରେଜ ମାନେ ଏହି କଂସା ବାସନ କୁ ଜଳପଥ ରେ ନିଜ ଦେଶକୁ ରପ୍ତାନି କରୁଥିଲେ କିନ୍ତୁ,ଆଜି ଏହି ଶିଳ୍ପ ଦୟନୀୟ ଅବସ୍ଥାରେ ପଡିରହିଛି।ଗୋଟିଏ ଗୋଟିଏ କଂସା ସାମଗ୍ରୀ ତିଆରି ଶାଳରେ ୧୦ରୁ ଉର୍ଦ୍ଧ୍ୱ ଲୋକ କାମ କରୁଥିବାରୁ ଦୈନିକ ୧୦୦୦ ରୁ ଉର୍ଦ୍ଧ୍ୱ ଲୋକ ନିଜ ପରିବାର ପ୍ରତିପୋଷଣ କରୁଥିଲେ। ଆଜି ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି ଶିଳ୍ପ ମାଟିରେ ମିଶିବାକୁ ବସିଛି। ରାଜ୍ୟ ସରକାର 'ଓଡ଼ିଆ ଅସ୍ମିତା, ଓଡ଼ିଆ ଅସ୍ମିତା' ଡିଣ୍ଡିମ ପିଟୁଥିବାବେଳେ ଏହି ଶିଳ୍ପକୁ ବଞ୍ଚେଇ ରଖି ରାଜ୍ୟ ତଥା ରାଜ୍ୟ ବାହାରେ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବାକୁ ଖଣ୍ଡପଡା ଅଞ୍ଚଳର ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତଥା ମୁଖ୍ୟମନ୍ତ୍ରୀ ଏଦିଗରେ ସଦୟ ଦୃଷ୍ଟି ଦେଇ କଂସା ଶିଳ୍ପ କାରିଗରଙ୍କୁ ପ୍ରୋତ୍ସାହନ ଦେବାକୁ ସ୍ଥାନୀୟ ମତ ପ୍ରକାଶ କରିଛନ୍ତି।

## ଖୋର୍ଦ୍ଧା ଜିଲ୍ଲାରେ ପ୍ରଶଂସା ସାଉଣ୍ଟୁଛନ୍ତି ଜିଲ୍ଲା ବିଜେପି ଉପସଭାପତି

ବୋଲଗଡ଼,୪।୫ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଓ ବୋଲଗଡ଼-ବେଗୁନିଆ ନିର୍ବାଚନ ମଣ୍ଡଳୀର ଲୋକମାନଙ୍କର ଦୁଃଖ, ସୁଖରେ ଓ ପ୍ରତ୍ୟେକ କାର୍ଯ୍ୟରେ ସାହାଯ୍ୟ, ସହଯୋଗର ହତାବଡ଼ାଇ ଅଞ୍ଚଳ ପାଇଁ ଚର୍ଚ୍ଚାରେ ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ତଥା ସମାଜସେବୀ ବାସୁଦେବ ସାହୁ । ପିଲାଟି ଦିନରୁ ଲୋକମାନଙ୍କର ସେବା କରିବା ସ୍ୱପ୍ନ ଦେଖିଥିଲେ। ଆଜି ତାହା କାର୍ଯ୍ୟରେ କରି ଦେଖାଇଛନ୍ତି । ଖୋର୍ଦ୍ଧା ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ଅସହାୟ ଗରିବ, ଖଟିଖିଆ ଦିନମଜୁରିଆ ଓ ଅସହାୟ ବୃଦ୍ଧ, ବୃଦ୍ଧାମାନଙ୍କୁ ବିଭିନ୍ନ ସମୟରେ, କମ୍ବଳ, ଛତା ଓ ବିଭିନ୍ନ ରୋଗରେ ପୀଡ଼ିତଙ୍କୁ



ସହାୟତାର ହାତ ବଢ଼ାଇ ରୋଗୀଙ୍କ ପାଇଁ ଆଶାର କିରଣ ପାଲଟିଛନ୍ତି। ବୋଲଗଡ଼ ବ୍ଲକ ବଡ଼କୁମାରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖାଉରୁଣୀ ଗ୍ରାମବାସୀଙ୍କୁ ରବିବାର ଏକାଠି କରି ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ପୋଖରୀ ଓ କ୍ଲବ ଗୁଡିକର ବିକାଶ କରି ମାନବିକତାର ଉଦାହରଣ ସାଜିଛନ୍ତି । ଜନସାଧାରଣମାନଙ୍କ ସେବା ହେଉଛି ମାନବ ଜାତିର ସବୁଠାରୁ ବଡ଼ ଧର୍ମ। ନିଜ ସ୍ୱାର୍ଥ ଅପେକ୍ଷା ଅନ୍ୟର ହିତକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି । ସେବାରେ ବାସୁଦେବ ସାହୁ ଜଣେ ପ୍ରକୃତ ସମାଜସେବୀ କୌଣସି ପ୍ରତିଦାନ ଆଶା ନକରି ନିଃସ୍ୱାର୍ଥପର ଭାବେ ଲୋକଙ୍କ ସେବା କରନ୍ତି। ତାଙ୍କର ଲକ୍ଷ୍ୟ କେବଳ ପଦ-ପଦବୀ କିମ୍ବା ପ୍ରଶଂସା ପାଇବା ନୁହେଁ, ବରଂ ଅସହାୟଙ୍କ ମୁହଁରେ ହସ ଫୁଟାଇବା ସହିତ ଜାତି, ଧର୍ମ, ବର୍ଣ୍ଣ ଏବଂ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି । ସମାଜର ଦଳିତ, ଅବହେଳିତ, ଅନାଥ ଏବଂ ରୋଗୀଙ୍କ ସେବାରେ ସେ ନିଜ ଜୀବନକୁ ଉତ୍ସର୍ଗ କରିଥାନ୍ତି। ଖରା, ବର୍ଷାକୁ ଖାତିର ନ କରି ଲୋକଙ୍କ ପାଖରେ ପହଞ୍ଚନ୍ତି ବୋଲି ଖୋର୍ଦ୍ଧାଜିଲ୍ଲାର ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଯୁବଗୋଷ୍ଠୀମାନେ କହିଛନ୍ତି । ଲୋକମାନଙ୍କର ସେବା କରିବା ଦ୍ୱାରା ଯେଉଁ ଆତ୍ମିକ ଶାନ୍ତି ଓ ଆତ୍ମସନ୍ତୋଷ ମିଳେ, ତାହା ଅନ୍ୟ କୌଣସି କାର୍ଯ୍ୟରୁ ମିଳେ ନାହିଁ ବୋଲି ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ତଥା ସମାଜସେବୀ ବାସୁଦେବ ସାହୁ କହିଛନ୍ତି ।

## ଦୁଇ ବାଇକ ମଧ୍ୟରେ ଦୁର୍ଘଟଣା, ଦୁଇ ଗୁରୁତର

ପାରଳାଖେମୁଣ୍ଡି,୪।୫ (ନିପ୍ର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଠ ଗ୍ରାମ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ଘଟିଛି । ଫଳରେ ଦୁଇ ବାଇକ ଚାଳକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ସେଥି ମଧ୍ୟରୁ ଜଣଙ୍କର ଅବସ୍ଥା ଅତିଗୁରୁତର ରହିଛି । ଦ୍ରୁତ ଗତିରେ ଉଭୟ ବାଇକ୍ ପରସ୍ପରକୁ ଧକ୍କା ହୋଇଥିବା ଜଣାପଡିଛି । ଧକ୍କାରେ ରାଣୀପେଣ୍ଠ ଗ୍ରାମ ନିକଟସ୍ଥ ଲକ୍ଷ୍ମୀପୁର ଗ୍ରାମର ଯୁବକ ଅତିଗୁରୁତର ଆହତ ହୋଇଥିବା ଜଣାପଡିଛି । ବିପରୀତ ଦିଗରୁ ଆସୁଥିବା ଆର ସୀତାପୁର ଗ୍ରାମର ଅନ୍ୟଜଣେ ଯୁବକ ମଧ୍ୟ ଆହତ ହୋଇଥିବା ଜଣାପଡିଛି । ଉଭୟଙ୍କୁ ପଥଚାରୀମାନେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି । ଦୁର୍ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଇଣ୍ଡେନ ଗ୍ୟାସ ଏଜେନ୍ସିରେ ଆସିଲା ସଙ୍ଗୀନ ଅଭିଯୋଗ
## ଖାଉଟିଙ୍କ ଗ୍ୟାସକୁ କଳାବଜାରି କରି ବିକ୍ରି କରୁଛି !

ଗୋଲାମୁଣ୍ଡା,୪।୫ (ନିପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଏକ ନିର୍ଦ୍ଦିଷ୍ଟ ଇଣ୍ଡେନ ଗ୍ୟାସ ଏଜେନ୍ସିରେ ଏକ ସଙ୍ଗୀନ ଅଭିଯୋଗ ଆସିଛି । ମଧ୍ୟ ପ୍ରାଚୀୟ ଯୁଦ୍ଧ ଚାଲିଥିବା ବେଳେ ସାଂପ୍ରତିକ ଭାବେ ଖାଉଟିଙ୍କୁ ଗ୍ୟାସ ମିଳୁ ନାହିଁ । ଗ୍ୟାସ ପାଇଁ ଲୋକେ ଏଜେନ୍ସି ପାଖରେ ଘଣ୍ଟା ଘଣ୍ଟା ଖରାରେ ଠିଆ ହେବାକୁ ପଡୁଛି । ଖାଉଟିଙ୍କୁ ଗ୍ୟାସ ପାଇଁ ଅନେକ ସଂଘର୍ଷ କରିବାକୁ ପଡୁଛି । ଗ୍ୟାସ ବୁକିଙ୍ଗ କରି ଦିନ ଦିନ ଜଗିବା ପରେ ଡିଏସି ନମ୍ବର ଆସିଲେ ହିଁ ଗ୍ୟାସ ମିଳୁଛି । ହେଲେ ଏକ ନିର୍ଦ୍ଦିଷ୍ଟ ଇଣ୍ଡେନ ଗ୍ୟାସ ଏଜେନ୍ସି ଖାଉଟି ମାନେ ଗ୍ୟାସ ବୁକିଙ୍ଗ





କଲେ ତାହାକୁ ଡେଲିଭରି ନ କରି ଚଢ଼ା ଦରରେ ଅନ୍ୟତ୍ର ବିକ୍ରି କରିଦେଉଥିବା ଅଭିଯୋଗ ହୋଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗୋଲାମୁଣ୍ଡା ବ୍ଲକ ସାରସଗୁଡା ଗ୍ରାମର ଦୁର୍ଯ୍ୟୋଧନ ଅଘରିଆ ଓ ରଜନୀ ଅଘରିଆ ଗତ ଏପ୍ରିଲ ୧୩ ତାରିଖରେ ଉକ୍ତ ଇଣ୍ଡେନ ଗ୍ୟାସ ଏଜେନ୍ସିରୁ ଗ୍ୟାସ ନେବା ପାଇଁ ଅନଲାଇନ ବୁକିଙ୍ଗ କରିଥିଲେ । ହେଲେ ଗ୍ୟାସ ଡେଲିଭରି ନ ହେବାରୁ ସନ୍ଦେହ ବଢ଼ିଲା । ଅନଲାଇନରେ ଖୋଜିବାରୁ ତାହା ଜଣାପଡିଲାକି ଗତ ଏପ୍ରିଲ ୨୭ ତାରିଖରେ ଦିହେଁଙ୍କୁ ଗ୍ୟାସ ଡେଲିଭରି ହୋଇଯାଇଛି ବୋଲି । ହେଲେ ଅସଲରେ ତାହା ଖାଉଟିଙ୍କୁ ଡେଲିଭରି ନ ହୋଇ ଚଢ଼ା ଦରରେ କେଉଁଠି ବିକ୍ରି କରିଦେଉଥିବା ଜଣା ପଡ଼ିଛି । ଆଗରୁ ମଧ୍ୟ ଏହି ଗ୍ୟାସ ଏଜେନ୍ସି ନାମରେ ଅନେକ ଅଭିଯୋଗ ହେଉଥିଲେ ସୁଦ୍ଧା ଖାଉଟି ବିଭାଗର ମଧୁଚନ୍ଦ୍ରିକା ଯୋଗୁଁ ଏହି ଗ୍ୟାସ ବିତରକ ଏଜେନ୍ସିଙ୍କୁ କୌଣସି ପ୍ରଭାବ ପଡ଼ିନାହିଁ । ତେଣୁ ତୁରନ୍ତ ରାଜ୍ୟ ସରକାର ଏହାର ଏକ ସରଜମିନ ତଦନ୍ତ କରି ଉକ୍ତ ଇଣ୍ଡେନ ଗ୍ୟାସ ଏଜେନ୍ସି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

## ଏଟିଏମ୍ ଟଙ୍କା ନାହିଁ, ତିନିଦିନ ହେଲା ହନ୍ତସନ୍ତ ଶେରଗଡ଼ବାସୀ

ଶେରଗଡ,୪।୫ (ନିପ୍ର): ଶେରଗଡ଼ ବ୍ଲକର ମୁଖ୍ୟ ଗ୍ରାମ ଓ ସରକାରଙ୍କ ସବୁ ପ୍ରତିଷ୍ଠାନ ଅଛି । ପ୍ରତିଦିନ ଶେରଗଡ଼କୁ ହଜାର ହଜାର ଲୋକ ଆସୁଛନ୍ତି।ଏଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଦୁଇଟି ଏଟିଏମ୍, ପଞ୍ଜାବ ନେସନାଲ ବ୍ୟାଙ୍କ ଗୋଟିଏ, ୟୁନିୟନ ବ୍ୟାଙ୍କର ଗୋଟିଏ ଏଟିଏମ୍ ରହିଛି।ଲଗାତାର ତିନି ଦିନ ହେଲା ଉକ୍ତ ଏଟିଏମ୍ ବନ୍ଦ ରହିଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ଦୁଇଟି ଯାକ ଟଙ୍କା ନଥିବା ବେଳେ ୟୁନିୟନ ବ୍ୟାଙ୍କ ଟଙ୍କା ନାହିଁ, ପଞ୍ଜାବ ନେସନାଲ ବ୍ୟାଙ୍କର ଏଟିଏମ୍ ଖରାପ ହୋଇ ପଡିଛି। ତିନଟି ଯାକ ବ୍ୟାଙ୍କ କର୍ତ୍ତୃପକ୍ଷ ଏଟିଏମ୍ ସେବା ଯୋଗାଇବା ରେ ବିଫଳ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ଶେରଗଡ଼ବାସୀ ବହୁ ଗ୍ରାହକ ନାହିଁ ନଥିବା ହନ୍ତସନ୍ତ ହେଉଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ତୁରନ୍ତ ଏଟିଏମ୍ ସେବା ଯୋଗାଇବା ପାଇଁ ସାଧାରଣରେ ଦାବି ହେଉଛି।

## ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ବଡ଼ସାହି ,୪।୫ (ନିପ୍ର); ବଡ଼ସାହି ବ୍ଲକ ଅନ୍ତର୍ଗତ ବିରେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ମିଶ୍ରଙ୍କ ଅବସର ଦିବସ ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଭାବବିହ୍ୱଳ ବିଦାୟ ସଭା ଆୟୋଜିତ ହୋଇଥିଲା। ସଭାରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଏସଏମଡ଼ିସି ଏବଂ ପଞ୍ଚ ସଖା ଶିକ୍ଷା ସେତୁର ସଦସ୍ୟ, ସଦସ୍ୟାମାନେ ଉପସ୍ଥିତ ରହି ଶ୍ରୀ ମିଶ୍ରଙ୍କ ଦୀର୍ଘ ସେବାଜୀବନକୁ ସ୍ମରଣ କରିଥିଲେ। ତାଙ୍କର ସୁମଧୁର ବ୍ୟବହାର, ଦୟାଳୁ ମନୋଭାବ, ନମ୍ରତା, ଧର୍ଯ୍ୟ ଓ ଗଭୀର ଜ୍ଞାନ ସମସ୍ତଙ୍କ ମନକୁ ଛୁଇଁଥିଲା ବୋଲି ବକ୍ତାମାନେ ଉଚ୍ଚ ପ୍ରଶଂସା କରିଥିଲେ। ଶ୍ରୀ ମିଶ୍ର ୧୯୮୯ରେ ତଖତପୁର ସ୍ଥିତ ୟୁ.ଜି. ସରକାରୀ ଉଚ୍ଚ ବିଦ୍ୟାଳୟ ରେ ବିଜ୍ଞାନ ଶିକ୍ଷକ ରୂପେ ନିଜର କର୍ମମୟ ଜୀବନ ଆରମ୍ଭ କରି, ଭଣ୍ଡଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଶେଷରେ ବୀରେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରୂପେ ନିଜର କାର୍ଯ୍ୟକାଳ ସମାପନ କରିଥିଲେ। ୨୦୧୫ ରୁ ୨୦୨୧ ମସିହା ଯାଏଁ 'ଉତ୍କର୍ଷ ସଂଯୋଜକ' ରୂପେ ମୟୂରଭଞ୍ଜ ଜିଲ୍ଲାରେ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ। ଶ୍ରୀ ମିଶ୍ର ତାଙ୍କ କାର୍ଯ୍ୟକାଳ ସମୟରେ ବିଦ୍ୟାଳୟର ଶିକ୍ଷାମାନକୁ ଉନ୍ନତ କରିବା ସହିତ ଛାତ୍ରଛାତ୍ରୀଙ୍କ ମାନସିକ ଓ ନୈତିକ ଉନ୍ନତି ପାଇଁ ବିଶେଷ ଅବଦାନ ରଖିଥିଲେ। ତାଙ୍କ ନେତୃତ୍ୱରେ ବିଦ୍ୟାଳୟ ଅନେକ ସଫଳତା ଅର୍ଜନ କରିଥିବା କଥା ସଭାରେ ଉଲ୍ଲେଖ ହୋଇଥିଲା।

# ୧୯୫ ରୋଗୀଙ୍କ ସଫଳ ମାଗଣା ଚକ୍ଷୁ ଅସ୍ତ୍ରୋପଚାର

ରାଉରକେଲା,୪।୫ (ନିପ୍ର): ଲାୟନ୍ସ କ୍ଲବ ଅଫ୍ ରାଉରକେଲା ବେଦବ୍ୟାସ ଦ୍ୱାରା ପରିଚାଳିତ ରାଉରକେଲା ବେଦବ୍ୟାସ ଲାୟନ୍ସ ଆଇ ଆଣ୍ଡ ଜେନେରାଲ ହସ୍ପିଟାଲରେ ଏପ୍ରିଲ ମାସରେ ଅନୁଷ୍ଠିତ ଆଇଓଏଲ (ମୋତିଆବିନ୍ଦୁ) ଶିବିର ସୋମବାର ମାଗଣା ଚଷମା ଓ ଔଷଧ ବଣ୍ଟନ ସହିତ ସହାୟତା ପ୍ରଦାନକାରୀ ଦାତାଙ୍କୁ ସମ୍ମାନିତ କରାଯିବା ସହ ସମାପ୍ତ ହୋଇଥିଲା। ଏହି ଅବସରରେ, ମୁଖ୍ୟ ଯୋଗଦାନକାରୀ ଏସ.ଏନ. ଉପାଧ୍ୟାୟ ଏବଂ ଅର୍ପିତା ଉପାଧ୍ୟାୟ, ନେହା ଭିରାଜ କଲାନିଙ୍କ ପରିବାରର ସଦସ୍ୟ ସୁଷମା ସାରଦା ଏବଂ ବିବେକ ଶିଖା ତୋଷନିୱାଲଙ୍କୁ ନିମନ୍ତ୍ରଣ କରାଯାଇ ସମ୍ମାନିତ କରାଯାଇଥିଲା। ଦାତାମାନେ ୨୦୨୬ଏପ୍ରିଲ ୧ରୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ଆଇଓଏଲ ଶିବିରର ସଫଳ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ



ଥିଲା। ଏପ୍ରିଲ ମାସରେ, ହସ୍ପିଟାଲ ପକ୍ଷରୁ ବହୁ ସଂଖ୍ୟକ ମାଗଣା ଚକ୍ଷୁ ପରୀକ୍ଷା କରାଯାଇଥିଲା ଏବଂ ୧୯୫ ଜଣ ରୋଗୀଙ୍କ ଉପରେ ମୋତିଆବିନ୍ଦୁ (ଆଇଓଏଲ) ଅସ୍ତ୍ରୋପଚାର କରାଯାଇଥିଲା, ଯେଉଁମାନଙ୍କୁ ୮ଟି ବିଭିନ୍ନ ଗ୍ରାମ ପରିଦର୍ଶନ କରି ଚକ୍ଷୁ ସିଭିଆର ଲଗାଯାଇଥିଲା, ସେଠାରୁ ବଞ୍ଚିତ ଏବଂ ଗରିବ ରୋଗୀଙ୍କୁ ଆଣି ସେମାନଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣୁଥିଲେ। ଲାୟନ ସିଏ ପବନ ଅଗ୍ରୱାଲ (ସଭାପତି), ଲାୟନ ସୁରେଶ କେଜରିୱାଲ (ହସ୍ପିଟାଲ ଅଧକ୍ଷ), ଲାୟନ ବିକାଶ ବିନ୍ଦଲ (ସଚିବ), ଲାୟନ ସିଏ ଅଖିଳ ଶାହ (କୋଷାଧକ୍ଷ), ଲାୟନ ବେନି ଗୋପାଳ ମାଲାନି (ପୂର୍ବ ସଭାପତି), ଲାୟନ ସତୀଶ ଗୌତମ (ହସ୍ପିଟାଲର ଉପାଧକ୍ଷ) ଏବଂ କ୍ଲବର ଅନ୍ୟାନ୍ୟ ସଦସ୍ୟମାନେ ସମ୍ମାନିତ ଉତ୍ସବରେ ଉପସ୍ଥିତ ଥିଲେ। ଚକ୍ଷୁ ଚିକିତ୍ସା ବ୍ୟତୀତ, ଲାୟନ୍ସ ଆଇ ଆଣ୍ଡ ଜେନେରାଲ ହସ୍ପିଟାଲ ବହୁତ କମ ଦେୟରେ ଦନ୍ତ, ଇଏନଟି, ଫିଜିଓଥେରାପି, ଆଭ୍ୟନ୍ତରୀଣ ଔଷଧ ଏବଂ ମଧୁମେହ ଚିକିତ୍ସା ମଧ୍ୟ ସଫଳତାର ସହିତ କରିଥାଏ।

ଏହା ଗରିବ ଏବଂ ଅଭାବୀ ଲୋକଙ୍କୁ ବହୁତ ଲାଭ ଦେଉଛି। ହସ୍ପିଟାଲ ସଭାପତି ସୁରେଶ କେଜରିୱାଲ କହିଛନ୍ତି ଯେ ସମାଜର ଅବହେଳିତ ବର୍ଗକୁ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ଲାୟନ୍ସ କ୍ଲବ ଅଫ୍ ରାଉରକେଲା ବେଦବ୍ୟାସ ଦ୍ୱାରା ଏହି ସେବା ଅଭିଯାନ ଭବିଷ୍ୟତରେ ଜାରି ରହିବ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡା:୪/୫)(ନି:ପ୍ର) ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ୱାତି ଏସ କୁମାର, ବିଭାଗୀୟ ବନ ଅଧିକାରୀ ସଚିନ ଆନ୍ନାସାହେବ ଓହଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ , ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ ମିଶ୍ର, ଉପଜିଲ୍ଲାପାଳ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ଚନ୍ଦ୍ରକାନ୍ତ ମାଝୀ ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ମୋଟ ୪୧ଟି ଅଭିଯୋଗ ଜିଲ୍ଲାପାଳଙ୍କ ପାଖକୁ ଆସିଥିଲା । ସେଥି ମଧ୍ୟରୁ ୩୧ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୦୬ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ପଞ୍ଜୀକରଣ ହୋଇଥିଲା।

## ଗଜପତି ଜିଲ୍ଲା ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପାସ ହାର ଶତ ପ୍ରତିଶତ

ପାରଳାଖେମଣ୍ଡି,୪।୫ (ନିପ୍ର); ଜିଲ୍ଲାରେ ଥିବା ୫ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ମଧ୍ୟରୁ ୩୫ ଜଣ ପିତୃମାତୃହୀନ ଶିଶୁ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ସମସ୍ତ ଶିଶୁ ଶତ ପ୍ରତିଶତ କୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷା ଦେଇଥିବା ଶିଶୁମାନଙ୍କ ମଧ୍ୟରୁ ଏ୨= ୮ ବି ୧ = ୯ ବି୨= ୧୨ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନରେ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ର ମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିୟୋଜିତ କରିଥିଲେ । ମୋଟ ୩୫ ଜଣଙ୍କ ମଧ୍ୟରୁ୧୮ ଜଣ ଝିଅ ଏବଂ ୧୭ ପୁଅ ଥିଲେ ପ୍ରକାଶ ଥାଉକି, ମୋଟ ୩୫ ଜଣ ଶିଶୁଙ୍କ ମଧ୍ୟରୁ ସରକାରଙ୍କ ଦ୍ୱାରା ପାରଳାଖେମୁଣ୍ଡି ଠାରେ ପରିଚାଳିତ ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନରୁ ସର୍ବମୋଟ ୧୪ ଜଣ ଶିଶୁ ପରୀକ୍ଷା ଦେଇଥିଲା ବେଳେ ସମସ୍ତ ଶିଶୁ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଏ.୨= ୧,ବ୧= ୯ ବି୨ = ୧୨ ସଫଳ ହୋଇଛନ୍ତି । ଉକ୍ତ ଅନୁଷ୍ଠାନର ସଞ୍ଚାଳକ ମଣ୍ଡଳ ଶିଶୁ ମାନେ ପାଠ ପଢାରେ ଯେଉଁ ଭଳି ଭଲ ନମ୍ବର ରଖି ସମୀକ୍ଷା କରିବା ସହ ଧ୍ୟାନ ଦେଉଥିଲେ । ଶିଶୁମାନଙ୍କର ପରିଶ୍ରମ ଓ ଏଭଳି କୃତକାର୍ଯ୍ୟ ହାସଲ କରିଥିବା ହେତୁ ସଞ୍ଚାଳକ ମଣ୍ଡଳ ସମସ୍ତ ଶିଶୁମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

## ନୟାଗଡ଼ ଜିଲ୍ଲାରେ ମାଟ୍ରିକ ଜିଲ୍ଲା ଟପ୍ପର ସରୋଜ ସମ୍ବର୍ଦ୍ଧିତ

ନୟାଗଡ଼ ୪।୫ (ନିପ୍ର) ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏଥିରେ ନୟାଗଡ଼ ଜିଲ୍ଲାର ପାସ ହାର ୯୬.୬୮% ହୋଇଥିବା ବେଳେ ଏ -୧ ଗ୍ରେଡ ରେ ୫୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ସମଗ୍ର ଜିଲ୍ଲାରେ ସର୍ବୋଚ୍ଚ ୫୭୨ ନମ୍ବର( ୯୫.୩% )ରଖି ସରୋଜ କୁମାର ଜେନା ଜିଲ୍ଲା ଟପ୍ପର ହୋଇଛନ୍ତି ।ସେ ନୟାଗଡ ବ୍ଲକ ଅନ୍ତର୍ଗତ କ୍ରିଦାସ ପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଟନ୍ତି । ଏଥି ନେଇ ଅଞ୍ଚଳିକ ସ୍ତରରେ ଆନନ୍ଦର ଲହରୀ ଖେଳି ଯାଇଥିବାବେଳେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ବିଦ୍ୟାଳୟ ପାଇଁ ଗୌରବ ଅଣିଥିବାରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଦ୍ୟାଳୟ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସଞ୍ଜୁବାଳା ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ କୃପାସିନ୍ଧୁ ପତି ଯୋଗ ଦେଇ ଜିଲ୍ଲା ଟପ୍ପର ଛାତ୍ର ସରୋଜର କୃତିତ୍ୱ ପାଇଁ ବିଦ୍ୟାଳୟ ଆଜି ଗର୍ବ ଓ ଗୌରବ ବହନ କରୁଛି ବୋଲି କହିଥିଲେ । ସହରରେ ଥିବା ବହୁ ନାମକରା ବିଦ୍ୟାଳୟକୁ ପଛରେ ପକାଇ ଗାଁ ଗହଳିରେ ଥିବା କ୍ରିଦାସପୁର ଆଞ୍ଚଳିକ ଉଚ୍ଚବିଦ୍ୟାଳୟରେ ପଢୁଥିବା ନିପଟ ମଫସଲ ଗାଁର ଜଣେ ଛାତ୍ର ଜିଲ୍ଲା ମାଟ୍ରିକ ଟପ୍ପର ହେବା ନେଇ ଶିକ୍ଷା ଦାନରେ ଶିକ୍ଷକ ମାନଙ୍କ ଆଦର୍ଶଗତ କର୍ତ୍ତବ୍ୟ ପରାୟଣ ଓ ଅବଦାନକୁ ଲୋକେ ଭୂୟସୀ ପ୍ରଶଂସା କରିଛନ୍ତି।

## ଶାରୀରିକ ଶିକ୍ଷା ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଗୁଣୁପୁର,୪।୫ (ନିପ୍ର):ଗୁଣୁପୁର ବ୍ଲକ୍ ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ଗୁଣୁପୁର ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ଅଧିକାରୀ ହରିହର ପାତ୍ର ଏବଂ କ୍ରୀଡ଼ାବିତ୍ ଦେବ ପ୍ରସାଦ ପାଢ଼ୀ ଯୋଗ ଦେଇଥିଲେ।

# କଲ୍ୟାଣସିଂହପୁର ଲ୍ୟାମ୍ପରେ କୋଟିଏରୁ ଅଧିକ ଟଙ୍କାର ଘୋଟଲା !

ରାୟଗଡା-୪/୫(ନି:ପ୍ର)ରାଜ୍ୟରେ ଦିନକୁ ଦିନ ସମବାୟ ସଂସ୍ଥାରେ ଅର୍ଥର ଘୋଟଲା ହେଉଥିବା ନଜିର ଚର୍ଚ୍ଚିତ ହୋଇଆସୁଛି। ଗତ କିଛିଦିନ ପୂର୍ବେ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମାଲକାନଗିରି ଠାରେ ଅର୍ଥ ହେରେଫେର ହୋଇଥିବା ଘଟଣା ଆଲୋଚନାରେ ରହିଥିବା ବେଳେ ଲ୍ୟାମ୍ପ ପ୍ରତି ଚାଷୀଙ୍କ ବିଶ୍ୱାସ ଧୀରେ ଧୀରେ ତୁଟିବାରେ ଲାଗିଛି। ସେହିଭଳି କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର କଲ୍ୟାଣସିଂହପୁର ଲ୍ୟାମ୍ପରେ ମଧ୍ୟ କୋଟିଏରୁ ଅଧିକା ଟଙ୍କା ଘୋଟଲା ଖୁଦ ଲ୍ୟାମ୍ପ ତୁଙ୍ଗ ଅଧିକାରୀ ଘୋଟଲା କରିଥିବା ଘଟଣା ପଦାକୁ ଆସିଛି। ଗତ ୧୩. ୪.୨୬ ଜିଲ୍ଲା ସ୍ତରୀୟ ଜନ ଶୁଣାଣିରେ ଚାଷୀ ଜିଲ୍ଲାପାଳଙ୍କ ନିକଟରେ ଏହି ଅଭିଯୋଗ କରିଥିଲେ ।ପରେ ଏଆରସିଏସ ଲ୍ୟାମ୍ପକୁ ଆସି ତଦନ୍ତ ଆରମ୍ଭ କରିଥିଲେ। ଉକ୍ତଦିନ ଖାତା ପତ୍ର ଯାଞ୍ଚ କରିବା ପରେ ନିଜର ଦରମା ବିନା ରେଜୁଲେସନରେ ଛଅ ହଜାର ଟଙ୍କା ବଢ଼ତବା ଦେଖିବାକୁ ପାଇଥିଲେ। ପରେ ଦୁର୍ନୀତିର ପେଡି ଧୀରେ ଧୀରେ ଖୋଲିବାରେ ଲାଗିଲା। ଦୁର୍ନୀତିର ଚେର ଲମ୍ବିଥିବା ଜାଣି ପରିଚାଳନା କମିଟିର ସଭାପତି, ଉପ ସଭାପତି ଓ ସଦସ୍ୟମାନଙ୍କୁ ଏଆରସିଏସ ଚିଠି କରି ଲ୍ୟାମ୍ପକୁ ଡ଼କାଇଥିଲେ। ସମସ୍ତ ସଭ୍ୟ ଆସିବାପରେ ଟଙ୍କା କାରବାର ହୋଇଥିବାର ପ୍ରମାଣ ପତ୍ର ଲ୍ୟାମ୍ପ ତୁଙ୍ଗ ଅଧିକାରୀଙ୍କୁ ମାଗିବାରୁ କୌଣସି ପ୍ରମାଣ ଏଯାଏ ଦେଖାଇ ପାରିନଥିବାରୁ ସନ୍ଦେହରେ ପୁଣି ବ୍ୟାଙ୍କ ଜମା ବହି ଓ ଦୈନନ୍ଦିନ ଖାତା ଯାଞ୍ଚ ଆରମ୍ଭ କରିଥିଲେ। ଉକ୍ତ ଖାତାରେ ହିସାବ ରକ୍ଷକଙ୍କ ଅଜାଣତରେ ବ୍ୟାଙ୍କ ଖାତାରୁ ଲକ୍ଷ ଲକ୍ଷ ଟଙ୍କା ଉଠିଯିବା ଦୈନିକ ଖାତାରେ ଲେଖା ନହେବା ଘଟଣା ତଦନ୍ତକୁ ଆହୁରି ବାଟ ଦେଖାଇଲା। ପୁଣି ଖାତା ଯାଞ୍ଚ ସମୟରେ ଜୈନିକ ଖାତାଦାରଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଜମା ହେଉଛି ପୁଣି ଉଠାଣ ହେଉଛି ଯାହାକି ଖାତାଦାର ସେତିକି ଟଙ୍କା ପୂର୍ବରୁ କେବେ ଜମା ହୋଇନଥିବା ବେଳେ ବର୍ତ୍ତମାନ କେମିତି ଜମା ଓ ଉଠାଣ ହେଉଛି ଘୋଟଲାର ପେଡି ଧୀରେ ଧୀରେ ଖୋଲୁଥିବା ସମସ୍ତ ଲ୍ୟାମ୍ପ ସଭ୍ୟ ଓ ଏଆରସିଏସ ଜାଣିବାକୁ ପାଇଥିଲେ। ସେହିଭଳି ପୂର୍ବରୁ ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କ ଗ୍ରାଚୁୟିଟି, ଇପିଏଫ ଓ ସମସ୍ତ ଟଙ୍କା ଦୁଇ ଦୁଇ ଥର ଲକ୍ଷଲକ୍ଷ ଟଙ୍କା ପ୍ରଦାନ କରିବା ଘଟଣା ତୁଙ୍ଗ ଅଧିକାରୀଙ୍କ ଦୁର୍ନୀତିର ପେଡି ଖୋଲିବାରେ ଲାଗିଛି। ପୁଣି ଆଜି ଏଆରସିଏସ ଲ୍ୟାମ୍ପକୁ ଆସି ତଦନ୍ତ ଆରମ୍ଭ କରି ଥିଲେ ଏବଂ ଘୋଟଲା ହୋଇଥିବା ସ୍ୱୀକାର କରିବା ଶହ ସମ୍ପୂର୍ଣ୍ଣ ତଥ୍ୟ ବର୍ତ୍ତମାନ ପ୍ରଦାନ କରିହେବ ନାହିଁ ବୋଲି କହିଥିବା ଏକ ସୂତ୍ରରୁ ପ୍ରକାଶ। ଲ୍ୟାମ୍ପରେ ସାର, ଋଣ, ଏସଏଚଜି, ଚାଷୀଙ୍କ ଜମା ଖାତା ଲୋନିଙ୍କ ଖାତା ତଦନ୍ତ ଚାଲୁଛି । ଆହୁରି ଅନେକ ଖାତା ଯାଞ୍ଚ ହେବାର ଅଛି ବୋଲି ଏଆରସିଏପ୍ରକାଶ କରିଥିବା କୁହାଯାଉଛି।

## ସାମ୍ବାଦିକଙ୍କ ବନ୍ଧୁ ମିଳନ ଓ ଗୋସେବକ ସମ୍ବର୍ଦ୍ଧନା

ଭଦ୍ରକ,୪।୫ (ନିପ୍ର): ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଅବସରରେ ସମାଜସେବୀ ଓ ଯୁବ ଇଞ୍ଜିନିୟର ଦେବାଶିଷ ରାୟ ମହାପାତ୍ରଙ୍କ ଅଧକ୍ଷତାରେ ଜିଲ୍ଲା ସଂସ୍କୃତି ଭବନ ପରିସରରେ ବନ୍ଧୁ ମିଳନ ଓ ସାମ୍ବାଦିକ ଏବଂ ଗୋ ସେବକମାନଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ସାମ୍ବାଦିକ ବନ୍ଧୁମାନେ ନିରପେକ୍ଷତା ଓ ସତ୍ୟନିଷ୍ଠାକୁ ଆଧାର କରି ସମାଜକୁ ସଠିକ୍ ଦିଗଦର୍ଶନ ଦେଉଥିବା ବେଳେ, ଗୋ ସେବକମାନେ ନିଷ୍କାମ ସେବାଭାବରେ ଗୋମାତାଙ୍କ ସେବାରେ ନିରନ୍ତର ନିୟୋଜିତ ଅଛନ୍ତି । ଅବସରରେ ସମାଜର ଏହି ଦୁଇ ମୂଲ୍ୟବାନ ସେବାମୁଖୀ ଶ୍ରେଣୀକୁ ସମ୍ମାନ ଓ ସମ୍ବର୍ଦ୍ଧନା ଜଣାଇବା ଗର୍ବ ଓ ସନ୍ତୋଷର ବିଷୟ ବୋଲି କୁହାଯାଇଛି।

## ରିଆମାଳରେ ଛାତ୍ରଛାତ୍ରୀଙ୍କ ଅସୁବିଧା ଦୂର ହେଉଛି

ରିଆମାଳ,୪।୫ (ନିପ୍ର): ସେବା ଯୋଗାଇ ଦେବାରେ କାର୍ଯ୍ୟରତ ତହସିଲଦାର ସାଧାରଣ ଲୋକଙ୍କ ପ୍ରସଂଶା ଭାଜନ ହେବାରେ ଲାଗିଛନ୍ତି। ତାଙ୍କର ସ୍ୱଚ୍ଛ କାର୍ଯ୍ୟଶୈଳୀ, ନିଷ୍ଠାପରତା ଓ ସମୟାନୁବର୍ତ୍ତିତା ତାଙ୍କୁ ଲୋକଙ୍କ ନିକଟତର କରାଇଛି। ବିଶେଷ କରି ଛାତ୍ରଛାତ୍ରୀମାନଙ୍କ ପକ୍ଷେ ବିଭିନ୍ନ ପ୍ରମାଣ ପତ୍ର ପାଇଁ ଆଉ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡୁନାହିଁ।ଅଳ୍ପ ଦିନ ଭିତରେ ରିଆମାଳ ତହସିଲରେ ଯୋଗ ଦେଇ ଥିବା ତହସିଲଦାରଙ୍କ କାର୍ଯ୍ୟଶୈଳୀ, ସେବା ସମର୍ପିତ ମନୋଭାବ ଜନ ମାନସରେ ପ୍ରଶଂଶିତ ହେବା ରେ ଲାଗିଛି।

# ଉଦ୍‌ଘାଟନ ପର୍ଯ୍ୟନ୍ତ ୧୨୪ କିଲୋମିଟର ଭାରତମାଳା ରାସ୍ତା ବନ୍ଦ

ଡ଼ାବୁଗାଁ,୪।୫ (ନିପ୍ର):ଭାରତ ମାଳା ରାସ୍ତାରେ ଗତ ଅପ୍ରେଲ ମାସ ସୁଦ୍ଧା ୨୦ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ଦୁର୍ଘଟଣାରେ ୭ଜଣଙ୍କ ଜୀବନହାନି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ଦେଇ ଯାଇଥିବା ଭାରତମାଳା ରାସ୍ତାର ନବରଙ୍ଗପୁର ଠାରୁ ରାଇଘର ଯାଏଁ ୧୨୪ କିଲୋମିଟର ରାସ୍ତାକୁ ସମ୍ପୂର୍ଣ୍ଣ ରୁପେ ବନ୍ଦ କରାଯାଇଛି ।ଏନ୍‌ଏଚ୍ଆଇଏର ମେଣ୍ଟନାନସ୍ ମ୍ୟାନେଜର ଏନେଇ ସୂଚନା ଦେଇଛନ୍ତି , ୯ଟି ଟୋଲ୍‌ରେ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଛି ଭାରତମାଳା ରାସ୍ତା । ଏପରିକି ରାସ୍ତା ଦେଇ ଗାଁ ଗହଳିରୁ ବାଇକରୁ ଆରମ୍ଭ କରି ବିଭିନ୍ନ ଯାନବାହନ ଯିବା ଆସିବା କରୁଛନ୍ତି। ତା ବାଦେ ଗୋଚାଲାଣ ଅଧିକା ହେଉଛି। ଫଳରେ ଭାରତମାଳା ରାସ୍ତା ନଷ୍ଟ ହେଉଛି ବୋଲି କୁହାଯାଇଛି। ରାସ୍ତାଟି ଖୋଲାଥିବାରୁ ଏହାରି ମଧ୍ୟରେ ମରଣଯନ୍ତା ସାଜିଛି। ଉମରକୋଟ ଯୁଭି ୭ ନୁଆଗୁଡ଼ାର



ସୁଦନ ସାନା ଗତ ୨୦୨୫ଜୁଲାଇରେ ବାଇକ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ ଓ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ନଭେମ୍ବର ୪ରେ ପିକ ଅପ୍ ଓ ବାଇକ୍ ଧକ୍କାରେ ଝରିଗାଁ ବ୍ଲକ ଧୋଡ୍ରା ଗ୍ରାମର ଅଭିନାଶ ମାଙ୍ଗୋଲି (୨୧) ମୃତ ହୋଇଥିଲେ। ତାଙ୍କ ସହ ଥିବା ରୁଦ୍ର ଗୁରୁତର ଆହତ ହୋଇଥିଲେ। ଝରିଗାଁ ଗୋଟିଏ ବ୍ରତଘର ଭୋଜିକୁ ଆସି କୋରାପୁଟର ଗୋଟିଏ ପରିବାରର ୪ ଜଣ ମୃତ୍ୟୁ , ଉମରକୋଟ ଅଧିକାରିଗୁଡ଼ା ଓ ମୃତ୍ତୁମାର ୩ ଯୁବକ ଓ ଝରିଗାଁର ଗୋଟିଏ ପରିବାରର ୩ଜଣଙ୍କର ମୃତ୍ୟୁ ହୋଇଛି। ଏସବୁକୁ ଦୃଷ୍ଟିରେ ରଖି ଭାରତମାଳା ରାସ୍ତାକୁ ବନ୍ଦ କରାଯାଇଛି। ଏନେଇ ଏନ୍‌ଏଚଏଆଇଏ ପକ୍ଷରୁ ସାମୟିକ ଭାବେ ବନ୍ଦକରିବାକୁ ଚିଠି ଦେଇଥିଲେ ବୋଲି କହିଛନ୍ତି ଜିଲ୍ଲା ପ୍ରଶାସନର ଜଣେ ତୁଙ୍ଗ ଅଧିକାରୀ । ଏତେବଡ ରାସ୍ତାରେ ଯିବା ଆସିବା କରୁଥିବା ଗାଡିକୁ ଯାଞ୍ଚ କରିବା ପୁଲିସ ଓ ପ୍ରଶାସନ ପକ୍ଷରୁ ସମ୍ଭବ ପର ନୁହେଁ। ବିଭିନ୍ନ ରାସ୍ତାରୁ ବାଇକ ଯିବା ଏବଂ ରାସ୍ତା ସମ୍ପୂର୍ଣ୍ଣ ନ ହେଉଣୁ ରାୟପୁରରୁ ବି ଗାଡି ପକାଇ ଆସୁଛି। ମଝିରେ ମଝିରେ ରାସ୍ତାର ପ୍ରଶସ୍ତୀକରଣ ଆଦି ଚାଲିଥିବାରୁ ଦୁର୍ଘଟଣା ହୋଇ ଜୀବନହାନି ହେଉଛି। ବନ୍ଦ କରାଯିବା ଠିକ, ଏହି ରାସ୍ତାରେ ଦୁର୍ଘଟଣା ହେଲେ ବୀମା କମ୍ପାନୀ ବୀମା ରାଶି ବି ଦେବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ‘ପଶ୍ଚିମବଙ୍ଗରେ ଏବେ ନୂଆ ଯାତ୍ରାର ଆରମ୍ଭ ବିକାଶ ପାଇଁ ପୂରା ଶକ୍ତି ଲଗାଇବ ବିଜେପି’

ନୂଆଦିଲ୍ଲୀ, ୪/୫: ପଶ୍ଚିମବଙ୍ଗରେ ଐତିହାସିକ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀସ୍ଥିତ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟାଳୟରୁ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରିଛନ୍ତି। ପଶ୍ଚିମବଙ୍ଗରେ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି କହିଛନ୍ତି। ସେ କହିଛନ୍ତି ଏହି ଜନାଦେଶ କେବଳ କ୍ଷମତା ପରିବର୍ତ୍ତନ ନୁହେଁ, ବରଂ ଭୟମୁକ୍ତ ଏବଂ ବିକାଶ ଆଧାରିତ ପଶ୍ଚିମବଙ୍ଗ ଆଡ଼କୁ ବର୍ଦ୍ଧିତ ନିର୍ଣ୍ଣାୟକ ପଦକ୍ଷେପ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡା. ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ସ୍ୱପ୍ନକୁ ମନେ ପକାଇ କହିଛନ୍ତି, ଆଜି ପଶ୍ଚିମବଙ୍ଗର ଜନତା ସ୍ୱପ୍ନକୁ ସଫଳ କରିବା ପାଇଁ ସୁଯୋଗ ଦେଇଛନ୍ତି। ପଶ୍ଚିମବଙ୍ଗରେ ଏବେ ନୂଆ ଯାତ୍ରାର ଆରମ୍ଭ ହେବ, ଯେଉଁଠି ବିକାଶ, ଭରସା ଏବଂ ନୂଆ ଆଶାର ଜନ୍ମ ନେବ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ମହିଳାମାନଙ୍କୁ ସୁରକ୍ଷିତ ବାତାବରଣ ମିଳିବ। ଯୁବଗୋଷ୍ଠୀଙ୍କ ପାଇଁ ରୋଜଗାର ମିଳିବ। ପଳାୟନ ନିୟନ୍ତ୍ରଣ କରାଯିବ। ରାଜ୍ୟର ବିକାଶ ପାଇଁ ବିଜେପି ସରକାର ପୂରା ଶକ୍ତି ଲଗାଇବ। ପ୍ରଥମ କ୍ୟାବିନେଟ ବୈଠକରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବା ନେଇ ନିଷ୍ପତ୍ତି ନିଆଯିବ। ପଶ୍ଚିମବଙ୍ଗରେ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ପୋଷ୍ଟ କରିଛନ୍ତି। ସେ କହିଛନ୍ତି, ପଶ୍ଚିମବଙ୍ଗରେ ବିଜେପିର ଏହି ଐତିହାସିକ ବିଜୟ, ପିଢ଼ିପିଢ଼ି ଧରି ଅଗଣିତ କର୍ମକର୍ତ୍ତାଙ୍କ ଉଦ୍ୟମ ଏବଂ



ସଂଘର୍ଷ ବିନା ସମ୍ଭବ ହୋଇପାରି ନଥାନ୍ତା। ମୁଁ ସେ ସମସ୍ତଙ୍କୁ ପ୍ରଣାମ କରୁଛି। ବର୍ଷବର୍ଷ ଧରି ସେମାନେ ତୃଣମୂଳସ୍ତରରେ ବହୁ ପରିଶ୍ରମ କରିଛନ୍ତି। ବହୁ ଅସୁବିଧାର ସାମ୍ନା କରିଛନ୍ତି ଏବଂ ଆମର ବିକାଶ ଏଜେଣ୍ଡାକୁ ଲୋକଙ୍କ ନିକଟରେ ପହଞ୍ଚାଇଛନ୍ତି। ସେମାନେ ହେଉଛନ୍ତି ଆମ ଦଳର ପ୍ରକୃତ ବଳ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସବୁବେଳେ ମନେ ରହିବ। ଜନତାଙ୍କ ଶକ୍ତିର ବିଜୟ ହୋଇଛି। ମୁଁ ପଶ୍ଚିମବଙ୍ଗର ପ୍ରତ୍ୟେକ ଲୋକଙ୍କ ନିକଟରେ ପ୍ରଣାମ କରୁଛି। ଜନତା ବିଜେପିକୁ ଏକ ଉତ୍ସାହଜନକ ଜନାଦେଶ ଦେଇଛନ୍ତି। ଲୋକଙ୍କର ଆଶା ଏବଂ ଆକାଂକ୍ଷା ପୂରଣ କରାଯିବାକୁ ଉଦ୍ୟମ କରାଯିବ। ଆମେ ଏକ ଏଭଳି ସରକାର ଦେବୁ, ଯାହା ସମାଜର ସମସ୍ତ ବର୍ଗକୁ ଅବସର ଏବଂ ସମ୍ମାନ ସୁନିଶ୍ଚିତ କରିବ।

# କେରଳରେ ବିଜେପି ୩ ଆସନରେ ଜିତିଲା

ନୂଆଦିଲ୍ଲୀ, ୪/୫: ୨୦୨୬ କେରଳ ବିଧାନସଭା ନିର୍ବାଚନରେ ବିଜେପିକୁ ବଡ଼ ସଫଳତା ମିଳିଛି। ରାଜ୍ୟରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍‌ର ବାଜିମାତ୍ ହୋଇଥିଲେ ମଧ୍ୟ ବିଜେପି ନେମୋମ, କଝାକୁଟମ ଏବଂ ଚାତନୁର ଆସନରେ ଜିତି ବଡ଼ ବିଜୟ ହାସଲ କରିଛି। ବରିଷ୍ଠ ବିଜେପି ନେତା ଏବଂ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଥିରୁଅନନ୍ତ ପୁରମରେ ଥିବା ନେମୋମ ନିର୍ବାଚନ ମଣ୍ଡଳୀରେ ବିଜୟୀ ହୋଇଛନ୍ତି। ବରିଷ୍ଠ ସିପିଏମ୍ ନେତା ଏବଂ ମନ୍ତ୍ରୀ ଭି ଶିବକୁଟିଙ୍କୁ ସେ ୩,୫୯୦ ଭୋଟ୍ ବ୍ୟବଧାନରେ ହରାଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସର ଯୁବ ନେତା କେଏସ୍ ସବରିନାଥନ ତୃତୀୟ ସ୍ଥାନରେ ରହିଛନ୍ତି। କଝାକୁଟମରେ ଅନ୍ୟଜଣେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭି ମୁରଲିଧରନ ମଧ୍ୟ ବିଜୟୀ ହୋଇଛନ୍ତି। ଥିରୁଅନନ୍ତ ପୁରମରେ ଏହା ବିଜେପି ପାଇଁ ଅନ୍ୟ ଏକ ବଡ଼ ବିଜୟ। ଇତି ମଧ୍ୟରେ ଚାତନୁରରେ ବିଜେପି ପ୍ରାର୍ଥୀ ବିବି ଗୋପକୁମାର ଜିତିଛନ୍ତି। ଏକ କଡ଼ା ପ୍ରତିଦ୍ୱନ୍ଦ୍ୱିତାରେ ସେ ତାଙ୍କ ପ୍ରତିପକ୍ଷଙ୍କୁ ହରାଇଛନ୍ତି।

# ମମତାଙ୍କ ଅଭିଯୋଗ, ମୋତେ ସିଏପିଏଫ ମାଡ଼ ମାରିଛି

କୋଲକାତା,୪।୫: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ହାସଲ କରିଛି ବଡ଼ ବିଜୟ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଶାସକ ତୃଣମୂଳ କଂଗ୍ରେସ ବା ଟିଏମସିକୁ ୧୨୫ ଆସନରେ ପରାସ୍ତ କରିଛି। ଏହି ସମୟରେ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ବଙ୍ଗଳା ନିର୍ବାଚନରେ ସୁରକ୍ଷା ପାଇଁ ନିୟୋଜିତ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ) ତାଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି ସେ କହିଛନ୍ତି ଯେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ (ସିଆରପିଏଫ) ମୋତେ ଧକ୍କା ଦେବା ସହ ମାଡ଼ ମାରିଛି। ବଙ୍ଗଳା ନିର୍ବାଚନ ଫଳାଫଳ ସମ୍ପର୍କରେ ଟିଏମସି ନିର୍ବାଚନ କମିଶନଙ୍କ ବିରୋଧରେ ଏକ ଗମ୍ଭୀର ଅଭିଯୋଗ ଆଣିଛି। ଟିଏମସି କହିଛି, ‘ନିର୍ବାଚନ କମିଶନ ନିରପେକ୍ଷତାର ବାହାନାକୁ ମଧ୍ୟ ସମ୍ପୂର୍ଣ୍ଣ ତ୍ୟାଗ କରିଛନ୍ତି। ଭୋଟ ଗଣନା ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବ ଏବଂ ଲମ୍ବା କରିବା ପରେ, ଏବେ ସେହି ନିର୍ବାଚନମଣ୍ଡଳୀଗୁଡ଼ିକରେ ମଧ୍ୟ ପ୍ରମାଣପତ୍ର ଦେବାକୁ ମନା କରୁଛି ଯେଉଁଠାରେ ବିଜୟ ସ୍ପଷ୍ଟ - ଡାଇମଣ୍ଡ ହାର୍ବର,ମଗରାହଟ୍ ପୂର୍ବ, ମଗରହଟ, ପଶ୍ଚିମ, କୁଲପି, ରାଇଦିଘି, ପଥରପ୍ରତିମା, ବାସନ୍ତୀ, ବର୍ଦ୍ଧମାନ ଉତ୍ତର ଏବଂ ସୀତାଇ।’ ପୂର୍ବରୁ, କିଛି ଲୋକ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କାଲିଘାଟ ବାସଭବନରେ ପହଞ୍ଚି ‘ଜୟ ଶ୍ରୀ ରାମ’ ସ୍ଲୋଗାନ ଦେଇଥିଲେ, ଯାହା ପରେ ନିର୍ବାଚନ କମିଶନଙ୍କ



ନିର୍ଦ୍ଦେଶରେ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ଜଣେ ନିର୍ବାଚନ ଅଧିକାରୀ କହିଛନ୍ତି, ‘ଆମେ ସୂଚନା ପାଇଲୁ ଯେ କିଛି ଲୋକ ମମତା ବାନାର୍ଜୀଙ୍କ କାଲିଘାଟ ବାସଭବନ ଏବଂ ରାଜ୍ୟ ସଚିବାଳୟରେ ପହଞ୍ଚି ସ୍ଲୋଗାନ ଦେଇଥିଲେ, ଏହାପରେ ସେଠାରେ କେନ୍ଦ୍ରୀୟ ବାହିନୀ ମୁତୟନ କରାଯାଇଛି। ଆମେ କୌଣସି ଆଇନ ଶୃଙ୍ଖଳା ବିଭ୍ରାଟ ଚାହୁଁନାହୁଁ।’ ଟିଏମସି ଅଭିଯୋଗ କରିଛି ତା’ର ଏହାର କାର୍ଯ୍ୟାଳୟଗୁଡ଼ିକରେ ଭଙ୍ଗାରୁଜା କରାଯାଇଛି। ନିର୍ବାଚନ ଫଳାଫଳ ସ୍ପଷ୍ଟ ହେବାର କିଛି ଘଣ୍ଟା ପରେ ଦକ୍ଷିଣ ୨୪ ପ୍ରଗଣାର ବାରୁଇପୁର, କୁଚବିହାରର ତୁଫାନଗଞ୍ଜ ଏବଂ ଉତ୍ତର ୨୪ ପରଗନାର ପାଣିହାଟିରେ ଥିବା ବାହାରେ ଏକତ୍ରିତ ହୋଇ ଉପଦ୍ରବୀମାନେ ଭଙ୍ଗାରୁଜା କରିଛନ୍ତି।

# ମୋ ଝିଅକୁ ନ୍ୟାୟ ମିଳିଛି: ଆରଜି କର ପୀଡ଼ିତାଙ୍କ ମା’

କୋଲକାତା,୪।୫: ଉତ୍ତର ୨୪ ପରଗଣାର ପାଣିହାଟି ବିଧାନସଭା ଆସନ ପଶ୍ଚିମବଙ୍ଗ ନିର୍ବାଚନ ୨୦୨୬ରେ ସବୁଠାରୁ ଅଧିକ ନଜର ରଖାଯାଇଥିବା ଆସନ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି। ଭାରତୀୟ ଜନତା ପାର୍ଟି (ଭାଜପା)ର ରତ୍ନା ଦେବନାଥ ୫ ଥର ପାଇଁ ବିଧାୟକ ଥିବା ଟିଏମସି ପ୍ରାର୍ଥୀ ତୀର୍ଥଙ୍କର ଘୋଷଙ୍କୁ ପରାସ୍ତ କରିଛନ୍ତି। ୨୦୨୪ରେ ଆରଜି କର ମେଡିକାଲ କଲେଜରେ ଦୁଃଖଦ ଭାବରେ ବଳାତ୍କାର ଏବଂ ହତ୍ୟାର ଶିକାର ହୋଇଥିବା ସ୍ନାତକୋତ୍ତର ପ୍ରଶିକ୍ଷାର୍ଥୀ ଡାକ୍ତରଙ୍କ ମା’ ରତ୍ନା କହିଛନ୍ତି, ସେ ତାଙ୍କ ଝିଅ ପାଇଁ ଏହି ନିର୍ବାଚନରେ ଲଢ଼ିବାକୁ ବାଛିଥିଲେ। ଆଜି ମୁଁ ନ୍ୟାୟ ପାଇଛି। ମୋ ଝିଅର ମୃତ୍ୟୁ ପାଇଁ ମମତା ବାନାର୍ଜୀ ଏବଂ ତାଙ୍କ ଦୁର୍ନୀତିଗ୍ରସ୍ତ ଦଳର ନେତାମାନେ ଦାୟୀ। ମୁଁ ମୋ ଝିଅକୁ ହରାଇଲି, କିନ୍ତୁ ମୁଁ ଲୋକଙ୍କ ସେବା କରିବାକୁ ଏବଂ ସେମାନଙ୍କୁ ସାହାଯ୍ୟ କରିବାକୁ ଚାହୁଁଛି। ମୁଁ ତା’ ପରି ଡାକ୍ତର ନ ହୋଇପାରେ, କିନ୍ତୁ ଜଣେ ପ୍ରତିନିଧି ଭାବରେ, ମୁଁ ତା’ ମିଶନକୁ ଜାରି ରଖିବାକୁ ଚାହୁଁଛି। ନାମାଙ୍କନ ପୂର୍ବରୁ ଆରଜି କର ମେଡିକାଲ କଲେଜ ବଳାତ୍କାର ଏବଂ ହତ୍ୟା ପୀଡିତାଙ୍କ ମା’ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କୁ ପରାସ୍ତ କରିବାକୁ ପ୍ରତିଜ୍ଞା କରିଥିଲେ, ତାଙ୍କ ଝିଅକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେ ତାଙ୍କ କେଶ କୁଣ୍ଡାଇବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ। ଆରଜି କର ମେଡିକାଲ କଲେଜ ବଳାତ୍କାର ଏବଂ ହତ୍ୟା ଘଟଣା ଅଗଷ୍ଟ ୯, ୨୦୨୪ରେ ଘଟିଥିଲା।



ପୋଷ୍ଟଗ୍ରାଜୁଏଟ ଟ୍ରେନି ଡାକ୍ତରଙ୍କ ମୃତଦେହ କ୍ୟାମ୍ପସର ଏକ ସେମିନାର ରୁମରେ ମିଳିଥିଲା। ଏହି ମାମଲା ସାରା ଦେଶରେ ବ୍ୟାପକ ପ୍ରତିବାଦ ଏବଂ କ୍ରୋଧ ସୃଷ୍ଟି କରିଥିଲା, ଅନେକ ପୀଡିତାଙ୍କ ପାଇଁ ନ୍ୟାୟ ଦାବି କରିଥିଲେ। କଲିକତା ହାଇକୋର୍ଟ ପୋଲିସର ମାମଲା ପରିଚାଳନା ଉପରେ ଅସନ୍ତୋଷ ପ୍ରକାଶ କରିବା ପରେ ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ସ୍ଥାନାନ୍ତରିତ କରାଯାଇଥିଲା। ସିବିଆଇ ଏହା ପରେ ଅନେକ ବ୍ୟକ୍ତିଙ୍କୁ ଗିରଫ କରିଛି।

# କୋଲାଥୁର ଆସନରେ ହାରିଲେ ଷ୍ଟାଲିନ୍



ଚେନ୍ନାଇ, ୪/୫: ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏବଂ ଡିଏମ୍‌କେ ମୁଖ୍ୟ ଏମ୍‌କେ ଷ୍ଟାଲିନକୁ କୋଲାଥୁର ଆସନରେ ହାରିବାକୁ ପଡ଼ିଛି। ସେ ସାଧାରଣ ଜନତାଙ୍କର ହୃଦୟ ଜିତିପାରି ନାହାନ୍ତି। ଏଠାକାର ଜନତା ଥାଲାପତି ବିଜୟଙ୍କୁ ଭରସା କରିଛନ୍ତି। ଏହି ଆସନ ଷ୍ଟାଲିନଙ୍କର ଶକ୍ତିଶାଳୀ ଗଡ଼ କୁହାଯାଉଥିଲ। ସେ ଏହି ଆସନରୁ କ୍ରମାଗତ ୩ ଥର ଯଥା ୨୦୨୧, ୨୦୧୬ ଏବଂ ୨୦୧୧ରେ ବିଜୟୀ ହୋଇଥିଲେ। ଏଥର ଥାଲାପତି ବିଜୟଙ୍କ ଦଳ ଟିଭିକେର ପ୍ରାର୍ଥୀ ଏବଂ ତାଙ୍କର ପୁରୁଣା ସହଯୋଗୀ ଭିଏସ୍ ବାବୁ ତାଙ୍କୁ ହରାଇ ଦେଇଛନ୍ତି। ଭିଏସ୍ ବାମୁ ଡିଏମ୍‌କେ ସହିତ ଜଡ଼ିତ ଥିଲେ ଏବଂ ୨୦୧୧ରେ କୋଲାଥୁର ଆସନରେ ଷ୍ଟାଲିନଙ୍କ ନିର୍ବାଚନ ପ୍ରଭାରୀ ଥିଲେ। ପରେ ସେ ଦଳ ଛାଡ଼ି ଏଆଇଡିଏମ୍ କେରେ ପାଦ ଥାପିଥିଲେ ଏବଂ ପୁଣ ଗତ ଫେବ୍ରୁଆରି ୭ ତାରିଖରେ ଟିଭିକେରେ ସାମିଲ ହୋଇଥିଲେ। ଏଠାରୁ ସେ ନିର୍ବାଚନ ଲଢ଼ି ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କୁ ପରାସ୍ତ କରିଛନ୍ତି। ଭାରତୀୟ ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁସାରେ ତାମିଲନାଡୁର କୋଲାଥୁର ଆସନରେ ମୋଟ୍ ୩୪ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି।

# ତୃଣମୂଳ କଂଗ୍ରେସକୁ ବରଖାସ୍ତ କଲେ ଲୋକେ

କୋଲକାତା, ୪/୫: ଗତବର୍ଷ ନଭେମ୍ବରରେ ଏନ୍‌ଡିଏର ବିହାର ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ, ଗଙ୍ଗା ନଦୀ ବିହାର ଦେଇ ବଙ୍ଗଳାକୁ ପ୍ରବାହିତ ହେଉଛି। ଏହା ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଲକ୍ଷ୍ୟ କରି କୁହାଯାଇଥିଲା, ଯାହା ମମତା ବାନାର୍ଜୀଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲା। ପାଞ୍ଚ ମାସ ପରେ ବିଜେପି ଦୀର୍ଘଦିନ ଧରି ଟାର୍ଗେଟ୍ କରି ଆସୁଥିବା ପୂର୍ବ ରାଜ୍ୟକୁ ଦଖଲ କରିଥିଲା। ଦଳ ୨୦୦ ଆସନ ପାଖାପାଖି ଥିବାବେଳେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ଦୁଇ ଅଙ୍କରେ ସୀମିତ ରହିଛି। ଏହି ଫଳାଫଳ ବିଜେପି ପାଇଁ ଏକ ଐତିହାସିକ ବିଜୟ ଏବଂ ଟିଏମ୍‌ସିର ୧୫ ବର୍ଷ ଶାସନର ଅନ୍ତ ଘଟାଇଛି। ଏକ୍‌ଜିଟ୍ ପୋଲ୍ ବିଜେପି ଜିତିବ ବୋଲି ପୂର୍ବାନୁମାନ କରିଥିଲା। ପାଞ୍ଚଟି ସଂସ୍ଥା ବିଜେପି ୧୪୬ରୁ ୧୯୨ଟି ଭିତରେ ଆସନ ପାଇବ ବୋଲି କହିଥିଲେ। ଅନ୍ୟପକ୍ଷରେ, ଦୁଇଟି ସଂସ୍ଥା ମମତା ବାନାର୍ଜୀଙ୍କ ପ୍ରତ୍ୟାବର୍ତ୍ତନର ପୂର୍ବାନୁମାନ କରିଥିଲେ। ଟିଏମ୍‌ସି ୨୨୦ରୁ ଅଧିକ ଆସନ ଜିତିବ ବୋଲି ବାହୁସ୍ଫୋଟ ମାରିଥିଲା। ତେବେ ମମତା ବାନାର୍ଜୀଙ୍କ ଆଶା ଧୂଳିସାତ୍ ହୋଇଯାଇଛି। ତାଙ୍କର ଦମ୍ଭ ଭାଙ୍ଗିଯାଇଛି। ଉତ୍ତର



ବଙ୍ଗଳାରେ ବିଜେପି ଆଗୁଆ ଅଛି, ଯାହା ନିକଟ ଅତୀତରେ ଦଳର ଗଡ଼ ଭାବରେ ଉଭା ହୋଇଛି। ତଥାପି, ଏହା ଅନେକ ଗୁରୁତ୍ୱପୂର୍ଣ୍ଣ ଟିଏମ୍‌ସି ଗଡ଼ରେ ମଧ୍ୟ ପ୍ରବେଶ କରିଥିଲା। ମେଦିନୀପୁରରେ ବିଜେପି ଆଦିବାସୀ ଭୋଟ୍ ପାଇଛି। ତା’ପରେ ଟିଏମ୍‌ସିର ଅନ୍ୟ ଏକ ଗଡ଼ ବର୍ଦ୍ଧମାନରେ ଗୈରିକ ଦଳ ଜିତିବାକୁ ଯାଉଛି। କୋଲକାତା ଓ ହାଓଡ଼ାର ପ୍ରମୁଖ ସହରାଞ୍ଚଳ ପକେଟ୍ ମଧ୍ୟ ଟିଏମ୍‌ସିକୁ ଝଟକା ଦେଇ ନିର୍ବାଚନକୁ ବିଜେପି ସପକ୍ଷରେ ନେଇଥିବା ଜଣାପଡିଛି। ପ୍ରେସିଡେନ୍ସି ଅଂଚଳରେ ମଧ୍ୟ ବିଜେପିର ଜୁଆର ଉଠିଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର)ପରେ ଅନେକ ଭୋଟର ତାଲିକାରୁ କଟିଥିବା ଅଞ୍ଚଳ ମଧ୍ୟରୁ ମାଲଦା ଅନ୍ୟତମ, ଯେଉଁଠି ଟିଏମ୍‌ସି ଜିତିବାକୁ ଯାଉଛି।

ଦକ୍ଷିଣ କୋଲକତାରେ ମମତା ବାନାର୍ଜୀଙ୍କ ଗଡ଼ ଭବାନୀପୁରରେ ମମତା ହାରିଛନ୍ତି।ବଙ୍ଗଳା ଲଢ଼େଇ ଉପରେ ମନ୍ତବ୍ୟ ଦେଇ ବିଜେପିର ରାଜ୍ୟ ସଭାପତି ଶମିକ ଭଟ୍ଟାଚାର୍ଯ୍ୟ ରବିବାର କହିଛନ୍ତି ଯେ, ଚଳିତ ବର୍ଷ ପ୍ରତ୍ୟାଖ୍ୟାନର ନିର୍ବାଚନ ହୋଇଛି। ସେ କହିଛନ୍ତି, ଶିକ୍ଷକ ନିଯୁକ୍ତି ଦୁର୍ନୀତିଠାରୁ ଆରମ୍ଭ କରି ବେକାରୀ ପର୍ଯ୍ୟନ୍ତ ସମସ୍ତ କାରଣ ତୃଣମୂଳ କଂଗ୍ରେସର ଦୁର୍ଗତିରେ ସହାୟକ ହେଉଛି। ମମତା ବାନାର୍ଜୀଙ୍କ ମୁସଲମାନ ତୁଷ୍ଟୀକରଣ ରାଜନୀତି କାଳ ହେଲା। ବିଜେପି ଦାବି କରିଛି ଯେ ଏହା ବଙ୍ଗଳାର ହିନ୍ଦୁମାନଙ୍କୁ କ୍ଷତି ପହଞ୍ଚାଇଛି। ସାଂସ୍କୃତିକ ଭାବନା ଜାଗ୍ରତ କରିବା ପାଇଁ ତୃଣମୂଳ କଂଗ୍ରେସ ‘ବଙ୍ଗାଳୀ ପରିଚୟ’ ଏବଂ ‘ବାଂଲା ନିଜେର ମେୟେକେ ଚାୟ’ (ବଙ୍ଗଳା ନିଜର ଝିଅକୁ ଚାହୁଁଛି)’ ଉପରେ ଧ୍ୟାନ ଦେଇଥିଲା। ବିଜେପି ଜିତିଲେ ମାଛ ସମେତ ଆମିଷ ଖାଦ୍ୟ ଉପରେ ପ୍ରତିବନ୍ଧକ ଲଗାଯିବ ବୋଲି ମମତା କହିଥିଲେ।

ଏହି କାହାଣୀକୁ ଦମନ କରିବା ପାଇଁ, ଗେରୁଆ ଦଳ ସେମାନଙ୍କ ନେତାମାନଙ୍କୁ କ୍ୟାମେରା ଆଗରେ ମାଛ ଖାଇବା ପାଇଁ ବଙ୍ଗଳାକୁ ପଠାଇଥିଲା। କିନ୍ତୁ ବଙ୍ଗଳାର ଲୋକମାନେ ପରିବର୍ତ୍ତନ ଚାହୁଁଥିଲେ। ତେଣୁ ମମତାଙ୍କ ନ୍ୟାରେଟିଭ୍ ସେମାନଙ୍କ ଉପରେ କିଛି ପ୍ରଭାବ ପକାଇଲା ନାହିଁ। ବିଜେପି ଦାବି କରିଛି ଯେ ବେରୋଜଗାରୀ, ଲୋକଙ୍କୁ ଭୟଭୀତ କରିବା, ଗୁଣ୍ଡା ସଂସ୍କୃତି ଓ ଦୁର୍ନୀତି ଲୋକଙ୍କୁ ତୃଣମୂଳ କଂଗ୍ରେସକୁ ବରଖାସ୍ତ କରିବାକୁ ବାଧ କରିଛି। ଯାହାଫଳରେ ପାଖପାଖି ୨୦୦ରୁ ଅଧିକ ଆସନ ହାସଲ କରି ବିଜେପି ବିଶାଳ ବିଜୟ ସହ ସରକାର ଗଢ଼ିବାକୁ ଯାଉଛି।

# କେରଳରେ ସରକାର ଗଢ଼ିବ କଂଗ୍ରେସ ନେତୃତ୍ୱାଧୀନ ଦଳ

ନୂଆଦିଲ୍ଲୀ, ୪/୫: କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) ସୋମବାର ୧୪୦ ସଦସ୍ୟ ବିଶିଷ୍ଟ କେରଳ ବିଧାନସଭାରେ ୧୦୦ ସୀମା ଅତିକ୍ରମ କରିଛି। ଏହି ସଂଖ୍ୟା ୨୦୦୧ ବିଧାନସଭା ନିର୍ବାଚନ ପରେ ମିଳିତ ମଞ୍ଚର ସର୍ବୋତ୍ତମ ପ୍ରଦର୍ଶନ। ୨୦୦୧ରେ ୟୁଡିଏଫ୍ ୯୯ଟି ଆସନ ପାଇଥିଲା। ପଶ୍ଚିମବଙ୍ଗ ଓ ତ୍ରିପୁରାରୁ ବାମପନ୍ଥୀ ବହୁ ଆଗରୁ ମୂଳପୋଛ ହୋଇ ଯାଇଥିବା ବେଳେ ଏବେ କେରଳ ବି ସେମାନଙ୍କ ହାତରୁ ଗଲା। ଫଳରେ ସାରା ଦେଶରେ ବାମପନ୍ଥୀମାନେ ପ୍ରାସଙ୍ଗିକତା ହରାଉଥିବା ଜଣାପଡ଼ିଛି।ସଦ୍ୟତମ ଧାରା ମଧ୍ୟ ସିପିଆଇ(ଏମ୍) ନେତୃତ୍ୱାଧୀନ ବର୍ତ୍ତମାନର ବାମପନ୍ଥୀ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍ ) ବିରୋଧରେ ଏକ ନିର୍ଣ୍ଣାୟକ ଜନାଦେଶକୁ ସୂଚାଉଛି, ଯାହା ଏକ ବଡ଼ ପରାଜୟ ଆଡକୁ ଗତି କରୁଛି। ବାମପନ୍ଥୀ ସାମ୍ମୁଖ୍ୟ ୩୫ଟି ଆସନରେ ଆଗୁଆ ଅଛି, ଯାହା ପୂର୍ବ ନିର୍ବାଚନରେ ୯୯ଟି ଆସନ ହାସଲ କରିଥିଲା।୧୦ ବର୍ଷର ବ୍ୟବଧାନ ପରେ କଂଗ୍ରେସ କ୍ଷମତାକୁ ଫେରିବା ଦିଗରେ କାର୍ଯ୍ୟ କରୁଥିବା କେରଳର ବିରୋଧୀ ଦଳ ନେତା ଭିଡି ସତୀଶନ ୧୦୦ଟି ଆସନ ପାଇଁ ଲକ୍ଷ୍ୟ ରଖିଥିଲେ। ବିଭିନ୍ନ ଅଞ୍ଚଳରେ ୟୁଡିଏଫ୍ ଉଲ୍ଲେଖନୀୟ ସଫଳତା ହାସଲ କରିଛି, ପାରମ୍ପରିକ ଏଲ୍‌ଡିଏଫ୍ ଗଡ଼କୁ କାଟି କେନ୍ଦ୍ରୀୟ ଓ ଉତ୍ତର କେରଳରେ ଭୋଟ୍ ଏକତ୍ର କରିଛି। ମୁସଲିମ୍ ଲିଗ୍ ଅନ୍ତର୍ଭୁକ୍ତ ମିଳିତ ମଞ୍ଚର ପ୍ରଦର୍ଶନ ପାଇଁ ଶାସନବିରୋଧୀ ଭାବନା (ଆଣ୍ଟି-ଇନ୍‌କମ୍ବେନ୍ସି) ସାହାଯ୍ୟ କରିଥିଲା। ଏଥି ସହ ମିଳିତ ମଞ୍ଚ ସୁଶାସନ, କଲ୍ୟାଣକାରୀ ଯୋଜନା ଓ ଅର୍ଥନୈତିକ ଉନ୍ନତିର ପ୍ରତିଶ୍ରୁତି ଦେଇ ଜନମନକୁ ଆକର୍ଷିତ କରିଥିଲା। ଐତିହାସିକ ଭାବରେ, ୟୁଡିଏଫ୍‌ର ସର୍ବୋତ୍ତମ ପ୍ରଦର୍ଶନ ୨୦୦୧ରେ ଆସିଥିଲା, ଯେତେବେଳେ ଏହା ୧୪୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୯୯ଟି ଆସନ ଜିତିଥିଲା। ୨୦୦୬ରେ ଏଲ୍‌ଡିଏଫ୍ ୯୮ଟି ଆସନ ପାଇ କ୍ଷମତାକୁ ଫେରିଥିଲା, ଯେତେବେଳେ ୟୁଡିଏଫ୍ ୪୨କୁ ହ୍ରାସ ପାଇଥିଲା। ୨୦୧୧ରେ ୟୁଡିଏଫ୍ ୭୨ଟି ଆସନ ସହିତ ଏଲ୍‌ଡିଏଫ୍‌କୁ ଅଳ୍ପକେ ହରାଇଥିଲା, ଯାହା ସଂଖ୍ୟାଗରିଷ୍ଠତା ମାର୍କ ୭୧ଠାରୁ ମାତ୍ର ୧ ଅଧିକ ଥିଲା। ସେତେବେଳେ ଏଲ୍‌ଡିଏଫ୍ ରାଜ୍ୟ ଇତିହାସର ଅନ୍ୟତମ ନିକଟତମ ପ୍ରତିଦ୍ୱନ୍ଦ୍ୱିତାରେ ୬୮ଟି ଆସନ ହାସଲ କରିଥିଲା। ୨୦୧୬ରେ ଏଲ୍‌ଡିଏଫ୍ ୯୧ଟି ଆସନ ସହିତ କ୍ଷମତାକୁ ଫେରିଥିଲା ଏବଂ ୟୁଡିଏଫ୍‌ର ସଂଖ୍ୟା ୪୭କୁ ଖସି ଆସିଥିଲା। ୨୦୨୧ ମସିହାରେ, ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କ ନେତୃତ୍ୱରେ ଏଲ୍‌ଡିଏଫ୍ ୯୯ଟି ଆସନ ସହ କ୍ଷମତା ବଜାୟ ରଖିଥିଲା, ଯାହା ପ୍ରତି ପାଞ୍ଚ ବର୍ଷରେ ଥରେ କେରଳରେ ବିକଳ୍ପ ସରକାର ଗଠନର ଦୀର୍ଘଦିନର ଢାଞ୍ଚାକୁ ଭାଙ୍ଗି ଦେଇଥିଲା। ୟୁଡିଏଫ୍ ୪୧ଟି ଆସନକୁ ହ୍ରାସ ପାଇଥିଲା, ଯାହା କ୍ରମାଗତ ଦ୍ୱିତୀୟ ପରାଜୟ ଥିଲା।

# ଆମେରିକାକୁ ୩୦ ଦିନର ସମୟସୀମା ଦେଲା ଇରାନ!

ତେହରାନ,୪।୫: ପଶ୍ଚିମ ଏସିଆରେ ଉତ୍ତେଜନା ହ୍ରାସ କରିବା ଏବଂ ଅତ୍ୟନ୍ତ ରଣନୈତିକ ସାମୁଦ୍ରିକ ପଥ ହର୍ମୁଜ ପ୍ରଣାଳୀ ପୁନଃ ଖୋଲିବା ପାଇଁ ଇରାନ ଆମେରିକାକୁ ଏକ ୧୪-ସୂତ୍ରୀ ପ୍ରତି-ଶାନ୍ତି ପ୍ରସ୍ତାବ ଦାଖଲ କରି ଏହାର କୂଟନୈତିକ ପଦକ୍ଷେପକୁ ତୀବ୍ର କରିଛି। ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଏହି ପ୍ରସ୍ତାବ ପାକିସ୍ତାନ ମାଧ୍ୟମରେ ୱାଶିଂଟନକୁ ପଠାଯାଇଥିଲା ଏବଂ ଲେବାନନ ସମେତ ସମସ୍ତ ମୋର୍ଚ୍ଚାରେ ଶତ୍ରୁତା ବନ୍ଦ କରିବାକୁ ଆହ୍ୱାନ କରାଯାଇଥିଲା। ଆମେରିକା ଦୁଇ ମାସର ଯୁଦ୍ଧବିରତି ପାଇଁ ସମର୍ଥନ କରୁଥିବା ବେଳେ, ଇରାନ ସ୍ପଷ୍ଟ କରିଛି ଯେ ୩୦ ଦିନ ମଧ୍ୟରେ ଏକ ସମାଧାନ ହେବା ଆବଶ୍ୟକ। ତେହରାନର ଗୁରୁତ୍ୱ କେବଳ ଏକ ଅସ୍ଥାୟୀ ଯୁଦ୍ଧବିରତି ବୃଦ୍ଧି କରିବା ଅପେକ୍ଷା ସ୍ଥାୟୀ ଶାନ୍ତି ହାସଲ କରିବା ଉପରେ ରହିଛି। ତଥାପି, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସଙ୍କେତ ଦେଇଛନ୍ତି ଯେ, ପ୍ରଥମ ଦୃଷ୍ଟିରୁ, ସେ ପ୍ରସ୍ତାବରେ ସନ୍ତୁଷ୍ଟ ନୁହଁନ୍ତି। ଯଦିଓ ସେ ଡକ୍ୟୁମେଣ୍ଟ ସମୀକ୍ଷା କରିବାକୁ ଚାହୁଁଛନ୍ତି, ଏହାର ଗ୍ରହଣ ଅସମ୍ଭବ ମନେହୁଏ, କାରଣ ସେ ବିଶ୍ୱାସ କରନ୍ତି ଯେ ଇରାନ ଏପର୍ଯ୍ୟନ୍ତ ତାର କାର୍ଯ୍ୟ ପାଇଁ ପୂର୍ଣ୍ଣ ମୂଲ୍ୟ ଦେଇନାହିଁ।

# ଡିଏମ୍‌କେ, ଏଆଇଏଡିଏମ୍‌କେ ହେଭିୱେଟ୍‌ଙ୍କୁ ହରାଇଲେ ଚେନ୍ନାଇ ଅଟୋ ଡ୍ରାଇଭର

ନୂଆଦିଲ୍ଲୀ, ୪/୫: ତାମିଲନାଡୁ ବିଧାନସଭା ନିର୍ବାଚନରେ ବିଜୟଙ୍କ ବିଜୟ ସହ କେ ବିଜୟ ଧାମୁଙ୍କ ବିଜୟ ମଧ୍ୟ ସମସ୍ତଙ୍କୁ ଚକିତ କରିଛି। କେ ବିଜୟ ଧାମୁ ହେଉଛନ୍ତି ବୃତ୍ତିରେ ଜଣେ ଅଟୋ ଡ୍ରାଇଭର। ରୋୟାପୁରମ ବିଧାନସଭା ନିର୍ବାଚନମଣ୍ଡଳୀରେ ସେ ରାଜ୍ୟର ସବୁଠାରୁ ୨ ଜଣ ଟାଣୁଆ ରାଜନେତାଙ୍କୁ ହରାଇ ଦେଇଛନ୍ତି। ବିଜୟ ଧାମୁ ଉକ୍ତ ଆସନରେ ୫୫,୦୦୦ରୁ ଅଧିକ ଭୋଟ୍ ପାଇବା ସହ ତାଙ୍କ ନିକଟ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୧୪ ହଜାରରୁ ଅଧିକ ଭୋଟ୍ ବ୍ୟବଧାନରେ ଜିତିଛନ୍ତି। ଏହି ବିଜୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏଆଇଏଡିଏମ୍‌କେ ହେଭିୱେଟ୍ ଏବଂ ୫ ଥର ବିଧାୟକ ହୋଇଥିବା ଡି ଜୟକୁମାର ରୋୟାପୁରମ ଆସନରେ ତୃତୀୟ ସ୍ଥାନରେ ରହିଥିବାବେଳେ ଡିଏମ୍‌କେର ସୁବେର ଖାନ୍ ତଥା ସ୍ୱର୍ଗତ ମନ୍ତ୍ରୀ ରେହମାନ ଖାନ୍‌ଙ୍କ ପୁଅ ଉକ୍ତ ଆସନରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଚେନ୍ନାଇ ସମେତ ସମଗ୍ର ତାମିଲନାଡୁରେ



ବିଜୟ ଲହରୀ ଭସାଇ ନେଇଛି। ବିଜୟଙ୍କ ଫ୍ୟାନ୍ କ୍ଲବ୍ ନେଟୱର୍କ ବିଜୟ ମକ୍କଲ ଇୟାକ୍କମର ଏକ ଅଂଶ ଭାବେ ଦୀର୍ଘ ଦିନ ରହିଥିବା ଧାମୁ ଜଣେ ସାଧାରଣ ବ୍ୟକ୍ତି ଭାବେ ନିଜର ପରିଚୟ ସହ ପ୍ରଚାର କାର୍ଯ୍ୟକ୍ରମ କରିଥିଲେ। ପ୍ରଚାର ସମୟରେ ସେ କହିଥିଲେ, ଆପଣମାନେ ଆମକୁ ନୂଆ ଚେହେରା କହିପାରନ୍ତି କିନ୍ତୁ ଆମେ ଆମ ଫ୍ୟାନ୍ କ୍ଲବ୍ ଦ୍ୱାରା ବର୍ଷବର୍ଷ ଧରି ତୃଣମୂଳ ସ୍ତରରେ କାମ କରୁଛୁ। ରୋୟାପୁରମ୍‌ରେ ବିଜୟଙ୍କ ବିଜୟ ଏଆଇଏଡିଏମ୍‌କେ ପାଇଁ ଏକ ଶକ୍ତ ଧକ୍କା। କାରଣ ୧୯୯୧ରୁ ଏହି ଆସନ ପାରମ୍ପରିକ ଭାବେ ଜୟକୁମାରଙ୍କ ଗଡ଼ ଥିଲା।

# ବିଳାସପୂର୍ଣ୍ଣ କ୍ରୁଜ୍ ଜାହାଜରେ ବିପଦଜନକ ହଣ୍ଟାଭାଇରସ୍ ବ୍ୟାପିଲା: ୩ ମୃତ

କେପ୍ ଟାଉନ୍,୪/୫: ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ) ଏବଂ ଦକ୍ଷିଣ ଆଫ୍ରିକାର ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ କରିଛନ୍ତି ଯେ, ଆଟଲାଣ୍ଟିକ୍ ମହାସାଗରରେ ଏକ କ୍ରୁଜ୍ ଜାହାଜରେ ହଣ୍ଟାଭାଇରସ୍ ସଂକ୍ରମଣର ସନ୍ଦେହଜନକ ପ୍ରକୋପ ଯୋଗୁଁ ତିନି ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ବୃଦ୍ଧ ବିବାହିତ ଦମ୍ପତି ମଧ୍ୟ ଅଛନ୍ତି। ଅନ୍ୟ ତିନି ଜଣ ଅସୁସ୍ଥ ହୋଇଥିବା ମଧ୍ୟ ରିପୋର୍ଟ ହୋଇଛି। ଆସୋସିଏଟେଡ୍ ପ୍ରେସ୍‌କୁ ଦିଆଯାଇଥିବା ଏକ ବିବୃତିରେ ଡବ୍ଲୁଏଚ୍‌ଓ କହିଛି ଯେ ଏହି ମାମଲା ତଦନ୍ତାଧୀନ ଅଛି କିନ୍ତୁ ହଣ୍ଟାଭାଇରସ୍‌ର ଗୋଟିଏ ମାମଲା ନିଶ୍ଚିତ ହୋଇଛି। ଡବ୍ଲୁଏଚ୍‌ଓ କହିଛି ଯେ ରୋଗୀଙ୍କ ମଧ୍ୟରୁ ଜଣେ ଦକ୍ଷିଣ ଆଫ୍ରିକାର ଏକ ହସ୍ପିଟାଲରେ ଇଣ୍ଟେନସିଭ୍ କେୟାରରେ ଅଛନ୍ତି ।

# ସଡ଼କ ଦୁର୍ଘଟଣାରେ ୧୮ ମୃତ, ୨୭ ଆହତ

ଲକ୍ଷ୍ନୌ, ୪/୫: ଉତ୍ତର ପ୍ରଦେଶରେ ସୋମବାର ଦିନଟି ସଡକ ଦୁର୍ଘଟଣା ଦୃଷ୍ଟିରୁ ବହୁତ ଦୁଃଖଦ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଟିଥିବା ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୮ ଜଣଙ୍କ ମୃତ୍ୟୁ ହୋଇଛି, ଯେତେବେଳେ ୨୭ ଜଣ ଆହତ ହୋଇଛନ୍ତି। ଆମ୍ବେଦକର ନଗରରେ ଘଟିଥିବା ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ, ଜାଲୌନରେ ଅଯୋଧ୍ୟାରୁ ଦର୍ଶନ କରି ଫେରୁଥିବା ଗୋଟିଏ ପରିବାରର ୬ ଜଣଙ୍କ ଜୀବନ ଯାଇଛି। ଏହାଛଡ଼ା ରାୟବରେଲୀ, ବୁଲନ୍ଦଶହର, ବସ୍ତୀ ଓ ଫତେହପୁର ଜିଲ୍ଲାରେ ଘଟିଥିବା ଦୁର୍ଘଟଣାରେ ପ୍ରତ୍ୟେକରେ ଜଣଙ୍କର ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣାଗୁଡିକରେ ଘଟିଥିବା ଜନହାନି ପ୍ରତି ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହା ସହିତ ଆହତମାନଙ୍କୁ ଭଲ ଚିକିତ୍ସା ଦେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାଲୌନ ଜିଲ୍ଲାର ଝାନ୍ସୀ-କାନପୁର ଜାତୀୟ ରାଜପଥ-୨୭ରେ କାଲ୍ପୀ କୋତୱାଲୀ ଅଞ୍ଚଳର ୮୪ ଗୁମ୍ବଦ ନାମକ ସ୍ଥାନ ନିକଟରେ ସୋମବାର ସକାଳେ ଗୋଟିଏ ତୀବ୍ରଗତି ଟାଭେରା କାର ପଛଦିଗରୁ ଟ୍ରକ୍କୁ ଜୋରଦାର ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ, ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ସମସ୍ତେ ଅଯୋଧ୍ୟାରୁ ଦର୍ଶନ କରି ଫେରୁଥିଲେ। ମୃତକମାନଙ୍କ ମଧ୍ୟରେ ଲଳିତପୁରର ମହରୌନୀ ବାସିନ୍ଦା ଶଶିକାନ୍ତ ତିୱାରୀ, କୃଷ୍ଣକାନ୍ତ ନାୟକ, ଦୀପକ ତିୱାରୀ, ହରିମୋହନ ତିୱାରୀ, ଭୂଷଣ ତିୱାରୀ ଓ ଅଂଶୁଲ ତିୱାରୀ ଅନ୍ତର୍ଭୁକ୍ତ। ଅନ୍ୟ ୪ ଜଣ ଆହତ ଅଛନ୍ତି। ପ୍ରାଥମିକ ତଦନ୍ତରୁ ଚାଳକଙ୍କୁ ନିଦ ଆସିବା ଏହି ଦୁର୍ଘଟଣାର କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି । ପୋଲିସ ଏହି ଘଟଣାର ବିସ୍ତୃତ ତଦନ୍ତ କରୁଛି। ଟ୍ରକ୍କୁ ଜବତ କରାଯାଇଛି।

# ପଶ୍ଚିମବଙ୍ଗରେ ଭୋଟ ଗଣନା ବେଳେ ହିଂସା



କୋଲକାତା, ୪/୫: ପଶ୍ଚିମବଙ୍ଗରେ ୨୯୩ଟି ଆସନ ପାଇଁ ଭୋଟ ଗଣତି ଚାଲିଛି। ପ୍ରାରମ୍ଭିକ ଟ୍ରେଣ୍ଡ ବିଜେପିକୁ ବହୁମତ ପ୍ରଦାନ କରୁଛି। ବିଜେପି ୧୯୪ଟି ଆସନରେ ଓ ଟିଏମସି ୯୩ଟି ଆସନରେ ଆଗୁଆ ଅଛି। ଏପର୍ଯ୍ୟନ୍ତ ବିଜେପି ୪୫% ଭୋଟ ଓ ଟିଏମସି ୪୨% ଭୋଟ ପାଇଛି। ଭୋଟ ଗଣନା ସମୟରେ ପଶ୍ଚିମବଙ୍ଗର ଚାରୋଟି ସ୍ଥାନରେ ହିଂସା ଓ ସଂଘର୍ଷ ଘଟିଥିଲା। ଆସାନସୋଲରେ ଟିଏମସି କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯାଇଥିଲା ଓ ଜମୁରିଆରେ ପୋଡ଼ାଜଳା ଘଟଣା ଦେଖିବାକୁ ମିଳିଛି। ନିର୍ବାଚନ ଫଳାଫଳ ଘୋଷଣା ହେବା ପୂର୍ବରୁ ଆସାନସୋଲର ଜମୁରିଆ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି। ଜମୁରିଆର ଚୁରୁଲିଆ ଅଞ୍ଚଳରେ ତୃଣମୂଳ କଂଗ୍ରେସ (ଟିଏମସି)ର ଏକ ଦଳୀୟ କାର୍ଯ୍ୟାଳୟରେ ନିଆଁ ଲଗାଇ ଦିଆଯାଇଛି। ବିଜେପି କର୍ମୀ ଏହି ପୋଡ଼ାଜଳା କରିଥିବା ଅଭିଯୋଗ ହୋଇଛି। ଉତ୍ତର ୨୪ ପରଗଣାର ବାରାକପୁରରେ ରାଷ୍ଟ୍ରଗୁରୁ ସୁରେନ୍ଦ୍ରନାଥ ଗଣନା କେନ୍ଦ୍ରରେ ଟିଏମସି ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଘଟଣାସ୍ଥଳରେ ସୁରକ୍ଷା କର୍ମୀ ଉପସ୍ଥିତ ଅଛନ୍ତି। ଆସନସୋଲରେ ଟିଏମ୍‌ସି କ୍ୟାମ୍ପ ଅଫିସରେ ଭଙ୍ଗାରୁଜା ହୋଇଛି। କୁଚବିହାରରେ ବିଜେପି ଓ ଟିଏମ୍‌ସି ସମର୍ଥକ ମୁହାଁମୁହିଁ ହେବା ପରେ ସୁରକ୍ଷାକର୍ମୀ ଲାଠିଚାର୍ଜ କରିଛନ୍ତି।

# ଆମ ବସ୍ ଧକ୍କାରେ ବାଇକ୍ ଚାଳକ ମୃତ, ବନ୍ଧା ହେଲେ ଡ୍ରାଇଭର

ଭୁବନେଶ୍ୱର(ନିପ୍ର): ୧୬ ନଂ ଜାତୀୟ ରାଜପଥର ସତସଙ୍ଗ ବିହାର ନିକଟରେ ଆମ ବସ୍ ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟଣାରେ କମିଶନରେଟ୍ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଫେରାର ଥିବା ଆମ ବସ୍ ଡ୍ରାଇଭରଙ୍କୁ ସହିଦନଗର ଥାନା ପୋଲିସ ସୋମବାର



ଗିରଫ କରିଛି। ଗିରଫ ଡ୍ରାଇଭର ଜଣଙ୍କ ହେଲେ କଟକ ନେମାଳ ଥାନା ଅଞ୍ଚଳର ଦାମଦୋରପୁର ଗ୍ରାମର ଅଶ୍ୱିନୀ କୁମାର (୪୧) । ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ଅଶ୍ୱିନୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏନେଇ ଅଭିଯୋଗକାରୀ ବିଶ୍ୱରଞ୍ଜନ ପାଇକରାୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଦିନ ପ୍ରାୟ ୩ ଟା୪୫ ସମୟରେ, ମୃତ ଗଦାଧର ସାହୁ ଏକ ମୋଟର ସାଇକେଲରେ ନାଖରା ପାର୍ଶ୍ୱରୁ ଭୁବନେଶ୍ୱର ଆଡକୁ ଆସୁଥିବା ସମୟରେ ଏକ ଆମ ବସ ଅତ୍ୟଧିକ ବେଗ ଏବଂ ଅବହେଳାପୂର୍ଣ୍ଣ ଭାବରେ ଚଳାଇ ତାଙ୍କ ମୋଟରସାଇକେଲକୁ ସତସଙ୍ଗ ବିହାର ନିକଟରେ ଧକ୍କା ଦେଇଥିଲା, ଯାହା ଫଳରେ ସେ ଗୁରୁତର ଆହତ ହୋଇଥିଲେ । ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା । ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତଦନ୍ତ ସମୟରେ ଏହା ପ୍ରମାଣିତ ହୋଇଥିଲା ଯେ ଅଭିଯୁକ୍ତ ଡ୍ରାଇଭରଙ୍କ ଅତ୍ୟଧିକ ବେଗ ଏବଂ ଅବହେଳାପୂର୍ଣ୍ଣ ଚାଳନା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରୁ ସମ୍ପୃକ୍ତ ବସ୍ ?ଟିକୁ ଜବତ କରାଯାଇଥିଲା । ଘଟଣା ପରେ ଅଭିଯୁକ୍ତ ପଳାଇ ଯାଇଥିଲେ, କିନ୍ତୁ ପରେ ସେ ଥାନାରେ ଆତ୍ମସମର୍ପଣ କରିଥିଲେ । ପଚରାଉଚରା ସମୟରେ ସେ ତାଙ୍କ ଅପରାଧ ସ୍ୱୀକାର କରିଥିଲେ।

## କାର୍ ଧକ୍କାରେ ମହିଳାଙ୍କ ମୃତ୍ୟୁ, ଚାଳକ ଗିରଫ

ଭୁବନେଶ୍ୱର(ନିପ୍ର): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରାସ୍ତା ପାର ହେଉଥିବା ବେଳେ କାର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ସୋମବାର ପୋଲିସ କାର ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ କାର ଚାଳକ ଜଣଙ୍କ ହେଉଛନ୍ତି,ଚିତ୍ରଭାନୁ କାନୁନଗୋ (୨୯) ଓ ତାଙ୍କ ଘର ବଡଗଡ ଥାନା ଅନ୍ତର୍ଗତ ବିଜେବି ନଗରରେ ବୋଲି ଜଣାପଡିଛି। ଏନେଇ ଦେବପ୍ରିୟ ପାଢି ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ୨୧ ତାରିଖ ଦିନ ଦୁଇଜଣ କର୍ମଚାରୀ ଅଫିସ ସମୟ ପରେ ରାସ୍ତା ପାର ହେଉଥିବା ବେଳେ ଏକ କାର ସେମାନଙ୍କୁ ଧକ୍କା ଦେଇଥିଲା। ଧକ୍କା ଯୋଗୁଁ ଉଭୟ ପୀଡିତା ଅଚେତ ହୋଇ ପଡ଼ିଥିଲେ। ଡ୍ରାଇଭର ତୁରନ୍ତ ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲକୁ ନେଇଯାଇଥିଲେ। ଏହି ଘଟଣାରେ ଶ୍ରୀମତୀ ପୂଜା ରାଣୀ ଦାସ ସାଧାରଣ ଆହତ ହୋଇ ଡିସଚାର୍ଜ ହୋଇଥିବା ବେଳେ, ଅନ୍ୟ ଆହତ ଶ୍ରୀମତୀ ପ୍ରଜ୍ଞା ପ୍ରିୟଦର୍ଶିନୀ ରଥ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିଲେ। ଚିକିତ୍ସାଧୀନ ସମୟରେ ୨୭ ତାରିଖ ଦିନ ପ୍ରଜ୍ଞା ପ୍ରିୟଦର୍ଶିନୀ ରଥଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସୋମବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ଥର୍ ଗାଡିରେ ଚାଲାଣ ହେଉଛି ଗଞ୍ଜେଇ

# ନିଶା ମାଫିଆକୁ କାବୁକଲା ପୋଲିସ

ଭୁବନେଶ୍ୱର(ନିପ୍ର): ନିଶା ମାଫିଆଙ୍କ ନୂଆ ତରିକା ଏବେ ଥର ଗାଡି । ଥର ଗାଡିରେ ହେଉଛି ଗଞ୍ଜେଇ ଓ ଧଳାଜହର ଚୋରା ଚାଲାଣ । କମିଶନରେଟ୍ ପୋଲିସକୁ ଚକମା ଦେଇ ନିଶା ମାଫିଆମାନେ ଦାମି କାରରେ କରୁଛନ୍ତି ନିଶା କାରବାର । ଥର ଗାଡିରେ ଗଞ୍ଜେଇ ଚୋରା ଚାଲାଣ ବେଳେ କୁଖ୍ୟାତ ନିଶା ମାଫିଆକୁ କାବୁ କରିବାରେ ସଫଳତା ପାଇଛି ଖଣ୍ଡଗିରି ଥାନା ପୋଲିସ। ଥାନାଧିକାରୀ ଅଭିମନ୍ୟୁ ଦାସଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତକୁ ଧରିବାକୁ ବିଛା ଯାଇଥିଲା ଜାଲ । ଆଉ ସ୍ୱତନ୍ତ୍ର ଟିମ୍ ହାବୁଡରେ ପଡିଥିଲେ କୁଖ୍ୟାତ ନିଶା ମାଫିଆ। ପୋଲିସ ଥର ଗାଡିକୁ ମଧ୍ୟ ଜବତ କରିଛି । ଗିରଫ ନିଶା ମାଫିଆ ଜଣଙ୍କ ହେଲେ ଖଣ୍ଡଗିରି ଥାନା ନିକଟସ୍ଥ ଯଦୁପୁରର ସେକ୍ ଜାହିର ଓରଫ ରାଜୁ (୩୧) । ତାଙ୍କଠାରୁ ପୋଲିସ ୨୧ କେଜି ଗଞ୍ଜେଇ ଜବତ କରିବା ସହ କୋର୍ଟଚାଲାଣ କରିଛି । ବେଆଇନ ଗଞ୍ଜେଇ ଚାଲାଣ ସମ୍ପର୍କରେ ମିଳିଥିବା ବିଶ୍ୱସ୍ତ ସୂଚନା ଆଧାରରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ସୋମବାର ସକାଳ ସମୟରେ ଅଭିଯୁକ୍ତ ରଘୁନାଥନଗର ଅଟୋ ଷ୍ଟାଣ୍ଡ ନିକଟରେ ଏକ କଳା ରଙ୍ଗର ଥର ଗାଡିରେ ଗ୍ରାହକମାନଙ୍କୁ ଅବୈଧ ଗଞ୍ଜେଇ ବିକ୍ରୟ ପାଇଁ ଅପେକ୍ଷା କରୁଥିବା ବିଶ୍ୱସ୍ତ ସୂଚନା ମିଳିଥିଲା । ସୂଚନା ଉପରେ କାର୍ଯ୍ୟ କରି, ପୋଲିସ ଚଢଉ ଦଳ ଘଟଣାସ୍ଥଳକୁ ପହଞ୍ଚି ଅଭିଯୁକ୍ତଙ୍କୁ ଅଟକ ରଖିଥିଲେ। ତଲାସି ସମୟରେ ଗାଡିରୁ ଗଞ୍ଜେଇ ଭର୍ତ୍ତି ଥିବା ଏକ ଜରି ବ୍ୟାଗ ଜବତ କରାଯାଇଥିଲା । ଓଜନ କରିବା ପରେ ଗଞ୍ଜେଇର ମୋଟ ପରିମାଣ ୨୧ କିଲୋଗ୍ରାମ ବୋଲି ଜଣାପଡିଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ଆର୍ଥିକ ଲାଭ ପାଇଁ ଅବୈଧ ବିକ୍ରୟରେ ଲିପ୍ତ ଥିବା ସ୍ୱୀକାର କରିଥିଲା। ଯାଞ୍ଚରୁ ଅଭିଯୁକ୍ତ ପୂର୍ବରୁ ଖଣ୍ଡଗିରି, ଲକ୍ଷ୍ମୀସାଗର ଏବଂ ଭରତପୁର ଥାନାରେ ସମାନ ପ୍ରକାର ମାମଲା ସହିତ ମୋଟ ୬ଟି ଅପରାଧିକ ମାମଲାରେ ଜଡିତ ଥିବା ଜଣାପଡିଛି ।

## ଯୁବକଙ୍କ ହାତକୁ କାମୁଡି ଫୋନ୍ ଲୁଟ୍, ଧରାପଡିଲା ଲୁଟେରା

ଭୁବନେଶ୍ୱର(ନିପ୍ର): ଯୁବକଙ୍କ ହାତକୁ କାମୁଡି ଫୋନ ଛଡାଇ ନେବା ଘଟଣାରେ କ୍ୟାପିଟାଲ ଥାନା ପୋଲିସ କୁଖ୍ୟାତ ଲୁଟେରା ବାପୁଜୀନଗର ଲେନ୍-୧ କାର୍ଗିଲ ବସ୍ତିର ସନ୍ତୋଷ ନାୟକ(୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ସନ୍ତୋଷ ନାମରେ ରାଜଧାନୀର ବିଭିନ୍ନ ଥାନାରେ ବହୁ ଅପରାଧୀକ ମାମଲା ରହିଥିବା ଜଣାପଡିଛି । ଅଭିଯୋଗକାରୀ ବୈକୁଣ୍ଠନାଥ ପ୍ରଧାନ (୩୩)ଙ୍କ ଲିଖିତ ରିପୋର୍ଟ ଆଧାରରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ରବିବାର ସନ୍ଧ୍ୟା ସମୟରେ ଅଭିଯୋଗକାରୀ ୟୁନିଟ୍-୧ ମାର୍କେଟ୍ ପେଟ୍ରୋଲ ପମ୍ପ ନିକଟରେ ତାଙ୍କ ଅଟୋରେ ଯାତ୍ରୀମାନଙ୍କୁ ଅପେକ୍ଷା କରୁଥିବା ବେଳେ, ଅଭିଯୁକ୍ତ ହଠାତ୍ ତାଙ୍କ ହାତକୁ କାମୁଡି ତାଙ୍କ ମୋବାଇଲ୍ ଫୋନ୍ ଛଡାଇ ନେଇଥିଲା । ଅଭିଯୋଗକାରୀ ଚିତ୍କାର କରିବାରୁ ନିକଟସ୍ଥ ଜନସାଧାରଣ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲେ । ତଦନ୍ତ ସମୟରେ, ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା । ପଚରାଉଚରା ସମୟରେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲା। ଯାଞ୍ଚରୁ ଜଣାପଡିଛି ଯେ ଅଭିଯୁକ୍ତ ପୂର୍ବରୁ କ୍ୟାପିଟାଲ ଏବଂ ଏୟାରପୋର୍ଟ ଥାନାରେ ସମୁଦାୟ ୮ଟି ଅପରାଧିକ ମାମଲାରେ ଜଡିତ ଅଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ଆଇନଅନୁଯାୟୀ ତାଙ୍କୁ କୋର୍ଟକୁ ଚାଲାଣ କରାଯାଇଛି ।

## ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ଚଢ଼ାଉ, ବ୍ରାଉନ ସୁଗାର ଜବତ: ଜଣେ ଗିରଫ



କଟକ(ନିପ୍ର): ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ ପକ୍ଷରୁ ଚଢ଼ାଉ କରାଯାଇ ୧୪ ଲକ୍ଷ ୩୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରିବା ସହ ବ୍ରାଉନ ସୁଗାର ବ୍ୟବସାୟ କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ବଳଭଦ୍ରପୁରର ସୁଜିତ କୁମାର ବେହେରା ଓରଫ ଦିପୁ (୪୩) । ଅବକାରୀ ଅଧିକ୍ଷକ ସମରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବାଲିପାଟଣା ଥାନା ଅନ୍ତର୍ଗତ ଗାରେଡିପାଟଣା ଛକରେ ଚଢ଼ାଉ କରାଯାଇ ଦିପୁଠାରୁ ୧୪୩ ଗ୍ରାମ ବ୍ରାଉନ ସୁଗାର ଓ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଥିଲା । ଜବତ ବ୍ରାଉନ ସୁଗାରର ମୂଲ୍ୟ ୧୪ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

# ପରକୀୟା ପ୍ରୀତିରୁ ପତ୍ନୀ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି: ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନାର ନନ୍ଦାହାଣ୍ଡି ବ୍ଲକର ମରାଳି ଗାଁରେ ପରକୀୟା ପ୍ରୀତିରୁ ସ୍ତ୍ରୀକୁ ହତ୍ୟା ଅଭିଯୋଗ ହୋଇଛି। ଘଟଣାରେ ଅଭିଯୁକ୍ତ ସ୍ୱାମୀ ସଲମୋନ ଟାକ୍ରିଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ନବରଙ୍ଗପୁର ଏସଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ମାମଲାର ସୂଚନା ଦେଇ କହିଛନ୍ତି, ହତ୍ୟା ଘଟଣାରେ ପ୍ରେମିକା ସଲମାଙ୍କୁ ଆଣି ପଚରାଉଚରା କରାଯାଇଥିଲା, ତାଙ୍କୁ ପରେ ଛାଡ଼ିଦିଆଯାଇଛି। ମାମଲାର ବିବରଣୀ ଅନୁସାରେ, କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ବେଥନିଆ ଗ୍ରାମର ସଞ୍ଜିତା ଖୁରାଙ୍କ ଝିଅ ପ୍ରୀତି ଖୁରା ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ନନ୍ଦାହାଣ୍ଡି ବ୍ଲକର ମରାଳି ଗ୍ରାମର ସଲମୋନ ଟାକ୍ରିଙ୍କୁ ବିବାହ କରିଥିଲେ। ବିବାହ ପରେ ମଧ୍ୟ ସ୍ୱାମୀ ସଲାମନ ଟାକ୍ରି ନିଜର ପୂର୍ବ ପ୍ରେମିକା ସଲମାଙ୍କ ସହ ସମ୍ପର୍କ ରଖିଥିଲେ। ଏହା ପ୍ରୀତି ଜାଣିବା ପରେ ସଲମୋନଙ୍କ ସହ ନିୟମିତ ବିବାଦ ହେଉଥିଲା। ଏପରିକି, ପ୍ରୀତି ସ୍ୱାମୀଙ୍କୁ ଛାଡ଼ି ବାପା ଘରକୁ ଚାଲି ଯାଇଥିଲେ। ଚଳିତ ବର୍ଷ ଏହି ବିବାଦ ଥାନାକୁ ଯାଇଥିଲା। ମାର୍ଚ୍ଚ ମାସରେ ତେନ୍ତୁଳିଖୁଣ୍ଟି ଥାନାରେ ଆପୋଷ ବୁଝାମଣା ପରେ ପ୍ରୀତି ସ୍ୱାମୀ ସଲମୋନଙ୍କ ଘରକୁ ଫେରିଥିଲେ। ଏବଂ ତାଙ୍କର କନ୍ୟା ସନ୍ତାନ ଜନ୍ମ ହୋଇଥିଲା । କିନ୍ତୁ, ସ୍ୱାମୀ ସଲମୋନ ପୂର୍ବ ଭଳି ତାଙ୍କ ପ୍ରେମିକା ସଲମାଙ୍କ ସହିତ ସମ୍ପର୍କ ରଖିଥିଲେ। ଗତକାଲି ପ୍ରୀତି ନିଜ ଝିଅକୁ ଧରଲେ ଘର ପାଇଁ ପିଇବା ପାଣି ଆଣିବା ପାଇଁ ଯିବେ ଭାବି ସ୍ୱାମୀଙ୍କୁ ଖୋଜିବା ବେଳେ ସ୍ୱାମୀ ଘରେ ନ ଥିଲେ। ଏଣେତେଣେ ଖୋଜିବା ପରେ ସ୍ୱାମୀ ନିଜ ପ୍ରେମିକା ସଲମାଙ୍କ ସହିତ ଥିବା ଦେଖିଥିଲେ । ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲେ। ଏଥିରେ ଉତ୍ତେଜିତ ହୋଇ ସଲମୋନ ଓ ତାଙ୍କ ପ୍ରେମିକା ସ୍ତ୍ରୀ ପ୍ରୀତିକୁ ଉଭୟ ମିଶି ମାରି ଦେଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିବା ପୁଲିସ ନିକଟରେ ଅଭିଯୋଗ ହୋଇଥିଲା । ଅଭିଯୋଗର ତଦନ୍ତ ତେନ୍ତୁଳିଖୁଣ୍ଟି ଥାନା ଏସଆଇ ବିନତୀ ତୀର୍କି କରିଥିଲେ। ପୁଲିସ ପ୍ରାଥମିକ ତଦନ୍ତରେ ପ୍ରୀତିଙ୍କୁ ଆତ୍ମହତ୍ୟା ନିମନ୍ତେ ସଲମୋନ ଉସୁକାଇଥିବା ସନ୍ଦେହ କରାଯାଉଛି। ବେକର ଚାରିପଟେ କଳାଦାଗ ନଥିବା ବେଳେ ଆତ୍ମହତ୍ୟାକଲେ ଯେଭଳି ଚିହ୍ନଥିବ ସେଭଳି ରହିଛି ବୋଲି କହିଛନ୍ତି ଏସ୍ ?ଡିପିଓ। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

### କେନ୍ଦୁପତ୍ର ତୋଳିବା ହେଲା କାଳ

# ସ୍ୱାମୀ ଦୌଡ଼ି ପଳାଇଲେ, ସ୍ତ୍ରୀକୁ ଦଳିଦେଲା ଦନ୍ତା

ମାଧପୁର: କେନ୍ଦୁପତ୍ର ତୋଳିବା ବେଳେ ଦଳିଦେଲା ଦନ୍ତା। ଦୌଡ଼ି ପଳାଇଲେ ସ୍ୱାମୀ, ହାତୀ ହାବୁଡ଼ରେ ପଡ଼ିଗଲେ ସ୍ତ୍ରୀ। ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ମାଧପୁର ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି । ଖବର ପାଇ ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ସୂଚନା ଅନୁଯାୟୀ, ଆଠମଲ୍ଲିକ ବ୍ଲକ ମାଧପୁର ଗାଁର ଜ୍ୟୋସ୍ନା ବିଶ୍ୱାଳ ଓ ସ୍ୱାମୀ ବିଜୟ ବିଶ୍ୱାଳଙ୍କ ସହ ୬ ଜଣ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। କେନ୍ଦୁପତ୍ର ତୋଳିବା ବେଳେ ଏକ ୬ ଟିକିଆ ହାତୀପଲ ସେମାନଙ୍କୁ ଆକ୍ରମଣ କରିଥିଲେ। ସମସ୍ତେ ଭୟରେ ଦୌଡ଼ି ପଳାଇଥିଲେ। ହେଲେ ଜ୍ୟୋସ୍ନା ହାତୀ ହାବୁଡ଼ରେ ପଡିଯାଇଥିଲେ। ହାତୀଟି ତାଙ୍କୁ ଦଳି ଦେଇଥିଲା। ଗାଁ ଠାରୁ ୧୦ କିମି ଦୂରରେ ନୂଆଗାଁ ସଂରକ୍ଷିତ ଜଙ୍ଗଲ ଭିତରେ ଏହି ଘଟଣା ଘଟିଥିବା ବେଳେ କାହାରି ପାଖରେ ମୋବାଇଲ୍ ନଥିଲା। ସମସ୍ତେ ୪ କିମି ଦୂର ବିଜପୁରକୁ ଚାଲି ଚାଲି ଆସି ଫୋନ କରିଥିଲେ। ବିଜପୁର ବିଟର ଫରେଷ୍ଟ ଗାର୍ଡ ରେଞ୍ଜ୍ ଅଫିସକୁ ଜଣାଇଥିଲେ। ମାଧପୁର ଅଫିସ ଷ୍ଟାଫ ସଦଳବଳେ ଯାଇ ଜ୍ୟୋସ୍ନାଙ୍କୁ ଉଦ୍ଧାର କରି ମାଧପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ ଆଠମଲ୍ଲିକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହେଇଯାଥିଲା। ତେବେ ବାରମ୍ବାର ଏଭଳି ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଗଞ୍ଜାମରେ କାଜୁ ବେପାର, ଭଦ୍ରକରୁ ଅପହରଣ: ୩ ଗିରଫ



ଭଦ୍ରକ: ଗଞ୍ଜାମରେ ବେପାର । ଭଦ୍ରକରେ ଅପହରଣ ନାଟକ ଘଟଣା ଭଦ୍ରକରେ ବେଶ ଚର୍ଚ୍ଚାକୁ ଆସିଛି। ଭଦ୍ରକ ଟାଉନ୍ ପୁଲିସ ଦ୍ୱାରା ୩ ଜଣ ଅପହରଣକାରୀ ଥାନାରେ ଅଟକ ରହିଛନ୍ତି। କାଜୁ ବେପାର ପାଇଁ ୮୦ ଲକ୍ଷ ଟଙ୍କା ଠକେଇ ନେଇ ଏଭଳି ଅପହରଣ ନାଟକ ରଚନା କରାଯାଇଥିବା ନେଇ ପୁଲିସ ତଦନ୍ତରୁ ଜଣାପଡିଛି। ସୋମବାର ଏହି ତିନି ଅପହରଣକାରୀ କୋର୍ଟ ଚାଲାଣ ହେବେ ବୋଲି ପୁଲିସ କହିଛି। ପ୍ରକାଶ ଥାଉ କି, ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଅଞ୍ଚଳର ୩ ଜଣ ଯୁବକ ଚନ୍ଦନ ସାହୁ, ଦେବାଶିଷ ଆଚାର୍ଯ୍ୟ ଓ ରାଜେଶ ସାହୁ ଭଦ୍ରକ ଆସିଥିଲେ। ଭଦ୍ରକ ସହରର ପୋଷ୍ଟାଲ ଛକରେ ବସୁଥିବା କଟକଜିଲ୍ଲା ତିଗିରିଆ ଅଞ୍ଚଳର ପ୍ରସନ୍ନ ପ୍ରଧାନଙ୍କୁ ଅପହରଣ କରି ନେଉଥିଲେ। ଏହି ସମୟରେ ପ୍ରସନ୍ନ ଭଦ୍ରକ ଟାଉନ୍ ପୁଲିସକୁ ଫୋନ କରି ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଂଚି ପ୍ରସନ୍ନଙ୍କୁ ଉଦ୍ଧାର କରିଛନ୍ତି। ଅପହରଣକାରୀ ୩ ଯୁବକଙ୍କୁ ଉଠାଇ ଆଣି ଭଦ୍ରକ ଟାଉନ୍ ଥାନାରେ ଅଟକ ରଖି ପଚରାଉଚରା କରାଉଛି। ଅଭିଯୋଗ ଅନୁଯାୟୀ, ଗଞ୍ଜାମ ବ୍ରହ୍ମପୁର ଅଞ୍ଚଳର ଏହି ତିନି ଯୁବକଙ୍କ ସହ କଟକ ତିଗିରିଆ ଅଞ୍ଚଳର ପ୍ରସନ୍ନ ପ୍ରଧାନଙ୍କ ସହ କାଜୁ ବ୍ୟବସାୟ ଚାଲୁଥିଲା। ଏମାନଙ୍କର ଟଙ୍କା ପଇସାର ନେଣଦେଣକୁ ନେଇ ବିବାଦ ଆରମ୍ଭ ହୋଇଥଲା । ଏହି ବିବାଦରୁ ଅପହରଣ ନାଟକ ରଚନା କରାଯାଇଥିଲା। ପ୍ରସନ୍ନ କୌଣସି କାରଣରୁ ଭଦ୍ରକ ଆସିଥିବା ବେଳେ ତାଙ୍କୁ ଠାବ କରି ଗଞ୍ଜାମର ଏହି ତିନି ଯୁବକ ଭଦ୍ରକ ଆସି ପହଞ୍ଚି ପୋଷ୍ଟ ଅଫିସ ଛକରୁ ଅପହରଣ କରି ନେଇଥିଲେ। ପ୍ରସନ୍ନ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଭଦ୍ରକ ଟାଉନ୍ ଥାନାରେ ନଂ୨୮୮/୨୬ରେ ଏକ ମାମଲା ରୁଜୁ କରିଛନ୍ତି। ଘଟଣାର ତଦନ୍ତଚାଲିଛି ବୋଲି ଟାଉନ୍ ଆଇଆଇସି ପ୍ରକାଶ କରିଛନ୍ତି।

### ବାଦ୍ ପଡ଼ିଥିବା ସୁଭଦ୍ରା ହିତାଧିକାରୀଙ୍କୁ ସହାୟତା

## ୭୯ ହଜାରରୁ ଅଧିକଙ୍କୁ ମିଳିଲା ୬୧ କୋଟି




ଭୁବନେଶ୍ୱର, ୪।୫: ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରୁ ଆଭାସୀ ମାଧ୍ୟମରେ 'ସୁଭଦ୍ରା' ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତିରୁ ବାଦ୍ ପଡ଼ିଯାଇଥିବା ୭୯ ହଜାରରୁ ଅଧିକ ହିତାଧିକାରୀଙ୍କୁ ୬୧ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି, ଯାହା ଡିବିଟି ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି । ଏହା ସ୍ୱଚ୍ଛତା ଏବଂ ସଠିକ୍ ସମୟରେ ସହାୟତା ପ୍ରଦାନକୁ ନିଶ୍ଚିତ କରିଛି । ନିଷ୍କ୍ରିୟ ଏନପିସିଆଇ ଲିଙ୍କେଜ୍, ଇ-କେୱାଇସି ବାୟୋମେଟ୍ରିକ ତ୍ରୁଟି ଏବଂ ବାକି ଥିବା ଅଭିଯୋଗ ସମାଧାନ କାରଣରୁ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ କିସ୍ତି ପାଇପାରି ନ ଥିବା ମହିଳାମାନେ ଏହି ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନା ଅନ୍ତର୍ଗତ ୨୧,୯୦୧ ଜଣ ହିତାଧିକାରୀ ପ୍ରଥମ କିସ୍ତି, ୨୨,୩୪୭ ଜଣ ଦ୍ୱିତୀୟ କିସ୍ତି ଏବଂ ୭୯,୬୦୧ ଜଣ ତୃତୀୟ କିସ୍ତି ପାଇଛନ୍ତି। ବିଭିନ୍ନ ପ୍ରଶାସନିକ ସ୍ତରରେ ବିଚାରାଧୀନ ମାମଲାଗୁଡ଼ିକର ଯାଞ୍ଚ ଏବଂ ସମାଧାନ ପରେ ଏହି ଅର୍ଥ ପ୍ରଦାନ କରାଯାଇଛି । ଉପ-ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ନ୍ତି ତାହା ନିଶ୍ଚିତ କରିବାକୁ ସରକାର ପ୍ରତିବଦ୍ଧ । ବ୍ୟବସ୍ଥିତ ଯାଞ୍ଚ ଏବଂ ଅଭିଯୋଗ ନିରାକରଣ ମାଧ୍ୟମରେ ସମସ୍ତ ପ୍ରକୃତ ମାମଲାଗୁଡ଼ିକର ସମାଧାନ କରାଯାଉଛି । ସେ ପୁନର୍ବାର କହିଛନ୍ତି ଯେ 'ସୁଭଦ୍ରା' ଯୋଜନା ରାଜ୍ୟରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ।

**AFFIDAVIT**

By virtue of an affidavit sworn before Executive Magistrate, Kuchinda, Sambalpur affidavit no.104 dtd.22.01.2026, I Amar Samad S/o-Hariyar Samad, Kuchinda NAC ward No.7 Churchpada, Po/Ps-Kuchinda, Dist-Sambalpur, Odisha, Pin-768222 do hereby declare that I have changed my residential address from GEL, Church, Kuchinda to At-Kuchinda Nac ward no.7 Churchpada, Po/Ps-Kuchinda, Dist-Sambalpur, Odisha-768222. Henceforth my address continuing as above address.

Sd/-Amar Samad

### ବୟନିକାରୁ ୭ ଲକ୍ଷର ଶାଢ଼ି ଚୋରି ଘଟଣା

# ଗିରଫ ଭୟ: କୋରିୟରରେ ଶାଢ଼ି ଫେରାଇଲେ ଲୁଟେରା



ଅନୁଗୁଳ: ଅନୁଗୁଳ 'ବୟନିକା' ସୋରୁମ୍‌ରୁ ୭ ଲକ୍ଷରୁ ଊର୍ଦ୍ଧ୍ୱର୍ ଟଙ୍କାର ଶାଢ଼ି ଚୋରି ଘଟଣାରେ ରୋଚକ ଚିତ୍ର ସାମ୍ନାକୁ ଆସିଛି । ମହିଳା ଲୁଟେରା ଗ୍ୟାଙ୍ଗ୍ ଯୋଜନାବଦ୍ଧ ଭାବେ ଶାଢ଼ି ସିନା ଚୋରି କରିନେଲେ, ହେଲେ ପୁଲିସ୍ ଆଖିରୁ ଖସିପାରିଲେନି । ଗିରଫ ହେବା ଭୟରେ ଲୁଟେରା ଗ୍ୟାଙ୍ଗ୍ ଚୋରି କରିଥିବା ୨୫ଟି ଶାଢ଼ିରୁ ପ୍ରାୟ ୨୪ଟି ଶାଢ଼ି ଫେରାଇ ଦେଇଛନ୍ତି । ବୟନିକା ସୋରୁମ୍ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି କୋରିୟର ଯୋଗେ ଶାଢ଼ି ପଠାଇ ଦେଇଛନ୍ତି । ସେପଟେ ଲୁଟେରା ଗ୍ୟାଙ୍ଗ୍‌କୁ ଠାବ କରିସାରିଥିବାରୁ ସେମାନଙ୍କୁ ଗିରଫ କରିବା ପାଇଁ ତେଲଙ୍ଗାନା ଯିବା ପାଇଁ ଅନୁଗୁଳ ଟାଉନ୍ ଥାନା ଯୋଜନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ପ୍ରକାଶ ଯେ, ଗତ ଏପ୍ରିଲ୍ ୧୧ ତାରିଖ ଅପରାହ୍ନ ଗୋଟାଏରୁ ସାଢ଼େ ଗୋଟାଏ ମଧ୍ୟରେ 'ବୟନିକା'ରୁ ଚୋରି ହୋଇଥିଲା । ଗୋଟିଏ ଦାମୀ କାର୍‌ରେ ୬ ଜଣ ମହିଳା ଓ ଜଣେ ପୁରୁଷ ଆସି ମୋଟ୍ ୭ ଲକ୍ଷ ୧୮ ହଜାର ଟଙ୍କାର ଶାଢ଼ି କୌଶଳକ୍ରମେ ଚୋରାଇ ନେଇଥିଲେ । ଏନେଇ ଅଭିଯୋଗ ପରେ ପୁଲିସ୍ ଘଟଣାକୁ ଗୁରୁତ୍ୱର ସହ ନେଇ ୨ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା । ପୁଲିସ ଟିମ୍ ସିସିଟିଭି ଯାଞ୍ଚ କରି ଲୁଟେରା ଗ୍ୟାଙ୍ଗ୍‌କୁ ପିଛା କରିଥିଲା । ଚୋରି ବେଳର ସିସିଟିଭି ଫୁଟେଜ୍ ଭାଇରାଲ୍ ସାଙ୍ଗକୁ ପୁଲିସର ତନାଘନା ଖବର ପ୍ରକାଶ ପାଇଥିଲା । ଯାହାକୁ ଦେଖି ଲୁଟେରା ଗ୍ୟାଙ୍ଗ୍ ବିଚଳିତ ହୋଇ ପଡିଥିଲେ । ଗୋଟିଏ ପଟେ ପୁଲିସ୍ ସେମାନଙ୍କ ଠିକଣା ଠାବ କରିଥିବା ବେଳେ ଗିରଫଦାରି ଭୟ ଲୁଟେରାଙ୍କୁ ଘାରିଥିଲା । ତେଣୁ ସେମାନେ 'ବୟନିକା' କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲେ । ଚୋରି କରିଥିବା ସମସ୍ତ ଶାଢ଼ି କୋରିୟର ଯୋଗେ ଫେରାଇ ଦେବେ ବୋଲି କହିବା ସହିତ ମାମଲା ଉଠାଇ ନେବାକୁ ଅନୁରୋଧ କରିଥିଲେ । ଲୁଟେରା ଗ୍ୟାଙ୍ଗ୍ ୨୪ଟି ଶାଢ଼ି କୋରିୟର ଯୋଗେ ପଠାଇ ଦେଇଥିବା ଜଣାପଡିଛି । ଦୁର୍ବୃତ୍ତଙ୍କ ଠିକଣା ମିଳିଥିବାରୁ ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି ।

**SURYO FOODS & INDUSTRIES LIMITED**

Regd. Office: A-54/1 & A-55/1,Dinalipi Bhawan,Baramunda,Bhubaneswar-751003
Email: suryofoods.industries@gmail.com, web site: www.suryofoods.com,CIN - L05004OR1989PLC002264

**Extract of Audited Financial Results for the Quarter and Year ended 31st March, 2026**

(Rs. In '000', except EPS)

| Sl. No. | Particulars | Quarter ended | | | Year ended | |
|---|---|---|---|---|---|---|
| | | 31.03.2026 (Audited) | 31.12.2025 (UnAudited) | 31.03.2025 (Audited) | 31.03.2026 (Audited) | 31.03.2025 (Audited) |
| 1 | Total Income from operation (net) Other income (net) Other Gains/(Losses) | 1,366 | 1,361 | 3,318 | 5,479 | 6,313 |
| 2 | Net Profit/(Loss) for the period (before Tax, Exceptional and Extraordinary items) | -3,286 | -587 | 1,952 | -2,874 | 2,339 |
| 3 | Net Profit/(Loss) for the period before Tax,(after Exceptional and Extraordinary items) | -3,286 | -587 | 1,952 | -2,874 | 2,339 |
| 4 | Net Profit/(Loss) for the period after Tax,(after Exceptional and Extraordinary items) | -3,582 | -587 | 2,100 | -3,180 | 2,487 |
| 5 | Total Comprehensive Income for the period [Comprising Profit / (Loss) for the period (after tax) and Other Comprehensive Income (after tax)] | -3,582 | -587 | 2,100 | -3,180 | 2,487 |
| 6 | Equity Share Capital (Face Value of Rs. 10/- each) | 69,300 | 39,600 | 39,600 | 39,600 | 39,600 |
| 7 | Reserves (excluding Revaluation Reserve) as shown in the Audited Balance Sheet of the previous year | -38,557 | -38,557 | -65,079 | -38,557 | 65,079 |
| 8 | Earnings Per Share (of Rs. 10/- each) (for continuing and discontinued operations) - | 0.52 | | 0 .53 | | |
| | 1. Basic: | 0.52 | -0.15 | 0.53 | 0.53 | 0.46 |
| | 2. Diluted: | | -0.15 | | 0.53 | 0.46 |

**Note:**
a) The above financial results of the Company for the quarter and year ended 31st March, 2026 have been reviewed by the audit Committee and approved by the Board of Directors at the meeting held on 04th May, 2026.
b) The above financial results have been prepared in accordance with Indian Accounting Standards (Ind AS) presribed under section 133 of the companies act , 2013 and other recognised accounting practices and policies to the extent applicable.
c) The full format of the financial results of the Company for the Quarter and Year ended 31st March, 2026 are available **at the Company's website http://www.suryofoods.com,and websites of all Stock Exchanges, where the Equity shares of the Company are listed.**

Place: Bhubaneswar
Date: 04th May, 2026

For Suryo Foods & Industries Limited
Sd/-
Amarendra Dash
( Chairman cum Managing Director of the Metting)

### ଯାଜପୁରରେ ଫୁଡ୍ ପଏଜନିଂ ଘଟଣା

# ସ୍ୱତନ୍ତ୍ର ଟିମ୍ ଦ୍ୱାରା ଆକ୍ରାନ୍ତମାନଙ୍କ ଚିକିତ୍ସା

ଭୁବନେଶ୍ୱର, ୪/୫(ନିପ୍ର): ଯାଜପୁର ଜିଲ୍ଲାରେ ଫୁଡ ପଏଜନ ଘଟଣାରେ, ରାଜ୍ୟ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ପରିସ୍ଥିତି ନିୟନ୍ତ୍ରଣ କରିବା ଏବଂ ଚିକିତ୍ସା ସୁନିଶ୍ଚିତ କରିବା ନିମନ୍ତେ ତୁରନ୍ତ ପଦକ୍ଷେପ ନେଇଛନ୍ତି । ବର୍ତ୍ତମାନ ସୁଦ୍ଧା, ମୋଟ ୧୦୨ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୮୩ ଜଣଙ୍କୁ ଚିକିତ୍ସା ପରେ ଡିସଚାର୍ଜ କରାଯାଇଛି । ଅବଶିଷ୍ଟ ୧୯ ଜଣ ରୋଗୀଙ୍କ ଚିକିତ୍ସା ଚାଲିଛି ସେମାନଙ୍କ ମଧ୍ୟରୁ ୩ ଜଣ ଶିଶୁ ୱାର୍ଡରେ ଏବଂ ୧୬ ଜଣ ବୟସ୍କ ୱାର୍ଡରେ ଆଡମିଟ ଅଛନ୍ତି । ଘଟଣା ଦିନ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ , ଯାଜପୁର ଜିଲ୍ଲାପାଳ ଏବଂ ବରିଷ୍ଠ ସ୍ୱାସ୍ଥ୍ୟ



ଅଧିକାରୀଙ୍କ ସହ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା ପରିଦର୍ଶନ କରିଥିଲେ । ଚିକିତ୍ସା କରୁଥିବା ଡାକ୍ତର ମାନଙ୍କ ସହ କଥା ହୋଇ ସେ ଆକ୍ରାନ୍ତ ରୋଗୀମାନଙ୍କ ପରିସ୍ଥିତିକୁ ବିସ୍ତୃତ ଭାବରେ ବୁଝିଥିଲେ । ପରେ ସର୍କିଟ୍ ହାଉସରେ ସମାଧାନ ନିମନ୍ତେ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ସମସ୍ତଙ୍କୁ ତ୍ୱରିତ ଚିକିତ୍ସା ନିମନ୍ତେ ଆଦେଶ ଦେଇଥିଲେ । ଆକ୍ରାନ୍ତମାନଙ୍କ ଚିକିତ୍ସା ନିମନ୍ତେ ଅତ୍ୟାବଶ୍ୟକୀୟ ଔଷଧ, ଓଆରଏସ ଏବଂ ଜରୁରୀକାଳୀନ ଯୋଗାଣର ପର୍ଯ୍ୟାପ୍ତ ପରିମାଣ ସୁନିଶ୍ଚିତ କରାଯାଇଛି । ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ୨୪ ଘଂଟିଆ ରୋଗୀ ତଦାରଖ ଏବଂ ଚିକିତ୍ସା ପ୍ରୋଟୋକଲ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଯାଂଚ ଅଭିଯାନକୁ ତୀବ୍ର କରିବା ସହ ସଚେତନତା କରାଯାଉଛି । ଆକ୍ରାନ୍ତ ଅଂଚଳରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠା ଯାଇଛି ।

## ପାୱାର ସିଷ୍ଟମ ସିମୁଲେସନ ଲାବୋରେଟୋରୀର ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ

ଭୁବନେଶ୍ୱର, ୪/୫(ନିପ୍ର): 'ଓଡ଼ିଶା ପାୱାର ଟ୍ରାନ୍ସମିସନ କର୍ପୋରେସନ ଲିମିଟେଡ' (ଓପିଟିସିଏଲ) ପକ୍ଷରୁ ସୋମବାର ଚନ୍ଦକାସ୍ଥିତ ପାୱାର ଟ୍ରେନିଂ ସେଂଟର (ପିଟିସି) ଠାରେ ଏକ ଅତ୍ୟାଧୁନିକ ପାୱାର ସିଷ୍ଟମ ସିମୁଲେସନ ଲାବୋରେଟୋରୀ ଉଦଘାଟନ ହୋଇଛି । ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସୁବିଧାର ଶୁଭାରମ୍ଭ କରିଛନ୍ତି । ଏହି ନୂତନ ଲାବୋରେଟୋରୀଟି ଓପିଟିସିଏଲର ବୈଷୟିକ ଦକ୍ଷତା, ଗ୍ରୀଡ୍ ପରିଚାଳନା ଏବଂ କାର୍ଯ୍ୟ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ପାଇଁ ପରିକଳ୍ପନା କରାଯାଇଛି । ଅତ୍ୟାଧୁନିକ ସିମୁଲେସନ ଉପକରଣ ଦ୍ୱାରା ସଜ୍ଜିତ ଏହି ଲ୍ୟାବ୍ ଇଞ୍ଜିନିୟରମାନଙ୍କୁ ଜଟିଳ ଗ୍ରୀଡ୍ ପରିସ୍ଥିତିର ମଡେଲିଂ କରିବା, ଲୋଡ୍ ଫ୍ଲୋ ବିଶ୍ଳେଷଣ କରିବା ଏବଂ ବାସ୍ତବ ସମୟରେ ବିଦ୍ୟୁତ ସଙ୍କଟ ବା ତ୍ରୁଟିପୂର୍ଣ୍ଣ ଅବସ୍ଥାର ଅନୁକରଣ କରିବାରେ ସାହାଯ୍ୟ କରିବ । ଏହାଦ୍ୱାରା ଓଡ଼ିଶାର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବା ଏବଂ ଅକ୍ଷୟ ଶକ୍ତିର ସଂଯୋଗୀକରଣ ପାଇଁ ଏକ ସୁଦୃଢ଼ ଓ ଭବିଷ୍ୟତ-ଉପଯୋଗୀ ଟ୍ରାନ୍ସମିସନ ନେଟୱାର୍କ ନିଶ୍ଚିତ ହୋଇପାରିବ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଏକ ଶକ୍ତିଶାଳୀ ପରିବହନ ନେଟୱାର୍କ ହିଁ ବିକଶିତ ଓଡ଼ିଶାର ମେରୁଦଣ୍ଡ । ଏହି ପାୱାର ସିଷ୍ଟମ ସିମୁଲେସନ ଲାବୋରେଟୋରୀ ଆମ ଇଞ୍ଜିନିୟରମାନଙ୍କୁ ଆଗାମୀ ଆହ୍ୱାନଗୁଡ଼ିକର ପୂର୍ବାନୁମାନ କରିବା ଶିଳ୍ପ, କୃଷି ତଥା ଘରୋଇ ଗ୍ରାହକମାନଙ୍କୁ ୨୪ ଘଣ୍ଟିଆ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାରେ ସହାୟତା କରିବ । ଏହି ପଦକ୍ଷେପ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସାକାର କରିବା ଦିଗରେ ଆମ ସରକାରଙ୍କ ଆଧୁନିକ ଓ ପ୍ରଯୁକ୍ତିଭିତ୍ତିକ ପ୍ରତିବଦ୍ଧତାକୁ ଦର୍ଶାଉଛି ।



## ଘରେ ପହଞ୍ଚିବ ଭତ୍ତା

ଭୁବନେଶ୍ୱର, ୪।୫: ରାଜ୍ୟରେ ଏବେ ଅସମ୍ଭାଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ପ୍ରତିଦିନ ପାରଦ ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ କେତେକ ସ୍ଥାନରେ ଏହା ୪୫ ଡିଗ୍ରୀ ମଧ୍ୟ ଅତିକ୍ରମ କଲାଣି । ଏହି ଭୟଙ୍କର ତାତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ମଧୁ ବାବୁ ପେନ୍ସନ୍ ଯୋଜନା ଅଧୀନରେ ଭତ୍ତା ପାଉଥିବା ବୃଦ୍ଧ, ଅସହାୟ ଓ ଭିନ୍ନକ୍ଷମମାନଙ୍କୁ ଆଉ ଖରାରେ ବାହାରକୁ ଆସିବାକୁ ପଡ଼ିବ ନାହିଁ । ଏଣିକି ସେମାନଙ୍କୁ ସେମାନଙ୍କ ଘର ଦୁଆରମୁହଁରେ ଭତ୍ତା ଯୋଗାଇ ଦିଆଯିବ ।

**AFFIDAVIT**

By virtue of an affidavit sworn before Executive Magistrate, Kuchinda, Sambalpur affidavit no.104 dtd.22.01.2026, I Amar Samad S/o-Hariyar Samad, Kuchinda NAC ward No.7 Churchpada, Po/Ps-Kuchinda, Dist-Sambalpur, Odisha, Pin-768222 do hereby declare that I have changed my residential address from GEL, Church, Kuchinda to At-Kuchinda Nac ward no.7 Churchpada, Po/Ps-Kuchinda, Dist-Sambalpur, Odisha-768222. Henceforth my address continues as the above address.

Sd/-Amar Samad

## ଦୃଢ଼ ଓ ବହୁମୁଖୀ ସଂଗଠନରେ ବିକଶିତ ହୋଇଛି ବୟନିକା

**ଭୁବନେଶ୍ୱର, ୪/୫(ନିପ୍ର):** ୧୯୫୬ ମସିହାରେ ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ୍ (ବୋୟାନିକା) ଆଜି ଭାରତର ହସ୍ତତନ୍ତ ଭୂଦୃଶ୍ୟରେ ଏକ ପରିଭାଷିତ ଅନୁଷ୍ଠାନ ଭାବରେ ଠିଆ ହୋଇଛି - ଐତିହ୍ୟ, ବିଶ୍ୱାସ ଏବଂ ସାମୂହିକ ପ୍ରଗତିର ଏକ ସ୍ଥାୟୀ ପ୍ରତିମୂର୍ତ୍ତି । ୫ ମଇ ୨୦୨୬ରେ ବୟନିକା ଏହାର ଉଲ୍ଲେଖନୀୟ ଯାତ୍ରାର ସତୁରି ବର୍ଷ ପୂରଣ କରୁଥିବାରୁ, ଏହି ମାଇଲଖୁଣ୍ଟ କେବଳ ସମୟର ସ୍ମାରକୀ ନୁହେଁ, ବରଂ ଏକ ଦୃଷ୍ଟିକୋଣର ଉତ୍ସବ ଯାହା ଗ୍ରାମୀଣ ଓଡ଼ିଶାର ତନ୍ତୁଗୁଡ଼ିକୁ ଦେଶ ଏବଂ ବାହାରର ବଜାର ସହିତ ସ୍ଥିର ଭାବରେ ସଂଯୋଗ କରିଛି, ଏବଂ ଏହାର ବୁଣାକାରମାନଙ୍କ ମର୍ଯ୍ୟାଦା ଏବଂ ଜୀବିକାକୁ ସଂରକ୍ଷଣ କରିଛି । ଏପରି ଏକ ସମୟରେ ଜନ୍ମଗ୍ରହଣ କରିଥିବା ବେଳେ ପାରମ୍ପରିକ ବୁଣାକାରମାନେ ହ୍ରାସ ପାଉଥିବା ପୃଷ୍ଠପୋଷକତା ଏବଂ ଖଣ୍ଡିତ ବଜାର ପ୍ରବେଶ ବିରୁଦ୍ଧରେ ସଂଘର୍ଷ କରିଥିଲେ, ବୟନିକା ନିରପେକ୍ଷ ବାଣିଜ୍ୟ, ସ୍ୱଚ୍ଛତା ଏବଂ ସ୍ଥାୟୀ ସୁଯୋଗ ସୁନିଶ୍ଚିତ କରିବା ପାଇଁ ଏକ ସଂରଚିତ ଏବଂ ବିଶ୍ୱସନୀୟ ପ୍ଲାଟଫର୍ମ ଭାବରେ ଉଭା ହୋଇଥିଲା । ସୀମିତ କାରବାର ଏବଂ ମାନବଶକ୍ତି ସହିତ ଏହାର ସାଧାରଣ ଆରମ୍ଭରୁ, ଏହା ୨୩୩ କୋଟି ଟଙ୍କାର କାରବାର ସହିତ ଏକ ଦୃଢ଼, ବହୁମୁଖୀ ସଂଗଠନରେ ବିକଶିତ ହୋଇଛି, ଆଜି ସାରା ଓଡ଼ିଶାରେ ଏବଂ ନୂଆଦିଲ୍ଲୀ ଏବଂ କୋଲକାତା ଭଳି ପ୍ରମୁଖ ମହାନଗରଗୁଡ଼ିକରେ ୪୦ଟି ଖୁଚୁରା ଦୋକାନର ନେଟୱାର୍କ ପରିଚାଳନା କରୁଛି । ଏହି ଆଉଟଲେଟ୍ କେବଳ ବାଣିଜ୍ୟର ବିନ୍ଦୁ ନୁହେଁ; ଏଗୁଡ଼ିକ ଓଡ଼ିଶାର ସାଂସ୍କୃତିକ ପରିଚୟର ଜୀବନ୍ତ ପ୍ରକାଶନ, ଯେଉଁଠାରେ ପ୍ରତ୍ୟେକ ବୁଣାକାର ପରମ୍ପରା, ଦକ୍ଷତା ଏବଂ ନିଜରତାର କାହାଣୀ ବର୍ଣ୍ଣନା କରେ । ଦଶନ୍ଧି ଧରି, ବୟନିକା ଏହାର ମୂଳ ମୂଲ୍ୟବୋଧରେ ମୂଳ ରହି ପରିବର୍ତ୍ତନଶୀଳ ସମୟ ସହିତ ନିରନ୍ତର ଗ୍ରହଣ କରିଛି । ଇ-କମର୍ସରେ ଏହାର ପ୍ରସାର ଓଡ଼ିଶାର ହସ୍ତତନ୍ତ ଉତ୍ପାଦଗୁଡ଼ିକୁ ଭୌଗୋଳିକ ସୀମା ଅତିକ୍ରମ କରି ଭାରତ ଏବଂ ବିଶ୍ୱ ପ୍ରବାସୀ ଗ୍ରାହକଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ କରିଛି, ଯେତେବେଳେ ଆଧୁନିକ ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ ସିଷ୍ଟମର କାର୍ଯ୍ୟାନ୍ୱୟନ ଏହାର କାର୍ଯ୍ୟରେ ଦକ୍ଷତା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ସୁଦୃଢ଼ କରିଛି ।




## ହାଇୱାକୁ ପିଟିଲା ବୋଲେରୋ : ୫ ମୃତ

ଯାଜପୁର,୪।୫(ନିପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବରଡା ବେହେରା ଟାଙ୍କୀ ଛକ ନିକଟରେ ସୋମବାର ସକାଳେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ହାଇୱା ପଛରେ ଧକ୍କା ଦେଇଛି ବୋଲେରୋ । ଫଳରେ ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ଘଟିଛି ଓ ୮ ଜଣ ଆହତ ହୋଇଛନ୍ତି । ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଛନ୍ତି ।ସୂଚନା ଅନୁସାରେ, ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ ଏମାନେ କେନ୍ଦୁଝରରୁ ବୋଲେରୋ ଯୋଗେ ଫେରୁଥିଲେ । ୫୩ ନମ୍ବର ଜାତୀୟ ରାଜପଥର ବରଡା ଛକ ନିକଟରେ ରାସ୍ତାକଡରେ ଛିଡା ହୋଇଥିବା ଏକ ହାଇୱା ପଛରେ ଜୋରଦାର୍ ଧକ୍କା ଦେଇଥିଲା ବୋଲେରୋ ।ଫଳରେ ଗାଡିରେ ଥିବା ଯାତ୍ରୀ ଚାପି ହୋଇଯାଇଥିଲେ । ସ୍ଥାନୀୟ ଲୋକ ଦୁର୍ଘଟଣା ସମ୍ପର୍କରେ ତୁରନ୍ତ ପୋଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଉଭୟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ । ତେବେ ଉଦ୍ଧାର ହୋଇଥିବା ଯାତ୍ରୀଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଯାଇଛି । ଚାଳକ ସମେତ ଅନ୍ୟ ୮ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ପ୍ରଥମେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ସ୍ଥାନାନ୍ତରିତ କରାଯାଇଛି । ମୃତକଙ୍କ ମଧ୍ୟରେ ୩ ଜଣ ମହିଳା, ଜଣେ ଯୁବତୀ ଏବଂ ଜଣେ ପୁରୁଷ ରହିଛନ୍ତି । ମୃତାହତମାନେ ସମସ୍ତେ ବଡଚଣା ଅଂଚଳର ବୋଲି ଜଣାପଡିଛି । ଘଟଣାସ୍ଥଳରେ ଯାଜପୁର ଏସଡିପିଓ, ବଡଚଣା ପୋଲିସ, ଜେନାପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସଡ଼କ ଦୁର୍ଘଟଣାରେ କାହ୍ନ ପୂର୍ତି (ପିତା – ଜୀବନ ପୂର୍ତି), ନମିତା ନାୟକ (ସ୍ୱାମୀ – ୯ସର୍ବେଶ୍ୱର ନାୟକ), ଗୀତା ପୂର୍ତି (ସ୍ୱାମୀ – କାହ୍ନ ପୂର୍ତି), ବଲ୍ଲା ମୁଣ୍ଡା (ସ୍ୱାମୀ-ରତ୍ନାକର ମୁଣ୍ଡା) ଏବଂ ମାଳତୀ ମୁଣ୍ଡା (ପିତା -ରତ୍ନାକର ମୁଣ୍ଡା) ଙ୍କର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏଥି ସହ ପ୍ରତ୍ୟେକ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି ।

## ଜଳ ସେଚନ ବିଭାଗ ପକ୍ଷରୁ ୬ ପ୍ରକଳ୍ପ ଶିଳାନ୍ୟାସ

ନିମାପଡ଼ା, ୪।୫(ନିପ୍ର): ନିମାପଡ଼ା ଜଳ ସଂପଦ ବିଭାଗ ପକ୍ଷରୁ ୬ଟି ପ୍ରକଳ୍ପ ଶିଳାନ୍ୟାସ କରାଯାଇ ୫ କୋଟି ଟଙ୍କା ବ୍ୟୟରେ ତାହା ନିର୍ମାଣ କରାଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସୂଚନା ଦେଇଥିଲେ । ବାମନାଳ କେନାଲ ବନ୍ଧର ଗୋପାଳପୁର-ଓହଳ ଉନ୍ନତି, ପାଟପୁର ସ୍ଥିତ କୁଶଭଦ୍ରା ନଦୀବନ୍ଧ ଉନ୍ନତିକରଣ, ପ୍ରହରାଜ ସାହିଠାରେ ନଦୀବନ୍ଧ ସୁରକ୍ଷା କାନ୍ଥ ଓ ସଂପ୍ରସାରଣ କାର୍ଯ୍ୟ ନିମନ୍ତେ ଶିଳାନ୍ୟାସ କରି ଶ୍ରୀମତି ପରିଡ଼ା ନିମାପଡ଼ାବାସୀଙ୍କୁ ଜଳସେଚନ ସୁବିଧାରେ ଉନ୍ନତି ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅଧୀକ୍ଷଣ ଯନ୍ତ୍ରୀ ପ୍ରିତମ ଚେତନ ପୋଥାଳ, ନିର୍ବାହୀ ଯନ୍ତ୍ରୀ ଶକ୍ତି ପ୍ରସାଦ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ଉନ୍ନତିମୂଳକ କାର୍ଯ୍ୟକୁ ସଠିକ୍ ସମୟରେ ସଂପନ୍ନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଓମ୍ ପ୍ରକାଶ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

• Only 29 Years as an Institute • 24 Years as a Deemed to be University

THE World University Rankings 2026 Asia
1st in Eastern India
169th in Asia

THE World University Rankings 2026
5th Among All Universities in India
501+ Cohort Globally

KIIT Accomplishes QS 5 Stars & QS I-GAUGE Platinum
Only University in Eastern India with QS 5-Star & Platinum Ratings
QS World University Rankings 2026
1st in Odisha & 8th in India among pvt. universities



• Best Campus — Outstanding infrastructure & world-class facilities
• Best Placement — Excellent Opportunities & Career Outcomes
• Best Environment & Ambience — Supportive learning environment with a vibrant campus atmosphere
• Student Friendly Campus — Student-centric approach with comprehensive support services
• Parent-Friendly Institution — Transparent communication & parent engagement

ADMISSION OPEN
KIITEE 2026 PHASE - 2
APPLY NOW
through KIIT Websites
www.kiitee.ac.in / www.kiit.ac.in
No Examination Fee (Computer-Based Test)
Scan to Apply
Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024
admission@kiit.ac.in kiitee.ac.in 8080 735 735

Key Rankings & Achievements
A++ Grade Accredited by NAAC
nirf 2025 17th Among Indian Universities
NBA Tier 1 Re-accredited by NBA
ABET (US) Accreditation
IET Accredited Programme — The Institution of Engineering and Technology
Special Consultative Status by the UN-ECOSOC
Partnership with UN Volunteers

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ